READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


## ୬ରେ ଭାରତ ଆସିବେ ପୁଟିନ୍



**ନୂଆଦିଲ୍ଲୀ :** ଆସନ୍ତା ୬ ତାରିଖରେ ଭାରତ ଗସ୍ତରେ ଆସିବେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୨୧ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବେ। ଶେଷଥର ପାଇଁ ୨୦୧୯ରେ ବ୍ରାଜିଲ୍‌ର ଉଭୟ ନେତା ବ୍ରିକ୍ସ ସମ୍ମିଳନୀରେ ପରସ୍ପରକୁ ଭେଟିଥିଲେ। ଏହାପର ଠାରୁ କରୋନା ପାଇଁ ସବୁ କିଛି ଆଲୋଚନା ଭର୍ଚ୍ୟୁଆଲ ମାଧ୍ୟମରେ ହେଉଥିଲା। କିନ୍ତୁ ଡିସେମ୍ବର ୬ରେ ମୋଦି ଓ ପୁଟିନ ପୁଣିଥରେ ପରସ୍ପରକୁ ମୁହାଁମୁହିଁ ଭେଟିବେ। ୨୦୧୯ ସେପ୍ଟେମ୍ବର ମାସରେ ଭାରତ-ରୁଷ ମଧ୍ୟରେ ବାର୍ଷିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।


ବର୍ଷ-୫ | ସଂଖ୍ୟା-୪୬ | ୨୯ ନଭେମ୍ବର - ୦୫ ଡିସେମ୍ବର, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-46 | 29th NOVEMBER - 5th DECEMBER, 2021 | BHUBANESWAR | ₹ 5/- (8 Pages)


### ବିକଳ ନେତୃତ୍ୱ ନା କୁତ୍ସିତ ରାଜନୀତି !

# ବୁଝାପଡୁନି ଅଣ୍ଡା ଫଣ୍ଡା

**ଭୁବନେଶ୍ୱର, (ତାରକ ମହାନ୍ତି) :** ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୀତିରେ ବିରୋଧାଭାଷ ନୂଆ ନୁହେଁ। ଆଗରୁ ଶାସକ ଓ ବିରୋଧୀଙ୍କ ମଧ୍ୟରେ ରାଜନୈତିକ ବିରୋଧ ଥିଲେ ବି ବ୍ୟକ୍ତିଗତ ସମ୍ପର୍କ ଶତ୍ରୁତାରେ ନଥିଲା। ମାତ୍ର ଆଜିକାଲି ନେତାଙ୍କୁ ବିରୋଧ କରିବା ନାଁରେ କର୍ମୀମାନେ ଏତେ ତଳ ସ୍ତରକୁ ଖସିବା କେବେ ଦେଖାଯାଇନଥିଲା। ଅହିଂସାର ପୂଜାରୀ ବୋଲାଉଥିବା ନେତା ଏବେ ଅତ୍ୟନ୍ତ ହିଂସ୍ର ଓ ଏକଛତ୍ରବାଦୀ ହୋଇପଡିବାର ଦେଖିବାକୁ




ମିଳୁଛି। ବର୍ତ୍ତମାନ ରାଜ୍ୟରେ ବିକ୍ଷୋଭ ଓ ବିରୋଧ ନାଁରେ ଅନେକ ହିଂସାତ୍ମକ ଘଟଣା ଘଟିବା ଫଳରେ ଗଣତନ୍ତ୍ର ବିପଦରେ ବୋଲି ମନେକରିବାକୁ ହେବ। ପୂର୍ବେ ଯେଉଁ ଶାନ୍ତିପୂର୍ଣ୍ଣ ବିରୋଧ କରାଯାଉଥିଲା ଏବେ ତାହାର ପରିଭାଷା ହିଂସାରେ ହିଁ ପରିଣତ ହୋଇଛି। ଆଗରୁ ନେତା ମନ୍ତ୍ରୀଙ୍କ ଗସ୍ତ କାଳରେ କଳାପତାକା ପ୍ରଦର୍ଶନ କରାଯାଉଥିଲା। କାଁ ଭାଁ ହିଂସାତ୍ମକ କାର୍ଯ୍ୟ ହୋଇଥିବାର ନଜିର ରହିଛି। ଏହାକୁ ଏକ ବ୍ୟବସ୍ଥା ଭିତ୍ତିକ ବିରୋଧ ବୋଲି କୁହାଯାଉଥିଲା। ଅତୀତର ରାଜନୀତି ପୃଷ୍ଠାରୁ ଯାହା ଜଣାପଡେ ଦିବଂଗତ କଂଗ୍ରେସ ନେତା ଲୁଲୁ ବାବୁଙ୍କ ସମୟରେ ଓଡ଼ିଶାରେ ଅଣ୍ଡା ଫିଙ୍ଗା ରାଜନୀତି ଆରମ୍ଭ ହୋଇଥିଲା। ସେହି ସମୟରେ ବିରୋଧୀ ଦଳ ନେତାଙ୍କୁ ବିରୋଧ ବେଳେ ଅଣ୍ଡା ମାଡ଼ କରୁଥିଲେ। ତେଣୁ ଅଣ୍ଡା ଫିଙ୍ଗା କଂଗ୍ରେସର ପରମ୍ପରା ବୋଲି କଥିତ ଅଛି। କିନ୍ତୁ ବର୍ତ୍ତମାନ ଯାହା ଦେଖିବାକୁ ମିଳୁଛି ରାଜ୍ୟକୁ ଆସୁଥିବା କେନ୍ଦ୍ର ମନ୍ତ୍ରୀଙ୍କୁ ବିରୋଧ କାଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅଣ୍ଡା ମାଡ଼ ହେଉଛି। ସିଏ କେନ୍ଦ୍ର ମନ୍ତ୍ରୀ ହୁଅନ୍ତୁ ବା ସାଂସଦ। ନିକଟରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ଗସ୍ତ କାଳରେ ବିଜେପି କର୍ମୀ ଲୁଚି ରହି ମୁଖ୍ୟମନ୍ତ୍ରୀଙ୍କ କ୍ୟାରକେଡ ଉପରେ ଅଣ୍ଡାମାଡ଼ କରିଥିଲେ। ସୂଚନାଯୋଗ୍ୟ ଏହି ଘଟଣା ଯେଉଁଦିନ ଘଟିଲା ମୁଖ୍ୟମନ୍ତ୍ରୀ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ➤ ପୃ-୬

# ଏସ୍‌ସିବିରେ ମିଳିବ ବିଶ୍ୱସ୍ତରୀୟ ଚିକିତ୍ସା

**ଭୁବନେଶ୍ୱର :** ୨୦୨୪ ମସିହା ଜାନୁଆରୀ ୧ ତାରିଖରେ ଦେଶବାସୀ ଦେଖିବେ ସ୍ୱାସ୍ଥ୍ୟ ସେବାର ବଡ଼ ଉଦାହରଣ। ୨୦୨୪ ଆରମ୍ଭରୁ ରୂପାନ୍ତରିତ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ହେଉଛି ନବକଳେବର। ଏଥିପାଇଁ ଖର୍ଚ୍ଚ ହେବ ୩୫୦୦ କୋଟି ଟଙ୍କା। ସାଧାରଣ ଲୋକଙ୍କୁ ମିଳିବ ବିଶ୍ୱସ୍ତରୀୟ ଚିକିତ୍ସା। ୫ଟି କାର୍ଯ୍ୟକ୍ରମ ଅଧୀନରେ ହେଉଛି ନବକଳେବର ହେଉଛି ଏସସିବି ମେଡ଼ିକାଲ କଲେଜ। ଏସ୍‌ସିବିକୁ ଏମ୍ସ ପ୍ଲସ୍ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଏସସିବି ନବୀକରଣ କାର୍ଯ୍ୟ ସମୀକ୍ଷା ଅବସରରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ହେଉଛି ଓଡ଼ିଶାବାସୀଙ୍କର ଭରସାର କେନ୍ଦ୍ର। ମେଡିକାଲ



କଲେଜ ଓ ହସ୍ପିଟାଲ ପାଇଁ ସରକାରୀ ସ୍ତରରେ ଏହା ଦେଶର ସର୍ବବୃହତ ପ୍ରକଳ୍ପ। ୫ ହଜାର ଶଯ୍ୟା ସହିତ ଡାକ୍ତର, ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଏଠାରେ ରହିବ। ୧୭୫ ଏକର ଜମିରେ ହେଉଥିବା ଏହି ଏମ୍ସ ପ୍ଲସ୍ ମେଡିକାଲରେ ପ୍ରଥମ ପର୍ଯ୍ୟାୟରେ ଶଯ୍ୟାସଂଖ୍ୟା ରହିବ ୩ ହଜାର ୫ ଶହ ଓ ଦ୍ୱିତୀୟ ପର୍ଯ୍ୟାୟରେ ଏହାକୁ ୫ ହଜାରକୁ ବୃଦ୍ଧି କରାଯିବ। ➤ ପୃ-୬

# ‘ଗରିବଙ୍କୁ ସଶକ୍ତ କରିଛି ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ’

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଓ ଭର୍ଚୁଆଲ ମାଧ୍ୟମରେ ଭଦ୍ରକ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ବାଲେଶ୍ୱରର ୨୦ ଲକ୍ଷ ଲୋକ ଏହି ସୁବିଧା ପାଇବା ବେଳେ ଭଦ୍ରକର ୧୧ ଲକ୍ଷରୁ ଅଧିକ ଲୋକ ସ୍ମାର୍ଟ କାର୍ଡ ପାଇବେ। ଏହାସହିତ ରାଜ୍ୟର ୨୧ଟି ଜିଲ୍ଲାର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେ। ଏହି ଅବସରରେ ବାଲେଶ୍ୱର ପାଇଁ ମୁଖ୍ୟମନ୍ତ୍ରୀ ୧୫୦୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତଙ୍କ ପାଖରେ ଭଲ ପିଇବା




ପାଣି ପହଞ୍ଚାଇବା ଆମର ଏକ ମୁଖ୍ୟ ଲକ୍ଷ୍ୟ। ବାଲେଶ୍ୱରର ୬ଟି ବ୍ଲକ୍‌ରେ ୯୦୦ କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ମେଗା ପାଇପ ପାଣି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହାଦ୍ୱାରା ୬୬୦ଟି ଗାଁର ୬.୫୦ ଲକ୍ଷ ଲୋକ ଭଲ ପିଇବା ପାଣି ପାଇପାରିବେ। ମାଛ ଉତ୍ପାଦନରେ ବାଲେଶ୍ୱର ଏକ ଆଗୁଆ ଜିଲ୍ଲା ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଲ୍ଲାର ମତ୍ସ୍ୟଜୀବୀ ମାନଙ୍କ ସୁବିଧା ପାଇଁ ବସ୍ତା ଠାରେ ୨୦ ଏକର ଜମିରେ ➤ ପୃ-୬

### ସୁପ୍ରିମକୋର୍ଟରେ କୋଟିଆ ମାମଲା

# ଆନ୍ଧ୍ରକୁ ଝଟ୍‌କା

**ନୂଆଦିଲ୍ଲୀ :** କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜ ବିବାଦକୁ ନେଇ ଓଡ଼ିଶା ସରକାରଙ୍କ ଦ୍ୱାରା ଦାଏର ଅଦାଲତ ଅବମାନନା ମାମଲାକୁ ଖାରଜ କରିବା ପାଇଁ ଆନ୍ଧ୍ରପ୍ରଦେଶ ସରକାରଙ୍କ ଅନୁରୋଧକୁ ଆଜି ସୁପ୍ରିମକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି। କୋଟିଆ ସୀମାବିବାଦ ପ୍ରସଙ୍ଗର ରାଜନୀତିକ ସମାଧାନ ପାଇଁ ଉଭୟ ରାଜ୍ୟ ଏବେ ପ୍ରୟାସ କରୁଥିବାରୁ ଏହି ଅଦାଲତ ଅବମାନନା ମାମଲାକୁ ଖାରଜ କରିବା ନିମନ୍ତେ ସୁପ୍ରିମକୋର୍ଟରେ ଆନ୍ଧ୍ରପ୍ରଦେଶ ସରକାର ଅନୁରୋଧ କରିଥିଲେ। କୋଟିଆ ଗ୍ରାମପୁଞ୍ଜକୁ ନେଇ ଉଭୟ ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶା ସରକାରଙ୍କୁ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ସୁପ୍ରିମକୋର୍ଟ




ପ୍ରାୟ ୫୦ବର୍ଷରୁ ଅଧିକ ସମୟ ଧରି ଦେଇଥିବା ନିର୍ଦ୍ଦେଶକୁ ଆନ୍ଧ୍ରପ୍ରଦେଶ ସରକାର ଉଲ୍ଲଙ୍ଘନ କରିଥିବା ଦର୍ଶାଇ ଓଡ଼ିଶା ସରକାର ଗତ ଫେବୃୟାରୀ ୧୦ତାରିଖରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରେ ଆଜି ଜଷ୍ଟିସ ଏଏମ୍ ଖାନୱିଲକର ଓ ଜଷ୍ଟିସ ସିଟି ରବିକୁମାରଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଓଡ଼ିଶା ସରକାରଙ୍କ ଓକିଲ ନିରଞ୍ଜନ ସାହୁ କହିଛନ୍ତି ଯେ, ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି କି ଓଡ଼ିଶା ସରକାରଙ୍କ ଦ୍ୱାରା ଦାଏର ଅଦାଲତ ଅବମାନନା ଅଭିଯୋଗ ସୁପ୍ରିମକୋର୍ଟଙ୍କ ବିଚାର ପାଇଁ ରହିଛି। ଯଦି ଦୁଇ ରାଜ୍ୟ ମଧ୍ୟରେ ଆପୋଷ ସମାଧାନ ହୋଇନପାରିବ ତା’ହେଲେ ଆନ୍ଧ୍ରପ୍ରଦେଶ ସରକାର ଅଦାଲତ ଅବମାନନା କରିଛନ୍ତି କି ନାହିଁ ତାକୁ କୋର୍ଟ ବିଚାର କରିବେ। କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁୟାରୀ ମାସ ପ୍ରଥମ ସପ୍ତାହକୁ ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁସାରେ, ଏହି ମାମଲାର ଶୁଣାଣି ପୂର୍ବରୁ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ➤ ପୃ-୬

## ବକ୍ରବାଣୀ



ତେଲ ଗ୍ୟାସ୍ ଭାଉ ବାଧୁଚି ଯାଙ୍କୁ
ବିଜୁଳି ଦରଟା ବାଧୁଚି ତାଙ୍କୁ
ଗରୀବକୁ ବାଧେ ଦିଇଟା ଯାକ
ନେତା କି ବୁଝନ୍ତି ଗରୀବ ଦୁଃଖ
ଭୋଟ ପାଇଁ ନେତା ଗପ ଶୁଣାନ୍ତି
ଭୋଟ୍ ସରିଗଲେ ଭୁଲି ଯାଆନ୍ତି
ନବେ ଭାଗ ଲୋକ ଗରୀବ ଏଠି
ଧରମ ନାଁଆରେ ଖଟନ୍ତି ବେଠି
ନେତାଏ ଲୁଟନ୍ତି କର ବସେଇ
ହୋର୍ଡିଙ୍ଗ ମାରନ୍ତି ଦାନ୍ତ ଦେଖେଇ।

—ଟୁଟୁ

### ମାଳମାଳ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍

# ବିଇଓଙ୍କ ମୁଣ୍ଡରେ କାହାର ହାତ ?

**ଭଦ୍ରକ, (ଜିଲ୍ଲା ପ୍ରତିନିଧି) :** ରାଜ୍ୟ ସରକାର ଦୁର୍ନୀତିଗ୍ରସ୍ତ ଓ ଅପାରଗ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଥିଲା ବେଳେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ୫-ଟି’ ଛାଟରୁ ବର୍ତ୍ତିଯିବା ପଛର ରହସ୍ୟକୁ ନେଇ ସବୁଠି ଚର୍ଚ୍ଚା। ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ବିକାଶ କୁମାର ଧଳଙ୍କ ତଥ୍ୟ ଆଧାରରେ ଯାହା ଜଣାପଡିଛି ବିଇଓ ମହାଶୟ କୌଣସି ସରକାରୀ ନୀତିନିୟମ ମାନୁନାହାନ୍ତି। ଏହି ବ୍ଲକରେ କିଛି ଶିକ୍ଷକଙ୍କ ମୂଳଜାତି ଏସ୍‌ସି ହୋଇଥିବା ବେଳେ ସେମାନେ ନିଜ ଜାତିକୁ ବିଭିନ୍ନ ଉପାୟରେ ଜାଲିଆତି କରି ଏସ୍‌ଟି କରିଥିବା ଜଣାପଡିବା ପରେ ଆରଡିସିଙ୍କ ତରଫରୁ ଏହାର ତଦନ୍ତ କରି ଜବାବ ପ୍ରଦାନ ନିମନ୍ତେ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ହୋଇଥିବା




ବେଳେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟପନ୍ଥା ସନ୍ଦେହଘେରରେ। କାରଣ ବିଇଓ ତଥ୍ୟ ଜାଲିଆତି କରିଥିବା ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ତାଙ୍କୁ ପଦୋନ୍ନତି ଦେଇ ଚର୍ଚ୍ଚାରେ ରହିଛନ୍ତି। ସମସ୍ତ ନୀତିନିୟମ ଉଲ୍ଲଙ୍ଘନ କରି ବର୍ଷବର୍ଷ ଧରି ସରକାର ଦେଉଥିବା ଘରଭଡା ବାବଦ ଅର୍ଥ ହରିଲୁଟ୍ ହୋଇଥିବା କଥା ମଧ୍ୟ ନଜରକୁ ଆସିଛି। ବିଇଓଙ୍କ ଦ୍ୱାରା ହୋଇଥିବା ଏଭଳି ଅନେକ ଅନିୟମିତତାର ତଥ୍ୟ (ଅଡିଓ, ଭିଜୁଆଲ) ସୂଚନା ଅଧିକାର କର୍ମୀଙ୍କ ହାତରେ ଲାଗିଛି। ଏଣେ ସରକାର ଶିକ୍ଷା ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରୟାସ କରୁଥିଲା ବେଳେ ଜଣେ ବିଇଓଙ୍କ ଦୁର୍ନୀତି ବିରୋଧରେ ମାଳମାଳ ଅଭିଯୋଗ। ବିଇଓଙ୍କ ଦୁର୍ନୀତି ବିରୁଦ୍ଧରେ ଅନେକ ଅଭିଯୋଗ ହେଉଥିଲେ ବି ସେ ଏହାକୁ ବାଏଁ ବାଏଁ ଉଡାଇଦେବା ସହିତ କହି ବୁଲୁଛନ୍ତି ଯେ, ସେ ବବିବାବୁଙ୍କ ଖାସ୍‌ଲୋକ। ତେଣୁ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ଖୋଲାଖୋଲି କହୁଛନ୍ତି। କେବଳ ସେତିକି ନୁହେଁ, ବିଇଓଙ୍କ କହିବା କଥା ଭଣ୍ଡାରୀପୋଖରୀ ବିଧାୟକ ମଧ୍ୟ ତାଙ୍କ ପକେଟରେ। କିଏ ମୋର ... ଉପାଡିବ। ବିଇଓଙ୍କ ବିରୁଦ୍ଧରେ ହେଉଥିବା ଅଭିଯୋଗ ମଧ୍ୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସରକାରୀ କାର୍ଯ୍ୟାଳୟକୁ ନଡାକି ➤ ପୃ-୬

# ଦାରିଦ୍ର୍ୟ ତାଲିକାରେ ଓଡ଼ିଶା ୯ ନମ୍ବର

### ପ୍ରତି ତିନି ଜଣରେ ଜଣେ ଗରିବ

**ଭୁବନେଶ୍ୱର :** ଦାରିଦ୍ର୍ୟ ଦୂରୀକରଣ ପାଇଁ ରାଜ୍ୟ ସରକାର କେତେ କଣ ଯୋଜନା ପ୍ରଣୟନ କରୁଛନ୍ତି। ଏହା ସତ୍ତ୍ୱେ କମୁନି ପେଟର ଦୁଃଖ। ଏବେବି ଯନ୍ତ୍ରଣାରେ ଜର୍ଜରିତ ହେଉଛନ୍ତି ଗରିବ। ଦାରିଦ୍ର୍ୟ ତାଲିକାରେ ଓଡ଼ିଶା ୯ମ ସ୍ଥାନରେ ଥିବା ବେଳେ ପ୍ରତି ତିନି ଜଣରେ ଜଣେ ଗରିବ ରହିଛନ୍ତି। ଅର୍ଥାତ୍ ରାଜ୍ୟର ୨୯.୩୫ ପ୍ରତିଶତ ଲୋକ ଗରିବ ରହିଥିବା ନୀତି ଆୟୋଗର ସଦ୍ୟତମ ବହୁମୁଖୀ ଦାରିଦ୍ର୍ୟ ରିପୋର୍ଟରୁ ଜଣାପଡ଼ିଛି। ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁସାରେ ଓଡ଼ିଶାର ୩ ପଛୁଆ ଜିଲ୍ଲା- ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟରେ ସ୍ଥିତି ଆହୁରି ଖରାପ ରହିଛି। ନବରଙ୍ଗପୁରର ୫୯.୩୨% ଲୋକ ଗରିବ ହୋଇଥିବା ବେଳେ ମାଲକାନଗିରିର ୫୮.୭୧% ଓ କୋରାପୁଟର ୫୧.୧୪% ଲୋକଙ୍କ ଆର୍ଥିକ ଅବସ୍ଥା ଅତି



ଦୟନୀୟ ରହିଛି। ପ୍ରଥମ ଥର ଲାଗି ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ଦାରିଦ୍ର୍ୟ ରିପୋର୍ଟରେ କେବଳ କ୍ଷୁଧା ବା ଅନାହାରକୁ ମାନଦଣ୍ଡ ହିସାବରେ ନିଆଯାଇନି। ଗରିବର ସଂଜ୍ଞା ନିର୍ଦ୍ଧାରଣ ଲାଗି ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ବିଜୁଳି ବ୍ୟବହାର, ସ୍ୱଚ୍ଛ ଇନ୍ଧନ ବ୍ୟବହାରକୁ ମଧ୍ୟ ବିଚାରକୁ ନିଆଯାଇଛି। ଓଡ଼ିଶାର ୧୬ଟି ଜିଲ୍ଲାର ଦାରିଦ୍ର୍ୟ ହାର ଜାତୀୟ ହାରଠାରୁ ଉପରେ ରହିଛି। ଏମିତିକି ଖଣିଜ ପଦାଥ ସମୃଦ୍ଧ ➤ ପୃ-୬






# ପଞ୍ଚାୟତ ନିର୍ବାଚନ ଓଡିଶାରେ ସରକାର ପରିବର୍ତ୍ତନର ମୂଳଦୁଆ ପକାଇବ : ବିଜେପି

**ଭୁବନେଶ୍ୱର :** ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମି ବିପର୍ଯ୍ୟସ୍ତ, କିନ୍ତୁ ହେଲ୍‌ଥ ସ୍ମାର୍ଟ ବଣ୍ଟନ କରାଯାଉଛି । କୋଟି କୋଟି ଟଙ୍କାର ରାଜସ୍ୱ ଖର୍ଚ୍ଚ କରି ହେଲ୍‌ଥ କାର୍ଡ ବଂଟନ କାର୍ଯ୍ୟର ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲା ଗସ୍ତ କରୁଛନ୍ତି । ମଞ୍ଚରେ ବସି ରହି ନିଜ ଭାଷଣର ଭିଡିଓକୁ ନିଜେ ଦେଖି ତାଳି ମଧ୍ୟ ମାରୁଛନ୍ତି । ଅନ୍ୟ ପଟେ ଭୋଟ ଦେଇ ତାଙ୍କୁ ଶାସନ କ୍ଷମତାର ଡୋରୀ ଦେଇଥିବା ରାଜ୍ୟବାସୀଙ୍କ ପ୍ରଶ୍ନର ଉତର ଜବାବ୍ ଦେଉନାହାନ୍ତି । ବିଭିନ୍ନ ସ୍ଥାନ ବୁଲୁଛନ୍ତି, କିନ୍ତୁ କିଛି କହୁନାହାନ୍ତି । ଏପରିକି ବିଧାନସଭା ଓ ଲୋକସେବା ଭବନକୁ ମଧ୍ୟ ଯାଉନାହାନ୍ତି । ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବାବେଳେ ମୁଖ୍ୟମନ୍ତ୍ରୀ କାହିଁକି ନୀରବ ରହିଛନ୍ତି ? ମୁଖ୍ୟମନ୍ତ୍ରୀଙ୍କ ପାଟିରେ କିଏ ତାଲା ପକାଇଛି ବୋଲି କାର୍ଯ୍ୟକାରିଣୀକୁ ସମ୍ବୋଧନ ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି । ରାଜ୍ୟର ସାଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଆଜିର କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସରକାରଙ୍କ ଅପାରଗତା ଓ ନିଷ୍କ୍ରିୟତା ସଂପର୍କରେ ଆଲୋଚନା ହେବା ସହ ଆଗାମୀ ଦିନରେ ବିଜେପିର ରୋଡ ମ୍ୟାପକୁ ନେଇ ବ୍ୟାପକ ଆଲୋଚନା ହୋଇଥିଲା । ଗତ କାଲି ରାଜ୍ୟ ପଦାଧିକାରୀ ବୈଠକରେ ଆଗତ ହୋଇଥିବା ସମସ୍ତ ପ୍ରସଙ୍ଗରେ ଆଜିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ପାରିତ କରାଯାଇଅଛି । ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ସହପ୍ରଭାରୀ ବିଜୟ ପାଲ ସିଂହ ତୋମାର, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟ ସାଧାରଣ ସଂପାଦକ




(ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକାରିଣୀ ଉଦଘାଟନ ଅବସରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ବନ୍ଦେ ମାତରଂ ଗାନ କରାଯାଇଥିଲା । ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ରାଜ୍ୟ ଉପସଭାପତି ତଥା ବିଧାୟକ ଶ୍ରୀ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର ଶୋକ ପ୍ରସ୍ତାବ ଆଗତ କରିଥିଲେ ଏବଂ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ଗତ ରାଜ୍ୟ କାର୍ଯ୍ୟକାରିଣୀ ଗ୍ରହଣ କରାଯାଇଥିବା ନିଷ୍ପତି ଏବଂ ପଦକ୍ଷେପ ପ୍ରସଙ୍ଗ ସମେତ ବର୍ତ୍ତମାନ ସୁଦ୍ଧା ଜାରୀ ରହିଥିବା ଦଳୀୟ କାର୍ଯ୍ୟକ୍ରମ ପ୍ରସଙ୍ଗରେ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଅନୁଷ୍ଠିତ ହେଉଥିବା ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ବେକାର କଥାରେ ମନ ଦିଅନ୍ତୁ। ଜଲଦି ଧନ କମାଇବାକୁ ମନ ବଳାନ୍ତୁ ନାହିଁ। ଶିକ୍ଷା କ୍ଷେତ୍ରରେ ଛାତ୍ରମାନଙ୍କୁ ସାକାରାତ୍ମକ ସଫଳତା ମିଳିବ। ପ୍ରେମୀମାନେ ନିକଟତର ହୋଇପାରନ୍ତି। ମାଆଙ୍କ ଠାରୁ ସହଯୋଗ ପାଇବେ।

**ବୃଷ** ଆୟରେ ବୃଦ୍ଧି ହୋଇପାରେ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ କରି ସଞ୍ଚୟ କରିବେ। ଘର ଲୋକ ଓ ବନ୍ଧୁଙ୍କ ସହଯୋଗ ପାଇବେ। ପରିବାରର କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପାଇଁ ମନ ଅସ୍ଥିର ରହିବ। ଛାତ୍ରମାନେ ପାଠରେ ମନଦେବେ।

**ମିଥୁନ** ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ତୀର୍ଥଯାତ୍ରାରେ ଯାଇପାରନ୍ତି। ଆର୍ଥିକ ସମସ୍ୟାରେ ପଡିପାରନ୍ତି। ନିଜ ଲୋକଙ୍କୁ ବହୁତ ଦିନପରେ ସାକ୍ଷାତ କରିପାରନ୍ତି। ଛାତ୍ରମାନେ ନିଜ ଦୁର୍ବଳତା ଉପରେ ବିଜୟ ପାଇବା ପାଇଁ ଚେଷ୍ଟା କରିପାରନ୍ତି।

**କର୍କଟ** ଛୋଟ ଛୋଟ ବେମାରୀରେ ପଡିପାରନ୍ତି। ବ୍ୟବସାୟରେ ବୃଦ୍ଧି କରିପାରନ୍ତି। ପରିବାରରେ ସମୟ କଟାଇବେ। ଧନ ନେଣଦେଣରେ ସତର୍କ ରହନ୍ତୁ। ପଦୋନ୍ନତି ହୋଇପାରେ। ଅତିଥି ଆସିପାରନ୍ତି।

**ସିଂହ** ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଧନହାନୀ ହୋଇପାରେ। ସତର୍କ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପୂର୍ବର ସମସ୍ୟା ସମାଧାନ ହେବ। ପରିଶ୍ରମର ଫଳ ମିଳିବ। ଦାମ୍ପତ୍ୟ ଜୀବନରେ ଅନେକ ପ୍ରତିବନ୍ଧକ ଦେଖାଦେବ।

**କନ୍ୟା** ଦାନ୍ତ ଓ ଆଖି ସମ୍ବନ୍ଧୀୟ ପୀଡା ହୋଇପାରେ। ଅର୍ଥ ବିନିଯୋଗ ପାଇଁ ସପ୍ତାହଟି ଉତ୍ତମ, ଯେକୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ପରାମର୍ଶ କରନ୍ତୁ। ଉଚ୍ଚଶିକ୍ଷା ପାଇଁ ଛାତ୍ରମାନଙ୍କ ସମୟ ଭଲ।

**ତୁଳା** ମାଂସପେଶୀରେ କଷ୍ଟ ମିଳିପାରେ। ଆର୍ଥିକ ସ୍ଥିତି ଭଲ ଓ ଅନୁକୂଳ। ଘର କାମରେ ମନଦେବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରମାନଙ୍କୁ ନିଜ ଇଚ୍ଛାରେ ଭଲ ଯାଗାରେ ପଢ଼ିବାର ସୁଯୋଗ ପାଇବେ।

**ବିଛା** ଯାତ୍ରାରୁ ଦୂରରେ ରହନ୍ତୁ। ଆଶାରୁ ଅଧିକ ଆୟ ହୋଇପାରେ। ପରିବାରର ବିବାଦର ସମାଧାନ ହେବ। ସମସ୍ତ ପରିବନ୍ଧକକୁ ସଫଳତାର ସହ ସାମନା କରିବେ। ପ୍ରେମୀମାନେ ସମସ୍ୟା ସାମାଧାନ ପାଇଁ ପ୍ରୟାସ କରିବେ।

**ଧନୁ** ତାଜା ଫଳ ଓ ସବୁଜ ପରିବା ସେବନ କରନ୍ତୁ। ଧନ ଖର୍ଚ୍ଚରେ ଲଗାମ ଲଗାନ୍ତୁ। ଘରର କୌଣସି ପୁରୁଣା କାମରେ ସମୟ ଦେବେ। କାର୍ଯ୍ୟକ୍ଷେତ୍ରରେ ବିରକ୍ତ ହୁଅନ୍ତୁ ନାହିଁ। ଛାତ୍ରମାନେ ପ୍ରତିବନ୍ଧକ ହୋଇପାରେ।

**ମକର** ପୂର୍ବର ଆଣ୍ଠୁଗଣ୍ଠି କଷ୍ଟରୁ ନିସ୍ତାର ମିଳିବ। ବେଆଇନ ଧନ ରୋଜଗାର ପାଇଁ ମନ ବଳାନ୍ତୁନାହିଁ। ଧନହାନୀ ହୋଇପାରେ। ଛାତ୍ରମାନଙ୍କୁ ସଫଳତା ପାଇଁ ଅଧିକ କଷ୍ଟ କରିବାକୁ ପଡିବନାହିଁ।

**କୁମ୍ଭ** ସ୍ୱାସ୍ଥ୍ୟ ଅନୁକୂଳ। ଧନଲାଭ ଯୋଗ ଅଛି। ବୁଲିବା କାର୍ଯ୍ୟକ୍ରମ ସ୍ଥଗିତ ହୋଇପାରେ। ଛାତ୍ରମାନଙ୍କୁ ଇଚ୍ଛାନୁସାରେ ଭଲ ଅନୁଷ୍ଠାନରେ ନାମ ଲେଖାଇ ପାରନ୍ତି। ଜୀବନସାଥୀଙ୍କ ସହ ଝଗଡା ହୋଇପାରେ।

**ମୀନ** ପୁରୁଣା ରୋଗରୁ ମୁକ୍ତି ମିଳିବ। ଯାତ୍ରା ସମୟରେ ସତର୍କ ରହନ୍ତୁ। ନିରାଶରେ ଥିବା ଯାଗାରୁ ଧନପ୍ରାପ୍ତି ହୋଇପାରେ। ନୂଆ ଯାନବାହନ କିଣିପାରନ୍ତି। ନିଜ ଲୋକ ବିଶ୍ୱାସଘାତ କରିପାରନ୍ତି। ପ୍ରେମରେ ଖରାପ ବ୍ୟବହାର ସମ୍ପର୍କକୁ ବିଗାଡି ଦେଇପାରେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ବନ୍ଦ ହେବନି ଗରିବ କଲ୍ୟାଣ ଯୋଜନା

# ପୁଣି ୪ ମାସ ମିଳିବ ମାଗଣା ରାସନ

**ନୂଆଦିଲ୍ଲୀ :** ମହାମାରୀ କରୋନା ଜନିତ ଯନ୍ତ୍ରଣାକୁ ଲାଘବ କରିବା ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ବଡ଼ ଘୋଷଣା କରିଛନ୍ତି। ଦେଶବାସୀଙ୍କୁ ମାଗଣା ରାସନ ଯୋଗାଇ ଦେବାକୁ କେନ୍ଦ୍ର ସରକାର ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଅବଧିକୁ ଆଉ ୪ ମାସ ଅର୍ଥାତ ଆସନ୍ତାବର୍ଷ ମାର୍ଚ୍ଚ ମାସ ଯାଏ ବୃଦ୍ଧି କରାଯାଇଛି। ଦୀର୍ଘ ଦେଢ଼ ବର୍ଷରୁ ଅଧିକ ସମୟ ହେଲାଣି କେନ୍ଦ୍ର ସରକାରର ପ୍ରତି ମାସରେ ଲୋକଙ୍କୁ ମାଗଣା ରାସନ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଏହାର ଅବଧି ଡିସେମ୍ବରରେ ଶେଷ ହେବାର ଥିଲା। କିନ୍ତୁ ଏବେ ଏହାକୁ ୨୦୨୨ ମସିହା ମାର୍ଚ୍ଚ ମାସ ଯାଏ ବୃଦ୍ଧି କରାଯାଇଛି। ଏହାର ଅର୍ଥ ମାର୍ଚ୍ଚ ମାସ ଯାଏ ଦେଶର ଗରିବ ଲୋକମାନେ ମାଗଣା ରାସନ ସାମଗ୍ରୀ ପାଇବେ। ଏ ସଂକ୍ରାନ୍ତ ପ୍ରସ୍ତାବ ଉପରେ ବୁଧବାର କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପିଏମ ଗରିବ କଲ୍ୟାଣ ଯୋଜନା ଫେଜ ୫କୁ ମାର୍ଚ୍ଚ ମାସ ଯାଏ କାର୍ଯ୍ୟକାରୀ କରାଯିବ। ଏହି ପର୍ଯ୍ୟାୟରେ ପ୍ରାୟ ୧୬୩ ମେଟ୍ରିକ ଟନ୍ ଖାଦ୍ୟ ସାମଗ୍ରୀ ଲୋକଙ୍କୁ ଦିଆଯିବ। ଏଥିପାଇଁ ଅତିରିକ୍ତ ୫୩୩୪୪. ୫୨ କୋଟିର ସବସିଡି ବ୍ୟବସ୍ଥା ହୋଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଥିବା ସମସ୍ତ ଲୋକଙ୍କୁ ମାସିକ



ଅତିରିକ୍ତ ଭାବେ ୫ କେଜିର ଖାଦ୍ୟ ସାମଗ୍ରୀ ମାଗଣାରେ ଯୋଗାଇ ଦିଆଯିବ। ଏହାଦ୍ୱାରା ପ୍ରାୟ ୮୦ କୋଟି ଲୋକ ଲାଭବାନ ହେବେ। ଲୋକଙ୍କୁ ୬୦୦ ଲକ୍ଷ ମେଟ୍ରିନ ଟନ୍ ଖାଦ୍ୟ ସାମଗ୍ରୀ ଦିଆଯିବାକୁ ମଞ୍ଜୁରୀ ମିଳିଛି। ଏହା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୫୪୧ ମେଟ୍ରିନ ଟନ୍ ଖାଦ୍ୟ ସାମଗ୍ରୀ ଦିଆଯାଇ ସରିଛି। ପୂର୍ବରୁ ୧୫ ମାସ ହେଲା ମାଗଣା ରାସନ ପ୍ରଦାନ କରାଯାଉଥିଲା। ଏବେ ଏଥରେ ଆଉ ୪ ମାସ ଯୋଡ଼ା ଯାଇଛି। ଏହାର ଅର୍ଥ ଏହି ମାଗଣା ରାସନ ଯୋଜନା ପାଇଁ ମୋଟ ଉପରେ ୨ ଲକ୍ଷ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅନ୍ତର୍ଗତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ମୁଣ୍ଡପିଛା ମାସକୁ ୫ କିଲୋ ଚାଉଳ ଓ କାର୍ଡ ପିଛା ୧ କିଲୋ ଡାଲି ମାଗଣାରେ ଯୋଗାଇ ଦିଆଯାଉଛି। ଏବେ ଓଡ଼ିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦.୨୬ ଲକ୍ଷ ପରିବାରର ୨.୮୬ କୋଟି ଲୋକ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୧୨.୫୯ ପରିବାରର ୩୮.୬୪ ଲକ୍ଷ ଲୋକ ଓ ରାଜ୍ୟ ଖାଦ୍ୟ ଯୋଜନାରେ ୧.୧୬ ଲକ୍ଷ ପରିବାରର ୩.୭୮ ଲକ୍ଷ ଲୋକଙ୍କୁ ମାଗଣା ଚାଉଳ ଓ ଡାଲି ଯୋଗାଇ ଦିଆଯାଉଛି। ୨୦୨୦ ମସିହା ମାର୍ଚ୍ଚ ୨୬ରେ ମୋଦି ସରକାର ଗରିବ କଲ୍ୟାଣ ଅନ୍ନ ଯୋଜନା ଅନୁସାରେ ଆସନ୍ତା ୩ ମାସ ଯାଏ ମୁଣ୍ଡ ପିଛା ମାଗଣା ୫ କେଜି ଲେଖାଏ ଚାଉଳ କିମ୍ବା ଗହମ ମିଳିବ ବୋଲି କହିଥିଲେ। ସେହିପରି ଘର ପିଛା ୧ କେଜି ଡାଲି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ।

## 'ମହାମାରୀର ଅବସାନ ଘଟିନି'

**ନୂଆଦିଲ୍ଲୀ :** ପ୍ରଥମ ଓ ଦ୍ୱିତୀୟ ଲହର ଭଳି ଭାରତରେ କୋଭିଡ୍-୧୯ର ତୃତୀୟ ଲହର ଏତେ ତୀବ୍ର ହୋଇ ନ ପାରେ ବୋଲି 'ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ' ଦିଲ୍ଲୀର ନିର୍ଦ୍ଦେଶକ ରଣଦୀପ ଗୁଲେରିଆ କହିଛନ୍ତି। ସେ କିନ୍ତୁ, ଚେତାବନୀ ଦେଇ କହିଛନ୍ତି ଯେ, ଏବେ ମଧ୍ୟ ମହାମାରୀର ଅବସାନ ଘଟିନାହିଁ। ତେଣୁ, ସଭିଏଁ ନିଷ୍ଠାପର ଭାବେ କୋଭିଡ୍-ସଂଯମ ଆଚରଣ ମାନି ଚଳିବା ଉଚିତ। 'ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ' ମହାନିର୍ଦ୍ଦେଶକ ଡାକ୍ତର ବଳରାମ ଭାର୍ଗବଙ୍କ ଲିଖିତ ପୁସ୍ତକ 'ଗୋଇଙ୍ଗ୍ ଭାଇରାଲ୍: ମେକିଙ୍ଗ୍ ଅଫ୍ କୋଭାକ୍ସିନ୍' ପୁସ୍ତକ ଉନ୍ମୋଚନ ଅବସରରେ ଖ୍ୟାତନାମା ଶ୍ୱାସକ୍ରିୟା ରୋଗ ବିଶେଷଜ୍ଞ ଡାକ୍ତର ରଣଦୀପ ଗୁଲେରିଆ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହି ଅବସରରେ ଡାକ୍ତର ଗୁଲେରିଆ



ମଧ୍ୟ କହିଛନ୍ତି ଯେ, ଆଗ ପରି ସଂକ୍ରମଣ ସଂଖ୍ୟା ଦ୍ରୁତ ବୃଦ୍ଧି ପାଉ ନ ଥିବାରୁ ସମ୍ପ୍ରତି ଭାରତରେ ବୁଷ୍ଟର୍ ଡୋଜ୍ ବା ତୃତୀୟ ଡୋଜ୍ର ଆବଶ୍ୟକତା ନାହିଁ। 'ନୀତି ଆୟୋଗ'ର (ସ୍ୱାସ୍ଥ୍ୟ) ସଦସ୍ୟ ଡାକ୍ତର ଭି. କେ. ପଲ୍ କହିଲେ, ତୃତୀୟ ଡୋଜ୍ର ନିଷ୍ପତ୍ତି ବିଜ୍ଞାନ ଆଧାରିତ ହେବା ଉଚିତ। ସେ ଆହୁରି ମଧ୍ୟ କହିଲେ ଯେ, ମହାମାରୀର ଅବସାନ ଘଟିନି ଏବଂ ଭବିଷ୍ୟତରେ ବି ଘଟିବ ନାହିଁ। ସମ୍ଭବତଃ ଏହା ସ୍ଥାନୀୟ ବା ଆଞ୍ଚଳିକ ବ୍ୟାଧି ପାଲଟିଯିବ।

## ଏସିଆର ସର୍ବବୃହତ ବିମାନବନ୍ଦରର ଶିଳାନ୍ୟାସ

**ଲକ୍ଷ୍ନୌ :** ଏସିଆର ସର୍ବବୃହତ ଅନ୍ତରାଷ୍ଟ୍ରୀୟ ବିମାନବନ୍ଦରର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଉତ୍ତରପ୍ରଦେଶ ଗୌତମବୁଦ୍ଧନଗରର ଜେୱରରେ ନୋଏଡା ଅନ୍ତରାଷ୍ଟ୍ରୀୟ ବିମାନବନ୍ଦରର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ। ୨୦୨୪ ସୁଦ୍ଧା ଏହି ବିମାନବନ୍ଦର କାମ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ୫୦ କୋଟି ଟଙ୍କା ବିନିଯୋଗ ହେବା ସହ ଏହି ବିମାନବନ୍ଦର ପାଇଁ ଯୋଗୀ ସରକାର ୫ ହଜାର ୮୪୫ ହେକ୍ଟର ଜମି ଦେଇଥିବା ଜଣାପଡ଼ିଛି। ବିମାନବନ୍ଦରର ଶିଳାନ୍ୟାସ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ବିମାନବନ୍ଦର ୟୁପିରେ ରପ୍ତାନିକୁ ବୃଦ୍ଧି କରିବ ଏବଂ ରାଜ୍ୟର ଯୁବପିଢ଼ିମାନଙ୍କ ପାଇଁ ହଜାର ହଜାର ଚାକିରି ସୁଯୋଗ ସୃଷ୍ଟି କରିବ। ଏହା ସହ ଏହି




ବିମାନବନ୍ଦର ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ଆଗକୁ ନେବ। ଏହା ସହ ଜେୱର ବିମାନବନ୍ଦର ଦିଲ୍ଲୀ ଏନସିଆର ଏବଂ ୟୁପିରେ ରହୁଥିବା କୋଟି କୋଟି ଲୋକଙ୍କୁ ଉପକୃତ କରିବ। ପ୍ରତିବର୍ଷ ଆମେ ଅନ୍ୟ ଦେଶରେ ବିମାନର ମରାମତି ପାଇଁ ୧୫,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଥାଉ। ବର୍ତ୍ତମାନ, ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ଏଠାରେ କରାଯିବ। ବିରୋଧୀଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପୂର୍ବରୁ କେନ୍ଦ୍ର ଏବଂ ରାଜ୍ୟରେ ଥିବା ସରକାର ପଶ୍ଚିମ ୟୁପିର ବିକାଶକୁ ଅଣଦେଖା କରିଥିଲେ। ଜେୱର ବିମାନବନ୍ଦର ପ୍ରକଳ୍ପ ବନ୍ଦ କରିବାକୁ ପୂର୍ବ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିଥିଲେ। ପୂର୍ବରୁ କେବଳ ଘୋଷଣା ହେଉଥିବା ବେଳେ କାମ କମ ହେଉଥିଲା। ଏବେ ଆମ ସରକାର ସବୁ କାମ ଠିକ ସମୟରେ ଶେଷ କରିବାକୁ ପ୍ରୟାସ କରୁଛି। ପୂର୍ବରୁ ସରକାରୀ ପ୍ରକଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ଜମିର କ୍ଷତିପୂରଣ ପାଇବା ପାଇଁ କୃଷକମାନଙ୍କୁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଥିଲା। ହେଲେ ଏବେ ସେମାନେ ଠିକ୍ ସମୟରେ ଯେମିତି କ୍ଷତିପୂରଣ ପାଇବେ, ତାହା ଆମେ ନିଶ୍ଚିତ କରିଛୁ।

## ସେଣ୍ଟ୍ରାଲ ଭିସ୍ତା ବିରୋଧୀ ଆବେଦନ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ଭିସ୍ତା ପ୍ରକଳ୍ପ ବିରୋଧରେ ଆଗତ ଗୋଟିଏ ଆବେଦନକୁ ସୁପ୍ରିମକୋର୍ଟ ଆଜି ଖାରଜ କରି ଦେଇଛନ୍ତି। ସେଣ୍ଟ୍ରାଲ ଭିସ୍ତା ପୁନଃନବୀକରଣ ଯୋଜନା ଦ୍ୱାରା ପବ୍ଲିକ ରିକ୍ରିଏସନାଲ ଜୋନକୁ ପ୍ରଭାବିତ କରିବ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ସୁପ୍ରିମକୋର୍ଟ ଏହାକୁ ଖାରଜ କରି କହିଛନ୍ତି ଯେ ସବୁ କିଛି କି ସମାଲୋଚନା କରାଯାଇପାରିବ। କିନ୍ତୁ ସବୁ ପ୍ରସଙ୍ଗରେ ଗଠନମୂଳକ ସମାଲୋଚନା ଗ୍ରହଣୀୟ। ଏଠାରେ କୌଣସି ପ୍ରକାରର ପ୍ରାଇଭେଟ ସମ୍ପତ୍ତି ତିଆରି କରାଯାଉନି। ଉପ ରାଷ୍ଟ୍ରପତିଙ୍କ ପାଇଁ ବାସଭବନ କରାଯାଉଛି। ଏହାର ଚାରି ପାଖରେ ସବୁଜ ବଳୟ ରଖିବାକୁ ନିର୍ମାଣକର୍ତ୍ତା ବାଧ। ଏହି ପ୍ରସ୍ତାବକୁ ବିଭାଗୀୟ ଅଧିକାରୀ ଅନୁମତି ଦେଇ ସାରିଛନ୍ତି। ନଚେତ ଆମେ ଏହି ପ୍ରକ୍ରିୟାରେ ବେଆଇନ କାମ ହେଉଥିବା କହିଥାଆନ୍ତୁ ବୋଲି ଶୁଣାଣି ବେଳେ



ଜଷ୍ଟିସ ଏଏମ ଖାନୱିଲକର କହିଛନ୍ତି। ଆମେ କ'ଣ ଏବେ ସାଧାରଣ ଲୋକଙ୍କୁ ଉପ ରାଷ୍ଟ୍ରପତିଙ୍କ ବାସଭବନ କେଉଁଠି ହେବା ଦରକାର ବୋଲି ପଚାରିବା ଆରମ୍ଭ କରିବୁ କି ଜଷ୍ଟିସ ଖାନୱିଲକର କଡ଼ା ସ୍ୱରରେ ପ୍ରଶ୍ନ କରିଛନ୍ତି। ହାର୍ଟ ଅଫ ଦିଲ୍ଲୀର ୩.୨ କିମି ଅଞ୍ଚଳରେ ୨୦ ହଜାର କୋଟି ଟଙ୍କାରେ ସେଣ୍ଟ୍ରାଲ ଭିସ୍ତା ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହାକୁ ନେଇ ଅନେକ ସମୟରେ ବିବାଦ ମଧ୍ୟ ଦେଖାଯାଉଛି। ସାମାଜିକ କର୍ମୀ ରାଜୀବ ସୂରି ତାଙ୍କ ଆବେଦନରେ କହିଥିଲେ ଯେ ସେଣ୍ଟ୍ରାଲ ଭିସ୍ତା ପ୍ରକଳ୍ପ ପାଇଁ ବ୍ୟବହାର ହେଉଥିବା କିଛି ସ୍ଥାନ ଲୋକଙ୍କ ପାଇଁ ଛଡ଼ା ଯାଇଥିବା ଅଞ୍ଚଳକୁ ଆବାସିକ ଅଞ୍ଚଳରେ ପରିଣତ କରିଦେବ। ଲୋକଙ୍କ ପାଇଁ ଉପଲବ୍ଧ ଥିବା ଅଞ୍ଚଳଗୁଡ଼ିକୁ ଏହା ପ୍ରଭାବିତ କରିବ। ତେବେ ସରକାର ସେଣ୍ଟ୍ରାଲ ଭିସ୍ତା ପ୍ରକଳ୍ପ ଜରିଆରେ ଅନେକ ପବ୍ଲିକ ରି-କ୍ରିଏସନାଲ ସ୍ଥାନ ତିଆରି କରୁଥିବା ଯୁକ୍ତି ଉପସ୍ଥାପନ କରିଥିଲେ। ଏହି ପବ୍ଲିକ ରିକ୍ରିଏସନାଲ ସ୍ଥାନ ଗୁଡ଼ିକ ପୂର୍ବାପେକ୍ଷା ସାଧାରଣ ଲୋକଙ୍କୁ ଅଧିକ ଫାଇଦା ଦେବ। ତେଣୁ ଏପରି ଏକ ମୂଲ୍ୟହୀନ ଆବେଦନକୁ ଖାରଜ କରିବାକୁ ଅନୁରୋଧ କରିଥିଲେ। ମୋଟ ୨୦ ହଜାର କୋଟି ଟଙ୍କାର ସେଣ୍ଟ୍ରାଲ ଭିସ୍ତା ପ୍ରକଳ୍ପ ଅଧୀନରେ ଏକାଧିକ ନିର୍ମାଣ କାମ କରାଯାଉଛି। ଏହା ମଧ୍ୟରେ ସଂସଦର ନୂଆ ଭବନ ସହ ରାଷ୍ଟ୍ରପତି ଭବନ ଠାରୁ ଇଣ୍ଡିଆ ଗେଟ୍ ଯାଏ ଥିବା ସରକାରୀ ବାସଭବନ ଓ ବିଲଡିଂକୁ ନୂଆ କରି ତିଆରି କରାଯିବାର ଯୋଜନା ରହିଛି।

## ମହାମାରୀ ସମୟରେ ମହିଳା ହିଂସା ବଢ଼ିଛି

**ନୂଆଦିଲ୍ଲୀ :** ଅନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସ ଅବସରରେ ଜାତିସଂଘ ମହିଳା ମୁଖ୍ୟ ସୀମା ବାହୋସ କହିଛନ୍ତି ଯେ ଲିଙ୍ଗ-ଭିତ୍ତିକ ହିଂସା (ଜିବିଭି) ହେଉଛି ଏକ ବିଶ୍ୱ ସଂକଟ। 'ଜାତିସଂଘ ମହିଳା ତଥ୍ୟ ରିପୋର୍ଟ' ଅନୁସାରେ ୭୦ ପ୍ରତିଶତ ମହିଳା ଲିଙ୍ଗ-ଭିତ୍ତିକ ହିଂସାର ଶିକାର ହୋଇଥାନ୍ତି। ସୀମା କହିଲେ ଯେ, ଆମ ଚତୁଃପାର୍ଶ୍ୱରେ ମହିଳା ଓ ଝିଅମାନେ ବିପଦପୂର୍ଣ୍ଣ ଭାବେ ବଞ୍ଚୁଛନ୍ତି। ସାରା ବିଶ୍ୱରେ ନାନା ପ୍ରକାରର ସଂଘର୍ଷ, ଜଳବାୟୁଜନିତ ପ୍ରାକୃତିକ ବିପର୍ଯ୍ୟୟ, ଖାଦ୍ୟ ଅସୁରକ୍ଷା ଏବଂ ମାନବାଧିକାର ଉଲ୍ଲଂଘନ ଆଦି ମହିଳାବିରୋଧୀ ହିଂସା ବଢ଼ାଇବାରେ ସାହାଯ୍ୟ କରୁଛି। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ନଭେମ୍ବର ୨୫ରେ ଅନ୍ତର୍ଜାତୀୟ ମହିଳା ହିଂସାବିରୋଧୀ ଦିବସ ପାଳନ କରାଯାଇଥାଏ। ଲୋକଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ୧୯୯୩ରୁ ଏହା ପାଳିତ ହୋଇଆସୁଛି। ମହିଳାଙ୍କୁ ଶାରୀରିକ ଓ ମାନସିକ ଭାବେ କଷ୍ଟ ଦେବା, ଯୌନ ନିର୍ଯାତନା, ତାଙ୍କ ସ୍ୱାଧୀନତାକୁ ସଂକୁଚିତ କରିବା ଆଦି ମହିଳା ହିଂସାର ଅନ୍ତର୍ଗତ। ଏହି ହିଂସାକୁ ଅଧିକାଂଶ କ୍ଷେତ୍ରରେ ଧମକ ଚମକ ଦେଇ ଚପେଇ ଦିଆଯାଏ। ଲାଜ, ଭୟ ଓ କଳଙ୍କ ଲାଗିବା ଆଶଙ୍କାରେ ମହିଳାମାନେ ଅନେକ ସମୟରେ ଅଭିଯୋଗ କରି ନଥାନ୍ତି। ସୀମାଙ୍କ କହିବା ଅନୁସାରେ ୨୦୨୦-୨୧ ମସିହାରେ ଦେଖାଦେଇଥିବା ମାରାତ୍ମକ କରୋନା ମହାମାରୀ ବି ମହିଳାବିରୋଧୀ ହିଂସା ବୃଦ୍ଧି କରିବାରେ ସାହାଯ୍ୟ କରିଛି। ହେଲ୍ପଲାଇନଗୁଡ଼ିକରୁ ଆସିଥିବା ରିପୋର୍ଟରୁ ଜଣାପଡ଼ିଛି ଯେ, ମହାମାରୀ ସମୟରେ ସାରା ବିଶ୍ୱରେ ମହିଳା ଓ ଝିଅମାନଙ୍କ ପ୍ରତି ପୂର୍ବାପେକ୍ଷା ଅଧିକ ହିଂସା ଆଚରଣ କରାଯାଇଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ କହିଛନ୍ତି, ମହିଳା ହିଂସା ଅବଧାରିତ ନୁହେଁ। ଉପଯୁକ୍ତ ନୀତି ଓ କାର୍ଯ୍ୟକ୍ରମ ଦ୍ୱାରା ଏହାକୁ ହ୍ରାସ କରାଯାଇପାରିବ। ୨୦୩୦ ସୁଦ୍ଧା ମହିଳା ହିଂସାକୁ ଲୋପ କରିବା ପାଇଁ ସେ ବିଶ୍ୱ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି।

### ଭର୍ଚ୍ୟୁଆଲ୍ ଗଣତାନ୍ତ୍ରିକ ଶିଖର ସମ୍ମିଳନୀ

## ଭାରତ ସମେତ ୧୧୦ ଦେଶଙ୍କୁ ବାଇଡେନ୍ଙ୍କ ନିମନ୍ତ୍ରଣ

**ୱାଶିଂଟନ୍:** ଡିସେମ୍ବର ମାସରେ ହେବାକୁ ଥିବା ଗଣତନ୍ତ୍ର ସମ୍ବନ୍ଧୀୟ ଏକ ଭର୍ଚ୍ୟୁଆଲ୍ ଶିଖର ସମ୍ମିଳନୀକୁ ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତ ସମେତ ପ୍ରାୟ ୧୧୦ଟି ଦେଶଙ୍କୁ ନିମନ୍ତ୍ରଣ କରିଛନ୍ତି। ନିମନ୍ତ୍ରଣ ତାଲିକାରେ ବହୁଳାଂଶ ପାଶ୍ଚାତ୍ୟ ଦେଶ ଥିଲେ ମଧ୍ୟ ଇରାକ୍, ଭାରତ ଓ ପାକିସ୍ତାନ ଆଦି ରାଷ୍ଟ୍ରଙ୍କୁ ମଧ୍ୟ ଉପରୋକ୍ତ ସମ୍ମିଳନୀରେ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇଥିବା କଥା ମଙ୍ଗଳବାର ଦିନ ବୈ?ଦେଶିକ ବିଭାଗ ୱେବ୍‌ସାଇଟ୍‌ରେ ପୋଷ୍ଟ୍ ହୋଇଥିବା ତାଲିକାରୁ ଜଣାପଡ଼ିଛି। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଧାନ ଶତ୍ରୁ ଚୀନ୍‌କୁ ଏହି ଶିଖର ସମ୍ମଳନୀକୁ ନିମନ୍ତ୍ରଣ ଦିଆଯାଇ ନାହିଁ, କିନ୍ତୁ ତାଇୱାନ୍‌କୁ ଦିଆଯାଇଛି। ଫଳତଃ, ଏହାଦ୍ୱାରା ବେଜିଙ୍ଗ୍ କ୍ରୋଧାନ୍ୱିତ ହେବା ସ୍ୱାଭାବିକ ବୋଲି ଶୁଣାଯାଉଛି। ସେହିପରି, ଆମେରିକା ଭଳି 'ନାଟୋ'ର ଅନ୍ୟତମ ସଦସ୍ୟ ତୁର୍କୀର ନାଁ ମଧ୍ୟ ଅଂଶଗ୍ରହଣକାରୀଙ୍କ ତାଲିକାରେ ନାହିଁ। ମଧ୍ୟ-ପ୍ରାଚ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରୁ କେବଳ ଇଜ୍ରାଏଲ୍ ଏବଂ ଇରାକ୍ ଉପରୋକ୍ତ 'ଅନ୍‌ଲାଇନ୍' ସମ୍ମିଳନୀରେ ଡିସେମ୍ବର ୯ ଓ ୧୦ ତାରିଖ ଦିନ ଅଂଶଗ୍ରହଣ କରିବେ। ଇଜିପ୍ଟ (ମିଶର) ସାଉଦୀ ଆରବ, ଜୋର୍ଡାନ୍, କତାର୍ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ ଭଳି ଯୁକ୍ତରାଷ୍ଟ୍ର ଆମେରିକାର



ପାରମ୍ପରିକ ମିତ୍ର ରାଷ୍ଟ୍ରମାନଙ୍କୁ ନିମନ୍ତ୍ରଣ କରାଯାଇନାହିଁ। ଏହା ବ୍ୟତିରକେ, ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦୃଢ଼ ସମର୍ଥକ ଥିବା ଉଗ୍ର ଦକ୍ଷିଣପନ୍ଥୀ ଜାଇର୍ ବୋଲସୋନାରୋଙ୍କ ଶାସନାଧୀନ ବ୍ରାଜିଲ୍‌କୁ ମଧ୍ୟ ଉକ୍ତ ସମ୍ମିଳନୀକୁ ବାଇଡେନ୍ ନିମନ୍ତ୍ରଣ କରିଛନ୍ତି। ମାନବ ଅଧିକାର ରେକର୍ଡ ସମ୍ବନ୍ଧରେ 'ୟୁରୋପୀୟ ସଂଘ' ସହ ଉତ୍ତେଜନା ଲଗାଇ ରଖିଥିଲେ ସୁଦ୍ଧା ୟୁରୋପୀୟ ଦେଶ ପୋଲାଣ୍ଡ୍‌କୁ ଉକ୍ତ ସମ୍ମିଳନୀକୁ ନିମନ୍ତ୍ରଣ କରାଯାଇଛି। କଠୋରପନ୍ଥୀ ଜାତୀୟବାଦୀ ପ୍ରଧାନମନ୍ତ୍ରୀ ଭିକ୍ଟର୍ ଓର୍ବାନ୍‌ଙ୍କ ନେତୃତ୍ୱାଧୀନ ହଙ୍ଗେରିକୁ ଏହି ଶିଖର ସମ୍ମିଳନୀକୁ ଆମନ୍ତ୍ରଣ ମିଳିନାହିଁ। ନିମନ୍ତ୍ରଣ ପାଇଥିବା ଆଫ୍ରିକୀୟ ଦେଶମାନଙ୍କ ମଧ୍ୟରେ ଅଛନ୍ତି 'ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ', ଦକ୍ଷିଣ ଆଫ୍ରିକା, ନାଇଜେରିଆ ଏବଂ ନାଇଜର। ଅଧିନାୟକବାଦର ପ୍ରତିରୋଧ, ଦୁର୍ନୀତି ବିରୋଧରେ ସଂଗ୍ରାମ ଏବଂ ମାନବ ଅଧିକାର ପ୍ରତି ସମ୍ମାନର ପ୍ରସାର ଭଳି ତିନୋଟି ବିଷୟବସ୍ତୁକୁ ଆଧାର କରି ଉକ୍ତ ସମ୍ମିଳନୀ ଡକାଯିବ ବୋଲି ଅଗଷ୍ଟ ମାସରେ ହ୍ୱାଇଟ୍ ହାଉସ୍ କହିଥିଲା।

## ସାମ୍ନାକୁ ଆସିଲା କରୋନାର ମାରାତ୍ମକ ରୂପ

**ନୂଆଦିଲ୍ଲୀ :** ମହାମାରୀ କରୋନାର ନୂଆ ରୂପ ଏବେ ପୁଣିଥରେ ସମସ୍ତଙ୍କ ଚିନ୍ତା ବଢ଼ାଇଛି। ବିଶ୍ୱର ବିଭିନ୍ନ ଦେଶରେ କରୋନା ଭାଇରସର ନୂଆ ଭାରିଏଣ୍ଟ ଚିହ୍ନଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆଜି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଗୁଆ ସତର୍କ କରାଇ ଦେଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଚିବ ରାଜେଶ ଭୂଷଣ ଚିଠି ଲେଖିଛନ୍ତି। ସ୍କ୍ରିନିଂ ଓ ଟେଷ୍ଟିଂକୁ କଡ଼ାକଡ଼ି ଭାବେ ବିଦେଶରୁ ଆସୁଥିବା ଲୋକଙ୍କ କ୍ଷେତ୍ରରେ ଉପଯୋଗ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ରାଷ୍ଟ୍ରରେ କରୋନାର ନୂତନ ପ୍ରକାର ୮.୧.୧୫୨୯ ଭାରିଏଣ୍ଟ ଠାବ ହେବା ପରେ ମନ୍ତ୍ରଣାଳୟ ଏପରି ପଦକ୍ଷେପ ନେଇଛି। ବିଶେଷ କରି ବୋଷ୍ଟୱାନା, ଦକ୍ଷିଣ ଆଫ୍ରିକା ଓ ହଂକଂରେ ଏହି ଭାରିଏଣ୍ଟ ଅଧିକ ପରିମାଣର ଚିହ୍ନଟ ହୋଇଛି। ମନ୍ତ୍ରଣାଳୟ କହିଛି ଯେ ବିଦେଶରୁ ଆସୁଥିବା ଲୋକଙ୍କ ଉପରେ କଡ଼ା ନଜର ରଖିବା ସହ ସେମାନଙ୍କ ଟେଷ୍ଟିଂ କଡ଼ାକଡ଼ି କରିବାକୁ ହେବ। ଯଦି ସେମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଙ୍କ ରିପୋର୍ଟ ପଜିଟିଭ୍ ଆସୁଛି, ତା'ହେଲେ ସେମାନଙ୍କ ନମୁନାକୁ ଜେନୋମ ସିକ୍ୱେନ୍ସିଂ ପାଇଁ ଲ୍ୟାବକୁ ପଠାଇବାକୁ ହେବ। ସେମାନଙ୍କୁ ପଜିଟିଭ ଚିହ୍ନଟ ହୋଇଥିବା ଲୋକଙ୍କ କଣ୍ଟାକ୍ଟ ଟ୍ରେସିଂ କରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଗାଇଡଲାଇନ ଅନୁସାରେ ଟେଷ୍ଟିଂ କରିବାକୁ ଶ୍ରୀ ଭୂଷଣ ଚିଠିରେ କହିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଏନସିଡିସିର ରିପୋର୍ଟ ଅନୁଯାୟୀ ବୋଷ୍ଟୱାନାରେ ୩ ଜଣ, ଦକ୍ଷିଣ ଆଫ୍ରିକାରେ ୬ ଜଣ ଓ ହଂକଂରେ ଜଣେ ବ୍ୟକ୍ତି କରୋନାର ନୂଆ ଭାରିଏଣ୍ଟ ୮.୧.୧୫୨୯ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ଏହି ଭାରିଏଣ୍ଟ ଏତେ ମାରାତ୍ମକ ଯେ ଅନେକ ଥର ମ୍ୟୁଟେସନ ହେବାର କ୍ଷମତା ରଖିଛି। ତେଣୁ ଏହା ଦେଶରେ ଏହା ଗୁରୁତର ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି କରିପାରେ। ଭିସା କଟକଣା କୋହଳ କରାଯିବା ସହ ଅନ୍ତର୍ଜାତୀୟ ସେବା ମଧ୍ୟ ଆରମ୍ଭ କରାଯାଉଛି। ତେଣୁ ନୂଆ ଭାରିଏଣ୍ଟ ପ୍ରତି ଅଧିକ ସତର୍କ ରହିବାକୁ ହେବ। ପ୍ରତିକାର ସ୍ୱରୂପ ବିଦେଶରୁ ଆସୁଥିବା ଲୋକଙ୍କ ଉପରେ ତ୍ରିସ୍ତରୀୟ ମନିଟରିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ଆବଶ୍ୟକ ରହିଛି। ସ୍କ୍ରିନିଂ, ଟେଷ୍ଟିଂ ଓ ଜେନୋମ ସିକ୍ୱେସିଂ କରିବା ସହ ପଜିଟିଭ ଚିହ୍ନଟ ହେଉଥିବା ଲୋକଙ୍କ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ତୁରନ୍ତ ଠାବ କରି ଟେଷ୍ଟିଂ କରିବାକୁ ହେବ ବୋଲି କୁହାଯାଇଛି।

### ସତର୍କ ରହିବାକୁ ସବୁ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ଚିଠି



ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୯ ନଭେମ୍ବର - ୫ ଡିସେମ୍ବର, ୨୦୨୧




# ପ୍ରତି ୱାର୍ଡରେ କଂଗ୍ରେସ ସହାୟତା କେନ୍ଦ୍ର

**ଭୁବନେଶ୍ୱର :** ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ କଂଗ୍ରେସ ନିଜର ଗୋଟି ଚାଳନା ଆରମ୍ଭ କରିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଓଡ଼ିଶା ପ୍ରଭାରୀ ଏ.ଚେଲାକୁମାର ସବୁ ଜିଲ୍ଲା ଗସ୍ତ କରିବା ସହିତ କର୍ମୀ ସମ୍ମିଳନୀ ଓ ସାଧାରଣ ସଭା କରୁଛନ୍ତି। ଏହାସହ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ସହିତ ତୃଣମୂଳସ୍ତରରେ କଂଗ୍ରେସକୁ ମଜଭୁତ କରିବା ଲାଗି ଖସଡ଼ା ପ୍ରସ୍ତୁତ କରିଛି। ଏହି ଭିତ୍ତିରେ ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ୫ଜଣ ସଦସ୍ୟଙ୍କୁ ନେଇ ୱାର୍ଡ କଂଗ୍ରେସ ସହାୟତା କେନ୍ଦ୍ର ଗଠନ କରାଯିବ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ଉପ-ସଭାପତି ଯଜ୍ଞେଶ୍ୱର ବାବୁ କହିଲେ, ୱାର୍ଡ କଂଗ୍ରେସ ସହାୟତା କେନ୍ଦ୍ର ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ବିଧବା ଭତ୍ତା, ଆବାସ ଯୋଜନା, ଜମି ପଟ୍ଟା, ପାଇଖାନା ପ୍ରଭୃତି ସରକାରୀ ବ୍ୟବସ୍ଥାର ଉପଯୁକ୍ତ ବିନିଯୋଗ ପାଇଁ ନିରନ୍ତର ସଂଘର୍ଷ ଜାରି ରଖିବେ। କୃଷି ଋଣ ଛାଡ଼, ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଛାଡ଼, ପ୍ରତ୍ୟେକ ଗରିବ ପରିବାରକୁ 'ନ୍ୟାୟ' ଯୋଜନାରେ ସାମିଲ କରିବା, ଶିକ୍ଷିତ ବେକାର ଯୁବକ/ଯୁବତୀଙ୍କୁ ବେକାରୀ ଭତ୍ତା ପ୍ରଦାନ ସଂପର୍କରେ ସଚେତନତା ସୃଷ୍ଟି କରିବେ। ସେହିପରି ଚଳିତମାସଠାରୁ କଂଗ୍ରେସର ରାଜ୍ୟବ୍ୟାପୀ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଆସନ୍ତାବର୍ଷ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ। ରାଜ୍ୟବ୍ୟାପୀ ୧୦ଲକ୍ଷ ନୂତନ ସଭ୍ୟ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ସମବାୟ ଭିତ୍ତିକ କୃଷକ ସଂଗଠନ ଗଠନ କରାଯିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍ୱାଧୀନତାର ୭୫ବର୍ଷ ପାଳନ ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ ଅଧ୍ୟକ୍ଷ ଥିବା ବେଳେ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଆବାହକ ଅଛନ୍ତି। ଏହାସହ ପଦ୍ମାକର ଗୁରୁ, ରବୀନ୍ଦ୍ରନାଥ କର, ବଟକୃଷ୍ଣ ତ୍ରିପାଠୀ, ନରେନ୍ଦ୍ର ମିଶ୍ର, ୟାସିର ନୱାଜ୍, ବନ୍ଦିତା ପରିଡ଼ା, ଗିରିବାଳା ବେହେରା ଓ ଅମିୟ ପାଣ୍ଡବ ସଭ୍ୟ ରହିଛନ୍ତି।

# ଲିଙ୍ଗରାଜ ମନ୍ଦିର ପାଇଁ ଆସିଲା ଅଧ୍ୟାଦେଶ

**ଭୁବନେଶ୍ୱର :** ରାଜ୍ୟ କ୍ୟାବିନେଟରେ ଆଜି ମୋଟ ୨୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିରେ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରର ସୁପରିଚାଳନା ପାଇଁ ଅଧ୍ୟାଦେଶ, ରାଜ୍ୟ ଇଲେକ୍ଟ୍ରୋନିକ୍ସ ନୀତି-୨୦୨୧, ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ପଲିସି-୨୦୧୫ରେ ସଂଶୋଧନ, କ୍ୟାପିଟାଲ ହସ୍ପିଟାଲରେ ପିଜି ଇନଷ୍ଟିଚ୍ୟୁଟ୍ ଓ ଟ୍ରମା କେୟାର କୋଠା ନିର୍ମାଣ ନିମନ୍ତେ ୨୩୫କୋଟି ଟଙ୍କାର ଟେଣ୍ଡର ସମେତ ମୋଟ ୨୪ଟି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଭର୍ଚୁଆଲ ମୋଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୨୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏ ସମ୍ପର୍କରେ ମିଳିଥିବା ସୂଚନା ଅନୁସାରେ, ପୁରୀ ଶ୍ରୀମନ୍ଦିର ପରିଚାଳନା ଶୈଳୀରେ ରାଜ୍ୟ ସରକାର ଲିଙ୍ଗରାଜ ମନ୍ଦିରକୁ ପରିଚାଳିତ କରିବାକୁ ଚାହୁଁଥିବାରୁ ଏକ ନୂଆ ଆଇନକୁ ଅଧ୍ୟାଦେଶ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅଧ୍ୟାଦେଶକୁ ଆଜି ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛନ୍ତି। ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର ଓ ତା'ର ପାର୍ଶ୍ୱର୍ଦେବାଦେବୀ ମନ୍ଦିର ଓ ମଠଗୁଡ଼ିକର ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ଏକ ଅଧ୍ୟାଦେଶ ଆଣିଛନ୍ତି। ଏହି ଅଧ୍ୟାଦେଶ ମାଧ୍ୟମରେ ପରିଚାଳନା କମିଟି ଗଠନ, କମିଟିକୁ ଦାୟିତ୍ୱ ଓ କ୍ଷମତା ପ୍ରଦାନ, ପ୍ରଶାସକଙ୍କ ନିଯୁକ୍ତି ଓ କ୍ଷମତା, ମନ୍ଦିରର ସମସ୍ତ ସ୍ଥାବର-ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ, ସେବାୟତଙ୍କ ଭୂମିକା ଓ ଦାୟିତ୍ୱ, ମନ୍ଦିର ପାଣ୍ଠି ସ୍ଥାପନ ଓ ଏହାର ପରିଚାଳନା ଆଦି ପାଇଁ ଏହି ଆଇନରେ ବ୍ୟବସ୍ଥା ରହିବ। ଏହା ସହିତ ମନ୍ଦିରକୁ ଭକ୍ତଙ୍କ ଆଗମନ ସହ ଭକ୍ତମାନଙ୍କୁ ପୂଜାର୍ଚ୍ଚନା ପାଇଁ ସବୁ ସୁବିଧା ଉପଲବ୍ଧ କରାଇବା, ମନ୍ଦିରର ରୀତିନୀତିକୁ ଅଧିକ ସୁବ୍ୟବସ୍ଥିତ କରାଇବ। ଏହି ଅଧ୍ୟାଦେଶକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ନିମନ୍ତେ ପଠାଯାଇଛି। ଏହି ଅଧ୍ୟାଦେଶକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ପରାମର୍ଶରେ ଅଣାଯାଇଛି ବୋଲି ବିସ୍ତୃତ ଆଲୋଚନା ପରେ ଏକ କ୍ଲଜ୍ ମୁଖ୍ୟମନ୍ତ୍ରୀ ଅନୁମୋଦନ ପରେ ସାମିଲ କରାଯାଇଛି। ସେହିପରି ରାଜ୍ୟ ସରକାର କ୍ୟାପିଟାଲ ହସ୍ପିଟାଲକୁ ପିଜି ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସ ଭାବେ



ବିକଶିତ କରିବାକୁ ନିଷ୍ପତ୍ତି ନେଇଥିବାରୁ ସେଠାରେ ଆବଶ୍ୟକ କୋଠା ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ୨୩୫.୦୮କୋଟି ଟଙ୍କାର ଟେଣ୍ଡର ମେସର୍ସ ଏଲଆଣ୍ଡଟି କମ୍ପାନୀକୁ ପ୍ରଦାନ କରାଯିବାକୁ କ୍ୟାବିନେଟ ମଞ୍ଜୁର କରିଛନ୍ତି। ଏହି କୋଠାରେ ପିଜି ଇନଷ୍ଟିଚ୍ୟୁଟ୍ ସମେତ ଟ୍ରମା କେୟାର, ସର୍ଜରୀ କମ୍ପ୍ଲେକ୍ସ ଓ କାଜୁଆଲିଟି ଆଦି ସୁବିଧା ରହିବ। ଏହା ରାଜ୍ୟରେ ଉନ୍ନତମାନର ଚିକିତ୍ସା ସୁବିଧା ସହ ଅଭିଜ୍ଞ ଡାକ୍ତର ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ। ସେହିପରି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜ ଓ ହାଇସ୍କୁଲର ଦଖଲରେ ରହିଥିବା ସରକାରୀ ଜମିକୁ ବିନାମୂଲ୍ୟରେ ସେମାନଙ୍କୁ ପ୍ରଦାନ କରାଯିବ। ଏହି ଜମିର ମାଲିକାନା ଯଥାକ୍ରମେ ଉଚ୍ଚଶିକ୍ଷା ବିଭାଗ ଏବଂ ଗଣଶିକ୍ଷା ବିଭାଗ ନାଁରେ କରାଯିବ। ବିଭିନ୍ନ ସ୍ଥାନରେ କଲେଜ ସ୍ଥାପନ ପାଇଁ ସହରାଞ୍ଚଳରେ ୧୦ ଏକର ଓ ଗ୍ରାମାଂଚଳରେ ୧୫ଏକର ସରକାରୀ ଜମି ଯୋଗାଇ ଦେବାକୁ ୧୯୭୭ ମସିହାରୁ ନିଷ୍ପତ୍ତି ନିଆଯାଇଥିବା ବେଳେ ହାଇସ୍କୁଲ ଗୁଡ଼ିକ ପାଇଁ ସହରାଞ୍ଚଳରେ ୨ଏକର ଓ ଗ୍ରାମାଂଚଳରେ ୩ ଏକର ଜମି ବିନା ମୂଲ୍ୟରେ ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିକୁ ୧୯୯୮ ମସିହାରେ ସରକାର ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ସ୍କୁଲ ପାଇଁ ମଧ୍ୟ ଲାଗୁ କରିଥିଲେ। ତେବେ କ୍ୟାବିନେଟ ନେଇଥିବା ନିଷ୍ପତ୍ତି ଅନୁସାରେ ସରକାରୀ ଡିଗ୍ରୀ କଲେଜ(ସ୍ୱୟଂଶାସିତ ଓ ଅଣସ୍ୱୟଂଶାସିତ) କଲେଜର ଜମିଗୁଡ଼ିକ ଉଚ୍ଚଶିକ୍ଷା ବିଭାଗ ନାମରେ ନାମିତ କରାଯିବ। ଯେଉଁଠି ଉଭୟ ଜୁନିୟର ଓ ସିନିୟର କଲେଜ ମିଶି କରି ଥିବ ସେଠାରେ ପୃଥକ ଭାବେ ନକରି ଉଚ୍ଚଶିକ୍ଷା ବିଭାଗ ନାମରେ ନାମିତ କରାଯିବ। ସେହିପରି ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ଗୁଡ଼ିକର ଦଖଲରେ ଥିବା ଗ୍ରାମାଞ୍ଚଳରେ ୫ଏକର ଓ ସହରାଂଚଳରେ ୩ଏକର ଜମିକୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ମାର୍ଫତରେ ରହିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନାଁରେ ରେକର୍ଡ କରାଯିବ। ରେକର୍ଡ ହେବାକୁ ଥିବା ଜମି ଲିଜ୍ ଯୋଗ୍ୟ, ଅଣଜଙ୍ଗଲ କିସମ, ଡିଏଲସି ଲିଷ୍ଟରେ ନଥାଇ ଅବରୋଧମୁକ୍ତ ଓ ବିବାଦମୁକ୍ତ ହୋଇଥିବା ଆବଶ୍ୟକ। ଏହି ଜମିକୁ ବିନାମୂଲ୍ୟରେ ଜିଲ୍ଲାପାଳଙ୍କ ଅନୁମୋଦନରେ ତହସିଲଦାର ରେକର୍ଡ କରିବେ। ଏଥିପାଇଁ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନର ଆବଶ୍ୟକୀୟ ସଂଶୋଧନ ରାଜସ୍ୱ ବିଭାଗ ଦ୍ୱାରା କରାଯିବ। ସେହିପରି ଏସବୁ ଜମି ଉପରେ ହୋଇଥିବା ସମସ୍ତ ଜବରଦଖଲ ମାମଲା ମଧ୍ୟ ବନ୍ଦ କରାଯିବ। ଏହାର ମୂଲ୍ୟାୟନ ପାଇଁ ଟୋକନ ପରିମାଣ ପ୍ରତିବର୍ଷ ଏକ ପିଛା ଏକ ଟଙ୍କା ହିସବାରେ ଓ ଜୋରିମାନା ଏକର ପିଛା ୧୦ଟଙ୍କା ଆଦାୟ କରାଯିବ। ବକେୟା ରାଶି ଉପରେ ଯଦି କୌଣସି ସୁଧ ଥାଏ ତାକୁ ଛାଡ଼ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ସୂଚନା ଦେଇଛନ୍ତି।

# ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳ ସଙ୍କଟ

**ବାରିପଦା :** ଇନ୍ଦ୍ରାବତୀ ଜଳଭଣ୍ଡାରରେ ପାଣି ଅଭାବ । କଳାହାଣ୍ଡିର ରବି ଫସଲ ସହ ବିଦ୍ୟୁତ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା। ଚଳିତ ବର୍ଷ ରବି ଫସଲ ପାଇଁ ମାତ୍ର ଦଶ ହଜାର ହେକ୍ଟର ଜମିକୁ ପାଣି ଯୋଗାଣ ଘୋଷଣା ପରେ ତେଜୁଛି ଚାଷୀ ଆନ୍ଦୋଳନ। ଚଳିତ ବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳ ଅଭାବ। ବର୍ତମାନ ଭଣ୍ଡାରରେ ରହିଛି ମାତ୍ର ୬୩୧.୫୦ ମିଟର ଉଚ୍ଚର ପାଣି। ବିଭାଗୀୟ ସୂଚନା ଅନୁଯାୟୀ ୬୨୭ ମିଟର ପାଣି ପରେ ଜଳଭଣ୍ଡାରରୁ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହେବ। ଜଳ ସଙ୍କଟକୁ ଆଖି ଆଗରେ ରଖି ଇନ୍ଦ୍ରାବତୀ ଜଳ ସେଚନ କର୍ତ୍ତୃପକ୍ଷ ଚଳିତ ବର୍ଷ ରବି ଚାଷ ପାଇଁ ଜିଲାରେ ମାତ୍ର ଦଶ ହଜାର ହେକ୍ଟର ଚାଷ ଜମିରେ ଜଳ ସେଚନ ପାଇଁ ବ୍ୟବସ୍ଥା କରିଛନ୍ତି। ଯାହାକୁ ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ପୁନଃ ସମୀକ୍ଷା



ପାଇଁ ଜିଲ୍ଲାପାଳଙ୍କ ଠାରୁ ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ ସତ୍ତ୍ୱେ କୋଣସି ପ୍ରତିଶ୍ରୁତି ନମିଳିବା ପରେ ଚାଷୀ ପର୍ଯ୍ୟାୟ କ୍ରମରେ ଆନ୍ଦୋଳନ ଜାରି ରଖିଛନ୍ତି। ଇନ୍ଦାବତୀ କେନାଲ ଡିଭିଜନର ସୂଚନା ଅନୁଯାୟୀ, ଚଳିତ ବର୍ଷ ଇନ୍ଦ୍ରାବତୀ ମୁଖ୍ୟ କେନାଲରେ ୮ କିମି ଓ ଗତ ବର୍ଷ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ମେଗା ଉଠା ଜଳସେଚନ ପ୍ରକଳ୍ପର ୧୫ କିମି ପର୍ଯ୍ୟନ୍ତ ପାଣି ଯୋଗାଣ ହେବ। ଫଳରେ ଇନ୍ଦ୍ରାବତୀ ତଳମୁଣ୍ଡ ଚାଷୀ ଦୋଫସଲି ଚାଷଠାରୁ ବଞ୍ଚିତ ହେବେ ଯାହାକୁ ନେଇ ଚାଷୀ ଆନ୍ଦୋଳନ ତେଜୁଛି। ମେଗା ଉଠା ଜଳସେଚନ ପ୍ରକଳ୍ପକୁ ପ୍ରଥମ ଥର ପାଇଁ ରବି ଚାଷରେ ଅନ୍ତର୍ଗତ କରାଯାଇଥିବା ବେଳେଏହାକୁ ବାତିଲ କରିବାକୁ ଚାଷୀ ଦାବି କରି ତଳ ମୁଣ୍ଡକୁ ଅଗ୍ରାଧିକାର ଦେବାକୁ ଅଡ଼ି ବସିଛନ୍ତି। ବାରମ୍ବାର ଚାଷୀ ଅଭିଯୋଗ ସତ୍ତ୍ୱେ ପ୍ରଶାସନର ନୀରବତା ହି ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାବାକୁ ବାଧ କରିଛି। ଯାହା ଆଗାମୀ ଦିନରେ ତୀବ୍ରତର ହେବା ଆଶଙ୍କା ରହିଛି। ଇନ୍ଦ୍ରାବତୀ ଜଳଭଣ୍ଡାରରେ ପାଣି ଅଭାବରେ ମୁଖ୍ୟ କାରଣ ବିଭିନ୍ନ ସ୍ରୋତରୁ ପାଣି ଆସିବା ବନ୍ଦ ସହ ଉତ୍କଳ ରିଫାଇନାରୀକୁ ପାଣି ଯୋଗାଣ। ସେହିପରି ଜିଲ୍ଲାର ଜଳ ସେଚନର ଆୟତନ ବୃଦ୍ଧି ରବି ଦୋଫସଲି ଚାଷ ଉପରେ ସିଧାସଳଖ ପ୍ରଭାବ ପକାଇବ। ଯାହା ଆଗାମୀ ଦିନରେ ବିଦ୍ୟୁତ ଉତ୍ପାଦନ ସହ ଜଳ ସେଚନ ଉପରେ ଗଭୀର ପ୍ରଭାବ ପକାଇବା ନେଇ ଆଶଙ୍କ ସୃଷ୍ଟି ହୋଇଛି।

## ଓଡିଶା-ଆନ୍ଧ୍ର ବିବାଦ ସମାଧାନ ପାଇଁ କମିଟି ଗଠନ

# ମୁଖ୍ୟ ଶାସନ ସଚିବଙ୍କ ସମେତ ୮ ପ୍ରଶାସନିକ ଅଧିକାରୀ ସାମିଲ



**ଭୁବନେଶ୍ୱର :** ଓଡିଶା-ଆନ୍ଧ୍ର ବିବାଦର ସମାଧାନ ପାଇଁ ଗଠନ ହେଲା କମିଟି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୁଧବାର ଏହି କମିଟି ଗଠନ କରାଯାଇଛି। କମିଟିରେ ମୁଖ୍ୟ ଶାସନ ସଚିବଙ୍କ ସମେତ ୮ ପ୍ରଶାସନିକ ଅଧିକାରୀ ରହିଛନ୍ତି। କମିଟିରେ ଉନ୍ନୟନ କମିଶନର, ଗୃହ, ରାଜସ୍ୱ ଓ ଜଳସଂପଦ ସଚିବ, ଶକ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ସଚିବଙ୍କୁ ସାମିଲ୍ କରାଯାଇଛି। ଗତ ୯ ତାରିଖରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ହୋଇଥିଲା। ଏଥିରେ ଦୁଇ ରାଜ୍ୟ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରିବା ନେଇ ସହମତି ପ୍ରକାଶ ପାଇଥିଲା। ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ନଭେମ୍ବର ୯ରେ ଭୁବନେଶ୍ୱର ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ଜଳ ସମସ୍ୟା, ସୀମା ବିବାଦ ଏବଂ ନକ୍ସଲ ମୁକାବିଲା ନେଇ ଆଲୋଚନା ହୋଇଥିଲା। କୋଟିଆ, ପୋଲାଭରମ ପ୍ରକଳ୍ପ, ନେରେଡି, ବ୍ୟାରେଜ, ଝଞ୍ଜାବତୀ ରିଜର୍ଭର ପ୍ରସଙ୍ଗ ସହ ବାହୁଦା ନଦୀରୁ ଜଳ ନିଷ୍କାସନ ନେଇ ନବୀନ ଓ ଜଗନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହା ବାଦ୍ ବାଲିମେଳା ଏବଂ ଉପର ସିଲେରୁ ଶକ୍ତି କ୍ଷେତ୍ର, ସୀମାରେ ଗଞ୍ଜେଇ ଚାଷ ରୋକିବା ଏବଂ ମାଓ ଦମନ ନେଇ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଆପୋଷ ବୁଝାମଣା ଭିତରେ ସବୁ ସମସ୍ୟାର ସମାଧାନ ହେବ ବୋଲି ଦୁଇ ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

## ସରକାରୀ ଅର୍ଥ ବାଟମାରଣା ପ୍ରସଙ୍ଗ

# ଅଭିଯୋଗକୁ ଘଣ୍ଟ ଘୋଡ଼ାଉଛନ୍ତି ଅଧିକାରୀ

**ଭଦ୍ରକ :** ବିଭାଗୀୟ ଅଧିକାରୀ ସରକାରଙ୍କ ନିର୍ଦ୍ଦେଶକୁ ସୂଚାରୁ ରୂପେ ପାଳନ କରୁ ନଥିବାରୁ ସରକାରୀ ଅର୍ଥ ବାଟମାରଣା ହେବାରେ ଲାଗିଛି ଏବଂ ଏହାକୁ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ପରେ ମଧ୍ୟ କାର୍ଯ୍ୟନୁଷ୍ଠାନ ନେବା ପରିବର୍ତ୍ତେ ଅଭିଯୋଗ ଉପରେ ଘଣ୍ଟ ଘୋଡ଼ାଇବା ସେମାନଙ୍କ କାର୍ଯ୍ୟ ପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଠାରେ। ସୂଚନା ଅନୁଯାୟୀ;ସୂଚନା ଅଧିକାର ଆଇନ ଅନୁସାରେ ମିଳିଥିବା ତଥ୍ୟକୁ ଭିତ୍ତିକରି ଗତ ଅଗଷ୍ଟ ମାସରେ ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ ବନ୍ତ ବ୍ଲକ ତରାପୁର କ୍ଲଷ୍ଟର ଅଧିନସ୍ଥ ପୋଡାପାଟଣା ୟୁଜିମଇ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ତାଙ୍କ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ତଥା ନିଳକ କ୍ଲଷ୍ଟର ସିଆରସିସି ବିଦ୍ୟାଳୟରେ ଅପ୍ରେଲ୨୦୨୧ରୁ




ଅଗଷ୍ଟ୨୦୨୧ପର୍ଯ୍ୟନ୍ତ ଅନୁପସ୍ଥିତ ଥିବା ସତ୍ତ୍ୱେ ତାଙ୍କୁ ବିଭିନ୍ନ ଅସଦ ଉପାୟ ଅବଲମ୍ବନ କରିବା ସହ ସରକାରୀ ନିୟମର ଖୋଲା ଉଲ୍ଲଘଂନ କରି ତାଙ୍କ ଦରମା ଅର୍ଥ ପ୍ରଦାନ କରିଥିବାର ଜଣାପଡ଼ିଥିଲା। ଯାହାକି ନିୟମ ବର୍ହିଭୂତ । ସୂଚନା ଅଧିକାର ଆଇନ ବଳରେ ଏହା ଜଣାପଡ଼ିବା ପରେ ବିଭାଗୀୟ ଅଧିକାରୀଙ୍କ ଠାରେ ସଂପୃକ୍ତ ପ୍ରଧାନଶିକ୍ଷୟିତ୍ରୀ ଓ ତାଙ୍କ ସହଯୋଗୀ ତଥା ସିଆରସିସିଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନିମନ୍ତେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ୨ମାସ ପୁରିଯାଇଥିଲେ ସୁଦ୍ଧା ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପୁନଶ୍ଚ ଏଥିନେଇ ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ କରାଯାଇଥିଲା। ପରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୨୯୧୨ ତା ୧୫.୧୧.୨୦୨୧ରେ ଜନସୂଚନା ଅଧିକାରୀ ଅଭିଯୋଗ ପାଇବା ପରେ କାର୍ଯ୍ୟାଳୟ ତରଫରୁ ସେପ୍ଟେମ୍ବର ମାସ ୯ ତାରିଖରେ ଉକ୍ତ ଘଟଣାର ତଦନ୍ତ କରାଯିବା ସହ ଯାହାବି ଭୂଲ ହୋଇଥିଲା ଉକ୍ତ ଭୂଲରେ ସଂପୃକ୍ତ ଥିବା ସମସ୍ତ ବ୍ୟକ୍ତି ଜାଣିଶୁଣି କରିନଥିବା(ହ୍ୟୁମ୍ୟାନ ମିଷ୍ଟେକ) ଉଲ୍ଲେଖ କରିଥିବା ସୂଚନା ପ୍ରଦାନ କରିଛନ୍ତି। ତେଣୁ ଜନସୂଚନା ଅଧିକାରୀ ତଥା ଅତିରିକ୍ତ ଶିକ୍ଷାଧିକାରୀଙ୍କ ଏହିପରି ସୂଚନା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବା ସହ ତଦନ୍ତ ମାଧ୍ୟମରେ ଅଭିଯୋଗକୁ ଘଣ୍ଟ ଘୋଡ଼ାଉଥିବା ସ୍ପଷ୍ଟ ବାରିହୋଇ ପଡୁଛି। ପ୍ରଥମେ ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ କରିବା ପରେ ଉକ୍ତ ତଥ୍ୟକୁ ମିଥ୍ୟା ବୋଲି ସୂଚାଇବା ଏବଂ ସରକାରୀ ଅର୍ଥକୁ ବାଟମାରଣା କରିବାରେ ସହଯୋଗ କରିବାକୁ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଉକ୍ତ ଘଟଣା ବିଷୟରେ ସଂପୃକ୍ତ ଜନସୂଚନା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ବିଭାଗ ତରଫରୁ ଯାହା ତଥ୍ୟ ପ୍ରଦାନ କରାଗଲା ତାହାକୁ ପ୍ରେରଣ କରିଥିବା ପ୍ରକାଶ କରିଥିଲେ। ଏଠାରେ ପ୍ରକାଶ ଥାଉକି;ସଂପୃକ୍ତ ସିଆରସିସି ଅସଦ ଉପାୟରେ ସରକାରୀ ଅର୍ଥକୁ ହଡ଼ପ କରିଥିବା ଜଣାପଡ଼ିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ତାଙ୍କ କାର୍ଯ୍ୟ ଶୈଳୀକୁ ପ୍ରଶଂସା କରି ରିପୋର୍ଟ ପ୍ରଦାନ କରିବା ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରିବା ସହ ବିପର୍ଯ୍ୟସ୍ତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସେମାନଙ୍କ ସଂପୃକ୍ତିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ଏବେ ଖୋଲିବନି ପ୍ରଥମରୁ ପଞ୍ଚମ : ଗଣଶିକ୍ଷା ମନ୍ତ୍ରୀ



**ଭୁବନେଶ୍ୱର :** ଏବେ ଖୋଲିବନି ପ୍ରଥମରୁ ପଞ୍ଚମ ଶ୍ରେଣୀ। ଅଫଲାଇନ୍ କ୍ଲାସ୍ ନେଇ ପରେ ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ତେବେ ମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କୋଭିଡ୍‌ର ତୃତୀୟ ଲହର ଯିବା ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦେଇନାହାନ୍ତି। ତେଣୁ ତୃତୀୟ ଲହରର ଆଶଙ୍କା ଏବେ ବି ରହିଛି। ତେଣୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଖୋଲିବା ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଯେହେତୁ ସେମାନେ ଛୋଟ ପିଲା ସେମାନଙ୍କୁ ସାମାଜିକ ଦୂରତାର ଅର୍ଥ ବୁଝାଇବା କିଛି ମାନେ ନାହିଁ। ଯେହେତୁ ପିଲାମାନେ ଦେଢ ବର୍ଷ ହେବ ସ୍କୁଲକୁ ଯାଇନାହାନ୍ତି ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବା ସମ୍ଭବପର ହେବନାହିଁ। ସେ ଦୃଷ୍ଟିକୋଣରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଖୋଲିବା ନେଇ ସରକାର ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନେଇନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ୧୯ ହଜାର କୋଟିର ଅତିରିକ୍ତ ବଜେଟ୍‌କୁ ଅନୁମୋଦନ

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ୍ ପ୍ଲାଟ୍ଫର୍ମରେ କ୍ୟାବିନେଟ୍ ବୈଠକ ହୋଇଥିଲା। ମନ୍ତ୍ରୀମାନେ ଲୋକସେବା ଭବନ ଓ ଜିଲ୍ଲା ମୁଖ୍ୟାଳୟରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକରେ ଯୋଗ ଦେଇଥିଲେ। 'ଜଳ ଜୀବନ ମିସନ୍' (ଜେଜେଏମ୍)ରେ ୬ଟି ଜିଲ୍ଲା ପାଇଁ ୧୨ଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପର ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ ଦେବା ସହ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଅନୁମତି ଦେଇଛି। ଏହି ଯୋଜନାରେ କୋରାପୁଟ ଜିଲ୍ଲାରେ ତିନିଟି ବୃହତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଗୋଟିଏ ଟେଣ୍ଡର୍ ଡକାଯାଇଥିଲା। ଏଥିରେ ୪୬୨ କୋଟି ୪୮ ଲକ୍ଷ ୬୮ ହଜାର ଟଙ୍କାର ସର୍ବନିମ୍ନ ଅର୍ଥରାଶିରେ ମୁମ୍ବାଇର ଜେଏମ୍ସି-ଏସ୍ସିଏମ୍ଏଲ୍ ଯୋଗ୍ୟ ବିବେଚିତ ହୋଇଛି। କ୍ୟାବିନେଟ୍ ଏହାକୁ ମଞ୍ଜୁରି ଦେବା ସହ ୨୪ ମାସ ଭିତରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ପ୍ରକଳ୍ପ ଦ୍ୱାରା କୋରାପୁଟର ୬ଟି ବ୍ଲକ୍ ଅଧୀନରେ ୫୪ଟି ପଞ୍ଚାୟତ ଅନ୍ତର୍ଗତ ୫୬୮ ଗ୍ରାମର ୨,୪୫,୭୪୮ ଜଣ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇବେ। ଏହି ୬ଟି ବ୍ଲକ୍ ହେଲା ଦଶମନ୍ତପୁର, ଲକ୍ଷ୍ମୀପୁର, ନନ୍ଦପୁର, ସିମିଳିଗୁଡ଼ା, ନାରାୟଣପାଟଣା ଓ ବନ୍ଧୁଗାଁ। ଜେଜେଏମ୍ ଯୋଜନାରେ କଳାହାଣ୍ଡି ଜିଲ୍ଲାରେ ତିନିଟି ବୃହତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ଡକାଯାଇଥିବା ଟେଣ୍ଡରରେ ହାଇଦ୍ରାବାଦ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍‌ଚର ମନୋନୀତ ହୋଇଛି। ୪୧୦ କୋଟି ୯୪ ଲକ୍ଷ ଟଙ୍କାର କାର୍ଯ୍ୟାଦେଶକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ୨୪ ମାସ ଭିତରେ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି ଜିଲ୍ଲାର ୩ଟି ବ୍ଲକ୍ କଳମପୁର, ଜୟପାଟଣା ଓ ଜୁନାଗଡ଼ର ୬୫ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୮୨ ଗାଁର ୩,୪୨,୭୦୩ ଜଣ ଲୋକ ବିଶୁଦ୍ଧ ପାନୀୟ ଜଳପାଇବେ। ଜେଜେଏମ୍ ଯୋଜନାରେ ମାଲକାନଗିରି ଜିଲ୍ଲାରେ ମଧ୍ୟ ଦୁଇଟି ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ହୋଇଥିବା ଟେଣ୍ଡର୍ରେ ମୁମ୍ବାଇର କେଇସି-କାବେରୀ ଯୋଗ୍ୟ ବିବେଚିତ ହୋଇଛି। ୧୯୨ କୋଟି ୮୮ ଲକ୍ଷ ଟଙ୍କାର କାର୍ଯ୍ୟାଦେଶକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପ ମଧ୍ୟ ୨୪ ମାସରେ ସରିବ। ଏହାଦ୍ୱାରା ମାଲକାନଗିରି ଜିଲ୍ଲାର ୨ଟି ବ୍ଲକ୍ ପଡ଼ିଆ ଓ କୋରକୋଣ୍ଡାର ୧୩୬ଟି ଗ୍ରାମର ଏକ ଲକ୍ଷରୁ ଅଧିକ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇବେ। ଜେଜେଏମ୍ ଯୋଜନାରେ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏକ ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ହୋଇଥିବା ଟେଣ୍ଡରରେ ମୁମ୍ବାଇର ବ୍ଲୁ ଷ୍ଟାର୍- ଏସ୍ସିଏମ୍ଏଲ୍ ଇନ୍ଫ୍ରା ଯୋଗ୍ୟ ବିବେଚିତ ହୋଇଛି। ୧୨୬ କୋଟି



୫୧ ଲକ୍ଷ ଟଙ୍କାରେ ସଂସ୍ଥାକୁ କାର୍ଯ୍ୟାଦେଶ ଦେବାକୁ କ୍ୟାବିନେଟ୍ ମଞ୍ଜୁରି ଦେଇଛି। ୨୪ ମାସରେ ସରିବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ୍ ଅଧୀନ ୨୦ଟି ପଞ୍ଚାୟତର ୧୪୪ଟି ଗ୍ରାମର ୧ ଲକ୍ଷ ୬୭ ହଜାର ଲୋକ ପାନୀୟ ଜଳ ପାଇବେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରୁ ବାଦ୍ ପଡୁଥିବା ଗ୍ରାମ/ପଡ଼ା ଗ୍ରାମଗୁଡ଼ିକୁ ସବୁଦିନିଆ ରାସ୍ତା ସଂଯୋଗ ପାଇଁ ୨୦୧୪-୧୫ରୁ ରାଜ୍ୟ ସରକାର ନିଜସ୍ୱ ଅର୍ଥରେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' ଆରମ୍ଭ କରିଥିଲେ। ବର୍ତ୍ତମାନ ଏହି ଯୋଜନାର ପରିସର ବ୍ୟାପକ କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୩୫୦ଟି ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବଂ ପଞ୍ଚାୟତିରାଜ ବିଭାଗରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଥିବା ରାସ୍ତାର ଉନ୍ନତୀକରଣ କରାଯିବ। ଏହାବାଦ୍ ଏହି ଯୋଜନାରେ ପୂର୍ବରୁ ଚାଲୁ ରହିଥିବା ୧୫୭ଟି ରାସ୍ତା ଓ ମାଓପ୍ରବଣ ଅଞ୍ଚଳରେ ୩୭ଟି ନୂଆ ରାସ୍ତା ନିର୍ମାଣ କରାଯିବ। ଏହାର ଓସାର ୫.୫ ମିଟର କରାଯିବ। ୩ ବର୍ଷ ମଧ୍ୟରେ ୨୦୦୦ କୋଟି ଟଙ୍କା ବିନିମୟରେ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ପ୍ରସ୍ତାବରେ ଆଜି କ୍ୟାବିନେଟ୍ ମୋହର ବାଜିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଥିବା ସମସ୍ତ ଅସଂଯୋଜିତ ସ୍ଥାନଗୁଡ଼ିକୁ ସେତୁ ମାଧ୍ୟମରେ ଯୋଡ଼ିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ୨୦୧୧-୧୨ ମସିହାରେ ବିଜୁ ସେତୁ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଅନୁମୋଦନ ହୋଇଥିବା ୧୩୩୨ଟି ସେତୁ ପ୍ରକଳ୍ପ ମଧ୍ୟରୁ ୨୦୨୧ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ୯୩୬ଟି ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଚାଲୁ ରହିଥିବା ୩୯୬ଟି ପ୍ରକଳ୍ପ ସହିତ ୫୫୦ଟି ନୂଆ ପ୍ରକଳ୍ପକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ୩ ବର୍ଷ ମଧ୍ୟରେ ୫୧୮୨ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି।୧୦ ହଜାର ୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଢିପ ଚାଷୋପଯୋଗୀ ଜମିକୁ ଜଳସେଚନ ନିମିତ୍ତ 'ପାର୍ବତୀ ଗିରି ବୃହତ ଉଠା ଜଳସେଚନ ଯୋଜନା' କ୍ୟାବିନେଟ୍ ଅନୁମୋଦନ ପାଇଛି। ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେଲେ ସାରା ରାଜ୍ୟରେ ଆସନ୍ତା ୫ ବର୍ଷ ମଧ୍ୟରେ ୨,୬୩,୮୦୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ହୋଇପାରିବ।







# କେତେ ଯଥାର୍ଥ ଆନ୍ଦୋଳନ

ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଶାସକ ଦଳକୁ ଘେରିବାର ଆନ୍ଦୋଳନ ଫର୍ମୁଲା କେତେ ଯଥାର୍ଥ ତାହା ଜନସାଧାରଣ ନିର୍ଣ୍ଣୟ କରିବାର ନିହାତି ଆବଶ୍ୟକତା ରହିଛି। କାରଣ ଆନ୍ଦୋଳନ ନାଁରେ ଚାଲୁଥିବା ଅନେକ ଘଟଣା ସମସ୍ତଙ୍କୁ ବିବ୍ରତ କରୁଥିବା ନଜରକୁ ଆସିବା କାରଣରୁ କେହି କେହି ଏହାର ଘୋର ବିରୋଧ କରୁଥିବା ମଧ୍ୟ ଦେଖାଦେଉଛି। ସବୁଦିନିଆ ଆନ୍ଦୋଳନ ଏବଂ ଜନଆନ୍ଦୋଳନ ଭିନ୍ନ କଥା। ରାଜନୀତିରେ ଶାସକ ଦଳକୁ ଘେରିବା ପାଇଁ ଏଭଳି ଆୟୋଜନ ହୋଇଥାଏ। କେତେକ ସମୟରେ କିଛି କର୍ମଚାରୀ ମଧ୍ୟ ବିକ୍ଷୋଭ କରିଥାନ୍ତି। ହେଲେ ବଡ଼ ବଡ଼ ଘଟଣାରେ ଏହା ଜନଆନ୍ଦୋଳନର ରୂପ ନେଇଥାଏ। ଯାହାର ସ୍ୱରୂପ ଅତି ଭୟଙ୍କର ବି ହୋଇପାରେ। ବିଭିନ୍ନ ସମୟରେ ଶିଳ୍ପ ପ୍ରତିଷ୍ଠା ସମୟରେ ବିସ୍ଥାପିତ ହେବା ଆଶଙ୍କାରେ ସ୍ଥାନୀୟ ଲୋକ ଆନ୍ଦୋଳନକୁ ଓହ୍ଲାଇଥାନ୍ତି। ହେଲେ ଆନ୍ଦୋଳନ ନାଁରେ ଚାଲୁଥିବା ଆତଙ୍କରାଜ ଗଣତନ୍ତ୍ର ପାଇଁ ବିପଦ। ଯେଉଁ ଗଣତନ୍ତ୍ର ଆଧାରରେ ନିୟମ ପାଳନପୂର୍ବକ ଦେଶ ଚାଲିବା କଥା ସେଥିରେ ପ୍ରତିବନ୍ଧକ ସୃଷ୍ଟି କରାଗଲେ ଏଥିରେ ଦେଶର ଏକତା ଓ ଅଖଣ୍ଡତା ବିପଦରେ ପଡିବ। ଦେଶ ହିତକୁ ଦୃଷ୍ଟିରେ ରଖି ଆନ୍ଦୋଳନ ନିର୍ଦ୍ଧାରିତ ମାର୍ଗରେ ଶାନ୍ତିପୂର୍ଣ୍ଣ ଭାବେ କରାଗଲେ ଏଥିରେ କାହାର ଆପତ୍ତି ରୁହନ୍ତାନାହିଁ। ହେଲେ ଆଜିକାଲି ଆନ୍ଦୋଳନ ନାଁରେ ଚାଲୁଥିବା ଅରାଜକତା ଏକପ୍ରକାର ଆଶାନ୍ତିର କାରଣ ପାଲଟିଗଲାଣି। ନିଜ ଦାବି ପୂରଣ କରିବାକୁ ଯାଇ କେଉଁଠି ଆନ୍ଦୋଳନକାରୀ ରାସ୍ତା ଉପରେ ସ୍ଥାୟୀ ଘର କଲେଣି ତ ଆଉକେଉଁଠି ଜାତୀୟ ସମ୍ପତ୍ତିର ନଷ୍ଟ କରାଯାଉଛି। ଦାବି ପୁରଣକୁ ନେଇ ଲୋକେ ଅଜବ ଚିନ୍ତାଧାରା ପ୍ରକାଶ କରୁଛନ୍ତି। କିଏ ରାସ୍ତାରେ ମାଣବସା କଲେଣି ତ କେଉଁଠି ଚୁଲି ପାରି ପରିବେଶ ଧୂଆଁମୟ କରିଦେଉଛନ୍ତି। ଦାବି ପୂରଣ ଆଳରେ କଳାପତାକା ପ୍ରଦର୍ଶନ, ଅଣ୍ଡା ଫିଙ୍ଗା, ଟମାଟୋ ଫିଙ୍ଗିବା ପରେ ମଧ୍ୟ ଆନ୍ଦୋଳନକାରୀ ଶାନ୍ତି ନପଡ଼ି ହିଂସା ଆଚରଣ କରିବାକୁ ପଛାଉନାହାନ୍ତି,ଯାହାକି ଗଣତନ୍ତ୍ରର ପରିଭାଷା ନୁହେଁ।ଅଥଚ ରାଜନୀତି କରିବାକୁ ଯାଇ ଆଜିକାଲି ଯାହା ଚାଲିଛି ତାହା ସୁସ୍ଥ ସମାଜ ଗଠନ ଓ ବିକାଶର ଗତିପଥକୁ ରୋଧ କରୁଛି।କହିବା ବାହୁଲ୍ୟ ଯେ, ଲୋକେ ନ୍ୟାୟ ପାଇବାକୁ ଆନ୍ଦୋଳନ କରୁଛନ୍ତି ଅବା ଦାବି ପୂରଣ ପାଇଁ ବିକ୍ଷୋଭ କରୁଛନ୍ତି। କିନ୍ତୁ ଆନ୍ଦୋଳନ କରୁଥିବା ବ୍ୟକ୍ତି ଓ ସଂଗଠନ ପଛରେ କେହି କେହି ନେତା ବା ରାଜନୈତିକ ଦଳର ଭୂମିକା ନିଶ୍ଚୟ ରହୁଛି।ଯେଉଁଥିପାଇଁ ଅତି ଗୋପନ ଭାବରେ ଆନ୍ଦୋଳନକୁ ଚାଲୁ ରଖାଯାଇ ଏଥିରୁ ରାଜନୈତିକ ସ୍ୱାର୍ଥ ଖୋଜାଯାଉଛି। ସ୍ୱାର୍ଥ ପାଇଁ ଜାରି ରହୁଥିବା ଆନ୍ଦୋଳନ ଯେ, କେତେ ମାତ୍ରାରେ ଦେଶ ତଥା ରାଜ୍ୟର ସ୍ୱାର୍ଥ,ସୁରକ୍ଷା କରୁଛି ତାହାର ଗଭୀର ଅନୁଧ୍ୟାନ କରାଗଲେ ବାସ୍ତବ କାହାଣୀ କଣ ସ୍ପଷ୍ଟ ପ୍ରତୀତ ହେବ। ଜାତିର ପିତା ମହାତ୍ମା ଗାନ୍ଧୀ ଅହିଂସାକୁ ଅସ୍ତ୍ର କରି ଆନ୍ଦୋଳନ କରିବାର ଯେଉଁ ମନ୍ତ୍ର ଦେଇଛନ୍ତି, ତାହାକୁ ଆଜିର ଆନ୍ଦୋଳନକାରୀ ଆଦୌ ପାଳନ କରିବାପରି ମୋଟେ ମନେ ହେଉନାହିଁ। ବରଂ ହିଂସା ମାର୍ଗରେ ଯାଇ ସହଜରେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ମାନସିକତା କାରଣରୁ ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଯେପର୍ଯ୍ୟନ୍ତ ଆନ୍ଦୋଳନରେ ସାମିଲ ବ୍ୟକ୍ତି ଆନ୍ଦୋଳନର କାରଣ ନବୁଝି ବା

**ସମ୍ପାଦକୀୟ**

**ତାରକ ମହାନ୍ତି**



ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସମ୍ପୂର୍ଣ୍ଣ ଅବଗତ ହୁଏନାହିଁ ସେଠାରେ ସରକାର ନିଷ୍ପତ୍ତି ନେବାରେ କୁଣ୍ଠା ପ୍ରକାଶ କରିବା ସ୍ୱାଭାବିକ। ବ୍ୟବସ୍ଥା ମଧ୍ୟରେ ରହି ଦେଶ ଓ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ବିଚାର କରି ଯଥାର୍ଥ ଆନ୍ଦୋଳନ ସୁଫଳ ଦେଇପାରେ ବୋଲି ବିଚାରର ଦୃଷ୍ଟିଭଙ୍ଗୀ ବଦଳିଲେ ହୁଏତ ଆନ୍ଦୋଳନକୁ ମର୍ଯ୍ୟାଦା ମିଳିପାରେ। ଯେତେବେଳେ ଏକପାଖିଆ ବିଚାରଧାରା ଦ୍ୱାରା ଆନ୍ଦୋଳନ ଆରମ୍ଭ ହୁଏ ତାହା କେବେ ଗଣତନ୍ତ୍ରକୁ ସୁରକ୍ଷା ଦେଇପାରିବନାହିଁ। ବିକାଶ କରିବାକୁ ହେଲେ ଶିଳ୍ପ ପ୍ରତିଷ୍ଠା, ନଦୀବନ୍ଧ ନିର୍ମାଣ ପରି ଅନେକ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ଅପରିହାର୍ଯ୍ୟ।ହେଲେ ଏଥିପାଇଁ ବିସ୍ଥାପିତ ସମସ୍ୟାର ସମାଧାନ, ଲୋକଙ୍କ ସୁରକ୍ଷା ଉପରେ ବିଚାର ବିମର୍ଶର ଆବଶ୍ୟକତା ପଡ଼େ। ଏହାକୁ ସରକାର ଗମ୍ଭୀରତାର ସହ ସ୍ଥାନୀୟ ସମସ୍ୟା ଉପରେ ଆଲୋକପାତ କରି ନିଷ୍ପତ୍ତି ନେଇପାରିଲେ ଲୋକଙ୍କ ସମସ୍ୟା ଦୂର ହେବା ସହିତ ଭବିଷ୍ୟତ ପାଇଁ ରାସ୍ତା ଖୋଲା ରହେ। ଯେଉଁ ରାସ୍ତା ଖୋଲା ରହିବା ପ୍ରସଙ୍ଗଟି ହେଉଛି-ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଓ ସମସ୍ୟାର ସମାଧାନ। ଯାହାକି ନିରନ୍ତର ବିକାଶ ପ୍ରକ୍ରିୟାକୁ ଆଗକୁ ଆଗକୁ ନେଇଚାଲେ। ତେଣୁ ଆନ୍ଦୋଳନ ନାଁରେ ଆଲୋଚନାକୁ ବାଦ ଦେଇ ଅଧିକ ହାସଲ କରିବାର ଜିଦ ତ୍ୟାଗ କରିବାକୁ ପଡିବ। ମତଲବପୂର୍ଣ୍ଣ ଆନ୍ଦୋଳନ ପଛରେ ଅନେକ ଗୋପନ ପ୍ରସଙ୍ଗ ଥାଇପାରେ। ହେଲେ ଏହାର ସିଧା ରାସ୍ତା ଖୋଜିବା ହେଉଛି ମୁଖ୍ୟ କଥା। ମନ ଇଚ୍ଛା ଆନ୍ଦୋଳନ କରାଗଲେ ଏହା ସାମୟିକ ସଙ୍କଟ ସୃଷ୍ଟି କରିପାରେ, ଜନମାନସକୁ କିଛିକ୍ଷଣ ଦୋହଲାଇପାରେ ମାତ୍ର ଏଥିରେ ଜନତା କିଛି ପାଆନ୍ତି ନାହିଁ। ବରଂ ଆନ୍ଦୋଳନ ପଛରେ ଥିବା ନେତୃବର୍ଗ ନିଜର ସ୍ୱାର୍ଥ ହାସଲ କରି ସୁଖୀ ହୁଅନ୍ତି। ଜନତାଙ୍କୁ ବିଭ୍ରାନ୍ତ କରି ସେମାନଙ୍କ ସରଳ ମନରେ ଗରଳ ଭରି ଯେଉଁ ଆନ୍ଦୋଳନ କରାଯାଏ ତାହା କେବେହେଲେ ଶାନ୍ତିପୂର୍ଣ୍ଣ ହୋଇନଥାଏ। ଅନେକ ସମୟରେ ଯୋଜନାର ଦୃଷ୍ଟିଭଙ୍ଗୀ କଣ ତାହା ଲୋକଙ୍କୁ ବୁଝାଇବାର ଦାୟିତ୍ୱ ନନେଇ ଏହାର କୁଫଳ ବିଷୟ ପ୍ରଚାରର ବିଷୟବସ୍ତୁ ହେବା କାରଣରୁ ବିକାଶ ବାଧାପ୍ରାପ୍ତ ହେବାର ଆଶଙ୍କା ଉପରେ ଦୃଷ୍ଟିପାତ ବଦଳରେ କେବଳ ଦୋଷ ଲଦିବା ପରି କାର୍ଯ୍ୟ ହୁଏ ତାହା ସାଧାରଣଲୋକଙ୍କ କେଉଁ ସ୍ୱାର୍ଥ ହାସଲ କରେ ତାହାର ମଧ୍ୟ ତର୍ଜମା ଜରୁରୀ।

ଦେଶରେ ଯେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ କରୁଥିବା ବ୍ୟକ୍ତି ନିଜର ସମସ୍ୟା କଣ ବୁଝିନପାରିଛି କିମ୍ବା ନିଜ ଭାଷାରେ ଏହାର ବୟାନ ନକରିଛି, ସେତେଦିନ ଆନ୍ଦୋଳନ ପଛରେ ଥିବା ତତ୍ତ୍ୱ ଏଥିରୁ ଫାଇଦା ନେଇଚାଲିବେ। କାରଣ ପ୍ରତ୍ୟେକ ଆନ୍ଦୋଳନକାରୀଙ୍କ ନିଜସ୍ୱ ଭାଷା ରହିଛି, ଏହାରି ମାଧ୍ୟମରେ ପ୍ରଜା ଗୁହାରି କଲେ ସରକାର ଏହା ଶୁଣିବାକୁ ବାଧ୍ୟ ହେବେ। କିନ୍ତୁ ଯେତେବେଳେ ଆନ୍ଦୋଳନକାରୀ ଅନ୍ୟ ଭାଷାରେ ସ୍ଲୋଗାନ ଦିଏ ସେଠାରେ ସଙ୍କଟ ବଢ଼େ,ସନ୍ଦେହ ଉପୁଜେ। ତେଣୁ ପ୍ରତି ଆନ୍ଦୋଳନ ପୂର୍ବରୁ ଏଥିପ୍ରତି ସଚେତନ ରହିବା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା। ଆନ୍ଦୋଳନରେ ସାମିଲ ଲୋକଙ୍କ ସମସ୍ୟାକୁ ସଠିକ ଢଙ୍ଗରେ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ହେଉଛି ଜନପ୍ରତିନିଧିଙ୍କ ଦାୟିତ୍ୱ। ଯେଉଁଠି ଜନପ୍ରତିନିଧିମାନେ ନିଜ କାର୍ତ୍ତବ୍ୟରେ ବିଫଳ ହୁଅନ୍ତି ବା ଲୋକଙ୍କ ସମସ୍ୟାକୁ ନଜର ଅନ୍ଦାଜ କରନ୍ତି ସେତେବେଳେ ଆନ୍ଦୋଳନ ବିସ୍ଫୋରକ ରୂପ ଧାରଣ କରେ। ଯାହାକି ସରକାର ଓ ନେତାଙ୍କ ଭାବମୂର୍ତ୍ତି ଉପରେ ପ୍ରଶ୍ନବାଚୀ ଠିଆକରେ। ଏମିତି ଧାରଣା ସୃଷ୍ଟି ହେବା ପୂର୍ବରୁ ସ୍ଥାନୀୟ ପ୍ରତିନିଧି ଏହା ସରକାରଙ୍କୁ ନିହାତି ଜଣାଇବା କଥା। ନଚେତ ଛୋଟିଆ ଏକ ସମସ୍ୟାର ସମାଧାନ ପାଇଁ ବଡ଼ ପଦକ୍ଷେପର ଆବଶ୍ୟକତା ପଡିପାରେ। ସରକାର ବାହାରେ ଥିବା ନେତାମାନେ ନିଜର ଆବଶ୍ୟକତା ପୂରଣ ନିମନ୍ତେ ଆନ୍ଦୋଳନକୁ ଅସ୍ତ୍ର ଭାବେ ଯଦି ବ୍ୟବହାର କରିବେ ଏଥିରେ କାହାର ସ୍ୱାର୍ଥ ହାସଲ ହେବ ବୋଲି ଆପଣ ମନେକରନ୍ତି !


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଖାଲ୍‌ସା ପନ୍ଥରେ ପୁରୀର ସନ୍ଥ



**ସୌମେନ୍ଦ୍ର ଜେନା**

ଶିଖ ଧର୍ମର ଖାଲସା ପନ୍ଥ ବା ପଞ୍ଚ ପ୍ୟାରେଙ୍କୁ ନେଇ ଅନେକ ସମୟରେ ନାନା ପ୍ରକାରର ଭୁଲ ବିଷୟ ପ୍ରଚରିତ ହେଉଛି। ସେମାନଙ୍କ ପରିଚୟ ଓ କାର୍ଯ୍ୟବିଷୟରେ ଭୁଲ ତଥ୍ୟ ପ୍ରଦାନ କରାଯାଉଛି। ଅସତ୍ୟ ଆଧାରିତ କାହାଣୀମାନ କୁହାଯାଉଛି। ଏସବୁ ଏବେ ଇଣ୍ଟରନେଟ୍ ଯୁଗରେ ବହୁସଂଖ୍ୟାରେ ରହିଛି। ଦେଶ ଓ ଧର୍ମର ରକ୍ଷାପାଇଁ ଗୁରୁଗୋବିନ୍ଦ ସିଂହ ୧୬୯୯ରେ ଆନନ୍ଦପୁର ସାହିବଠାରେ ବୈଶାଖୀପାଳନ ବେଳେ ଯେଉଁ ଆତ୍ମବଳୀ ପାଇଁ ଆହ୍ୱାନ ଦେଇଥିଲେ ସେହି ଆହ୍ୱାନକୁ ଗ୍ରହଣକରି ଯେଉଁ ପାଞ୍ଚଜଣ ସାହସୀ ଯୁବକ ଆଗେଇ ଆସିଥିଲେ ସେମାନଙ୍କୁ ପରବର୍ତ୍ତୀ ସମୟରେ ପଞ୍ଚବୀର ସନ୍ଥ ବା ପଞ୍ଚପ୍ୟାରେ କୁହାଗଲା। ସେହି ପାଞ୍ଚଜଣଙ୍କ ଉଦ୍ୟମରେ ଯେଉଁ ଲଢୁଆ ବାହିନୀ ମୁଣ୍ଡଟେକିଲା ତାକୁ ଖାଲସା ପନ୍ଥ କୁହାଗଲା। ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଏହି ପଞ୍ଚପ୍ୟାରେ ନିଜକୁ ଆନନ୍ଦପୁରଠାରେ ହିଁ ଧର୍ମରକ୍ଷା ପାଇଁ ସମର୍ପିତ କରିଥିଲେ। ଗୋବିନ୍ଦ ସିଂହଙ୍କ ଆହ୍ୱାନକୁ ଗ୍ରହଣ କରିଥିବା ପଞ୍ଚପ୍ୟାରେ ଯେ ସମସ୍ତେ ପଞ୍ଜାବର ଥିଲେ ତା ନୁହେଁ, ସେମାନେ ଥିଲେ ଭାରତର ଭିନ୍ନ ଭିନ୍ନ ରାଜ୍ୟର ଲୋକ। ସେମାନଙ୍କ ମଧ୍ୟରୁ ଭାଇ ହିମ୍ମତ ସିଂହ ଓରଫ ହିମ୍ମତ ରାୟ ଥିଲେ ଓଡିଶାର ପୁରୀ ସହରର ବାସିନ୍ଦା। ତାଙ୍କ ପାରିବାରିକ ବୃତ୍ତି ଥିଲା ପାଣି ବୋହିବା। ଏମାନଙ୍କୁ ଧର୍ମରକ୍ଷା ମନ୍ତ୍ର ପ୍ରଦାନପୂର୍ବକ ଦୁଇପଟଧାର ଥିବା ଖଣ୍ଡା ହସ୍ତାନ୍ତରିତ କରାଯାଇଥିଲା। ଗେରୁଆ ବସ୍ତ୍ର ସହ ମୁଣ୍ଡରେ ଆକାଶୀରଙ୍ଗର ପଗଡି ମଧ୍ୟ ପିନ୍ଧିବାକୁ କୁହାଯାଇଥିଲା। କହିବାକୁ ଗଲେ ଗ୍ରାମରେ ଯେପରି ପଞ୍ଚପୁରୁଷ ବା ପଞ୍ଚମୁଖିଆଙ୍କୁ ସମସ୍ୟା ସମାଧାନର ଦାୟିତ୍ୱ ଦେବାର ବ୍ୟବସ୍ଥା ଆଜିଯାଏ ରହିଛି, ଠିକ୍ ସେହିପରି ଏହି ପଞ୍ଚ ପ୍ୟାରେଙ୍କୁ ଗୁରୁ ଧର୍ମରକ୍ଷାର ଦାୟିତ୍ୱ ଦେଇଥିଲେ। ଏହି ପଞ୍ଚପ୍ୟାରେ ଗୁରୁ ଅର୍ଜୁନ ସିଂହଙ୍କ ଶେଷ ଲାହୋର ଯାତ୍ରା ବେଳେ ସାଙ୍ଗରେ ଥିଲେ। ପ୍ରତ୍ୟେକଙ୍କୁ ୧୦୦ଜଣ ଲେଖାଏଁ ଅସ୍ତ୍ରଧାରୀ ଶିଖବାହିନୀ ଦିଆଯାଇଥିଲା। ଗୁରୁ ହରଗୋବିନ୍ଦ ଏହି ବ୍ୟବସ୍ଥା କରିଥିଲେ।

ଗୁରୁନାନକ ଦେବ କେବଳ ଭାରତରେ ନୁହେଁ ଶିଖ ଧର୍ମର ପ୍ରାଣ ପ୍ରତିଷ୍ଠା ପାଇଁ ପୃଥିବୀର ଭିନ୍ନ ଭିନ୍ନ ଦେଶରେ ଅଲଗା ନାମରେ ପରିଚିତ ହୋଇଛନ୍ତି। ଯେମିତି ଗୁରୁନାନକ ଦେବ ଶ୍ରୀଲଙ୍କାରେ ନାନକାଚାର୍ଯ୍ୟ, ତିବ୍ବତରେ ନାନକ ଲାମା, ନେପାଳରେ ନାନକରଷି, ବାଗଦାଦରେ ନାନକପିର, ମକ୍କାରେ ବଲିହିନ୍ଦ୍, ମିଶରରେ ନାନକବଲୀ, ଋଷିଆରେ ନାନକ କଦମ୍ବର, ଇରାକରେ ବାବା ନାନକ, ମଜାହର ସରିଫରେ ପୀର ବାଲାଗଦାନ, ଚୀନରେ ବାବା ଫୁସା ନାମରେ ପରିଚିତ। ଗୁରୁ ନାନକ ପଦବ୍ରଜରେ ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ବିହାର, ଦିଲ୍ଲୀ, ଗୁଜୁରାଟ, ହରିୟାଣା, ଜାମ୍ମୁ କାଶ୍ମୀର, ପଞ୍ଜାବ, ସିକିମ୍ ପାକିସ୍ଥାନ, ବଙ୍ଗଳାଦେଶ, ଆଫଗାନିସ୍ଥାନ, ଇରାକ, ନେପାଳ, ଇରାକ ଓ ଶ୍ରୀଲଙ୍କା ଚୀନକୁ ୨୮ହଜାର କିଲୋମିଟର ୨୪ବର୍ଷ ମଧ୍ୟରେ ଯାତ୍ରା କରିଥିଲେ। ଗୁରୁ ନାନକଦେବଙ୍କ ପ୍ରତିଷ୍ଠିତ ଧାର୍ମିକ କାର୍ଯ୍ୟର ସୁରକ୍ଷା ପାଇଁ ହିନ୍ଦୁସମାଜରୁ ଭିନ୍ନ ଭିନ୍ନ ଜାତିର ଲୋକଙ୍କୁ ସାମିଲ କରି ବିଦେଶୀଙ୍କ ସହ ଲଢିବା ପାଇଁ ଯେଉଁ ଯୋଦ୍ଧାମନ୍ତ୍ର ପ୍ରଦାନ କରାଯାଇଥିଲା ସେଥିରେ ଧରମ ସିଂହ ଦଲାଲ (ଜାଠ ଋଷୀ), ଦୟାରାମ (କ୍ଷତ୍ରୀୟ ଯବାନ), ମୋହକାମ ଋନ୍ଦ (ଧୋବା), ହିମ୍ମତ ରାୟ (ଜଳବାହକ), ସାହିବ ଋନ୍ଦ (ବାରିକ) ଜାତିର ଥିଲେ। ଏମାନେ ଅମୃତ ବା ପରମଶପଥ ଗ୍ରହଣପରେ ନିଜର ମୂଳ ଜାତି ଓ ସାଙ୍ଗିଆକୁ ଛାଡି ସିଂହ ପରିଚୟକୁ ଗ୍ରହଣ କରିଥିଲେ। ଏପରିକି ଗୁରୁ ଗୋବିନ୍ଦ ସିଂହ ଅମୃତ ଗ୍ରହଣ କରିବା ପୂର୍ବରୁ ଗୋବିନ୍ଦ ରାୟ ନାମରେ ପରିଚିତ ଥିଲେ। ତେଣୁ ଖାଲସା ପନ୍ଥ ହିନ୍ଦୁ ସମାଜରୁ ସୃଷ୍ଟି ହୋଇଥିଲା, ଯେଉଁମାନେ ଗୁରୁ ଗୋବିନ୍ଦସିଂହଙ୍କୁ ନିଜ ଗୁରୁଭାବେ ଗ୍ରହଣକରି ନିଜକୁ ସମର୍ପିତ କରିଥିଲେ। ଏମାନେ ଦୟା, ଧର୍ମ, ସାହସ, ଦୃଢ ଇଚ୍ଛାଶକ୍ତି ଓ ଈଶ୍ୱରଙ୍କ ସହ ଏକାତ୍ମର ପ୍ରତୀକ ଥିଲେ। ଏମାନଙ୍କ ମଧ୍ୟରୁ ଜଣେ ଓଡିଶାର ପୁରୀରୁ ଥିଲେ। ଏଥିରୁ ଖାଲସାପନ୍ଥ ଗଠନରେ ଓଡିଶାର ଲୋକଙ୍କ ଭୂମିକା ରହିଥିବା ସ୍ପଷ୍ଟ ଜଣାପଡେ। କିନ୍ତୁ ଖାଲସାପନ୍ଥର ଏହି ଓଡିଆ ସନ୍ଥଙ୍କ ସଂପର୍କରେ ଓଡିଶାରେ ଆଲୋଚନା ଖୁବ୍ କମ୍ ହୋଇଥାଏ। ଭାଇ ହିମ୍ମତ ସିଂହଙ୍କ ଜନ୍ମ ୧୮ ଜାନୁଆରୀ ୧୬୬୧ରେ ପୁରୀ ଠାରେ ହୋଇଥିଲା। ମାତ୍ର ୧୭ବର୍ଷ ବୟସରେ ସେ ଗୁରୁ ଗୋବିନ୍ଦସିଂହଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ। ତାଙ୍କ ପିତାଙ୍କ ନାମ ଗୁଲଜାରି ଏବଂ ମାତାଙ୍କ ନାମ ଧନୁ ଥିବାର ଜଣାଯାଏ। ମୋଗଲଙ୍କ ସହ ଚମକାଉରଠାରେ ସଂଘର୍ଷ ବେଳେ ମାତ୍ର ୪୪ ବର୍ଷ ବୟସରେ ୭ ଡିସେମ୍ବର ୧୭୦୫ରେ ସନ୍ଥ ହିମ୍ମତ ସିଂହଙ୍କ ଦେହାବସାନ ଘଟିଥିଲା। ତାଙ୍କ ସହ ଭାଇ ସାହିବସିଂହ ଏବଂ ଭାଇ ମୋହକାମସିଂହଙ୍କ ମଧ୍ୟ ଦେହାବସାନ ଘଟିଥିଲା। ଭାଇ ହିମ୍ମତ ସିଂହଙ୍କ ନାମରେ ଏବେ ଜଳନ୍ଧରର ଏକ ଅଞ୍ଚଳ ନାମିତ ହୋଇଛି। ପୁରୀସ୍ଥିତ ବଳିଆପଣ୍ଡା ହାଉସିଂ ବୋର୍ଡ କଲୋନୀର ପାର୍କଟିକୁ ଭାଇ ହିମ୍ମତ ମେମୋରିଆଲ ପାର୍କଭାବେ ନାମିତ କରାଯାଇଛି। ଏହାକୁ ପୁରୀସ୍ଥିତ ଗୁରୁଦ୍ୱାରା ହିଁ ରକ୍ଷଣାବେକ୍ଷଣ କରୁଛି। ପଞ୍ଜାବରେ ମୋଗାର ନିଉଟାଉନଠାରେ ଗୁରୁଦ୍ୱାରା ଭାଇ ହିମ୍ମତ ସିଂହ ରହିଛି। ଲୁଧିଆନାରେ ହିମ୍ମତ ସିଂହ ନଗର ରହିଛି।

ଏହି ପଞ୍ଚ ପ୍ୟାରେଙ୍କୁ ଖାଲସା ବାଣୀ "ୱାହେ ଗୁରୁଜୀ କା ଖାଲସା, ୱାହେ ଗୁରୁଜୀ କୀ ଫତେହ" ଗୁରୁ ଗୋବିନ୍ଦ ସିଂହ ଶୁଣାଇଥିଲେ। ତାଙ୍କ ଅନୁଗାମୀମାନଙ୍କୁ ଲଢୁଆ ବା ସିଂହ ଭାବେ ପ୍ରଦର୍ଶନ କରି ନାମ ଶେଷରେ ସିଂହ ଲେଖିବାକୁ କହିଥିଲେ। ଖାଲସା ପନ୍ଥ ଅକଟା କେଶ, କାଠର ପାନିଆ (କଙ୍ଗା), ଲୁହାର କଡା, ଆଣ୍ଠୁ ପର୍ଯ୍ୟନ୍ତ ପୋଷାକ (କଚ୍ଛେରା) ଓ ଖଣ୍ଡା ଦ୍ୱାରା ପରିଚିତ। ଏହି ପାଞ୍ଚଗୋଟି 'କ' ଦ୍ୱାରା ଖାଲସାର ସ୍ୱାତନ୍ତ୍ର୍ୟ ବାରି ହୋଇଥାଏ। ଏଥିରେ ଈଶ୍ୱରଙ୍କୁ ଗ୍ରହଣ କରିବା, ସ୍ୱଚ୍ଛତା, ଧୈର୍ଯ୍ୟ ସହ ସମାଜର ଦୁର୍ବଳ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟ ରହିଛି। ତେଣୁ ୧୩ ଏପ୍ରିଲକୁ ଖାଲସାର ଜନ୍ମ ବା ଖାଲ୍‌ସା ସର୍ଜନା ଦିବସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ। ନାନକସାହି ଶିଖ ପଞ୍ଜିକାର ଦ୍ୱିତୀୟ ମାସକୁ ବୈଶାଖ କୁହାଯାଇଥାଏ। ବୈଶାଖୀ ଉତ୍ସବରେ କୃଷକମାନେ ଭବିଷ୍ୟତର ଉନ୍ନତି ଏବଂ ଉତ୍ତମ ଫସଲ ଅମଳ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥାନ୍ତି। ଭାଇ ହିମ୍ମତ ସିଂହ (ରାୟ) ଜଣେ ଓଡିଆ ଲୋକ ହୋଇଥିଲେ ହେଁ ତାଙ୍କ ସଂପର୍କରେ ଓଡିଶାର ଇତିହାସ ଏବଂ ପାଠ୍ୟପୁସ୍ତକରେ କିଛି ଉଲ୍ଲେଖଥିବାର ଦେଖିବାକୁ ମିଳେନାହିଁ। ରାଜ୍ୟର ସାଧାରଣ ଜନତା, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନେ ଓଡିଶାର ଏହି ଯୋଦ୍ଧା ପୁରୁଷଙ୍କ ପାଇଁ ଯେପରି ଗୌରବାନ୍ୱିତ ମନେକରିବେ ସେଥିପାଇଁ ଇତିହାସର ଏହି ସବୁ ଅଧ୍ୟାୟକୁ ରାଜ୍ୟର ଇତିହାସ ପାଠ୍ୟପୁସ୍ତକରେ ସ୍ଥାନ ଦେବା ପାଇଁ ସରକାର ପ୍ରୟାସ କରିବା ଦରକାର।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଆଜିର ଜୀବନରେ ରାମାୟଣର ଆଦର୍ଶ



**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ରାମଚନ୍ଦ୍ରଙ୍କ ପାଖରେ ଏତେ ବୀରମାନେ ଥାଉଁ ଥାଉଁ ସେ ତାଙ୍କ କାମ ପାଇଁ ହନୁମାନଙ୍କୁ ବାଛିଲେ। ଏଭଳି ପରିସ୍ଥିତିରେ ହନୁମାନ ମନରେ ଟିକେ ହେଲେ ଅହଂକାର ଆସିନଥିଲା ବା ସେ ଏଥିରେ ଉଲ୍ଲସିତ ହୋଇ ନଥିଲା। ସେ ମନେ ମନେ ଭାବିଲା 'ମୋ ଭିତରେ ଭଗବାନଙ୍କ କାମ କଲା ପରି ଶକ୍ତି ନଥିଲେ ପ୍ରଭୁ ମୋତେ ବାଛି ନଥାନ୍ତେ'। ସେ ନିଜକୁ ଦୁର୍ବଳ ଓ ଅସହାୟ ବୋଲି ଭାବୁ ନଥିଲା। ସେ ଭାବୁଥିଲା ତା'ର ଶକ୍ତି ଈଶ୍ୱରଙ୍କ ଶକ୍ତି। ହନୁମାନ ମନର ପବିତ୍ର ଭାବ, ଭକ୍ତି ଓ ଶକ୍ତି କଥା ରାମାୟଣରେ ସୁନ୍ଦରାକାଣ୍ଡରେ ବର୍ଣ୍ଣିତ ହୋଇଛି। ସେତେବେଳେ ବାନରମାନେ ଯେତେ କାମ କରି ପାରୁଥିଲେ ବର୍ତ୍ତମାନ ମଣିଷମାନେ ତା'ର ସାମାନ୍ୟତମ ଅଂଶ ମଧ୍ୟ କରିପାରୁ ନାହାନ୍ତି। ବାନରମାନେ ବଡ଼ ବଡ଼ ପଥରମାନ ଉଠାଇ ନେଇ ଯାଉଥିଲେ, ମାତ୍ର ଆଜିକାଲିର ମଣିଷ ପାଣି ମାଠିଆଏ ମଧ୍ୟ ସହଜରେ ଉଠାଇ ପାରୁନାହିଁ। ଆଜିକାଲି ଏତେ ଲମ୍ବା ଲମ୍ବା ଉପାଧି ସତ୍ତ୍ୱେ ସାଧାରଣ କାମଟିଏ ପାଇଁ ଏପରିକି କୋଠାଟିଏ ତୋଳିବା ପାଇଁ ପାଞ୍ଚ ବର୍ଷିଆ ଯୋଜନାମାନ ଆବଶ୍ୟକ ପଡୁଛି। ସେ ଯୁଗର ବାନରମାନଙ୍କର ଶିକ୍ଷା ଦୀକ୍ଷା ନ ଥିଲେ ମଧ୍ୟ ଭକ୍ତି ବଳରେ ସେମାନେ ସମୁଦ୍ର ଉପରେ ବନ୍ଧ ବାନ୍ଧି ପାରିଥିଲେ।

ଆଜିର ଶିକ୍ଷାଭିମାନୀ ଲୋକେ କାହା ପାଖରେ ଟିକିଏ ଭକ୍ତି ଦେଖିଲେ ତାକୁ ଉପହାସ କରୁଛନ୍ତି। ଏହା ଶୁଣିଲେ ପଚାରିବାକୁ ଇଚ୍ଛା ହୁଏ - ସେମାନେ ଭକ୍ତ ମାନଙ୍କୁ ପରିହାସ କରୁଛନ୍ତି ନା ନିଜକୁ ପରିହାସ କରୁଛନ୍ତି ? ଏ ବିଷୟରେ ଭଗବାନ ଶ୍ରୀ ସତ୍ୟସାଇ ବାବା ଆମ ସମସ୍ତଙ୍କୁ ଏକ ସୁନ୍ଦର ବାର୍ତ୍ତା ଦେବା ପାଇଁ ଏକ ଦିବ୍ୟ ସମ୍ଭାଷଣରେ ଗୋଟିଏ କାହାଣୀ ଯାହା ଉଲ୍ଲେଖ କରିଥିଲେ ମନେ ପଡୁଛି। ଅଜାଟିଏ ଓ ନାତିଟିଏ ଥିଲେ। ଅଜା ପୁରାତନ ସଂସ୍କୃତିର ଆଚରଣରେ ବଢ଼ିଥିଲେ। ମାତ୍ର ନାତି ଆଧୁନିକ ଶିକ୍ଷାରେ ଶିକ୍ଷିତ ଥିଲା। ନାତି ଭାବୁଥିଲା ଅଜା ଯାହା ସବୁ କରୁଛନ୍ତି ସେ ସବୁ ନିରର୍ଥକ ଓ ବାଜେ କାମ। ଅଜା ଦିନେ ସଂଧ୍ୟା ସମୟରେ ସ୍ନାନ ସାରି ସଂଧ୍ୟା ବନ୍ଦନା କରିବାକୁ ବସିଲେ। ଗୋଟିଏ ଗିଲାସରେ ଟିକିଏ ପାଣି ନେଇ ଗୋଟିଏ ଚାମଚରେ ଟିକିଏ ଟିକିଏ ପାଣି, କେଶବାୟ ସ୍ୱାହା, ନାରାୟଣାୟ ସ୍ୱାହା, ଅଚ୍ୟୁତାୟ ସ୍ୱାହା ଇତ୍ୟାଦି କହି ଆଚମନ କରୁଥାନ୍ତି। ନାତି ଏହା ଦେଖି କହିଲା, 'ଅଜା, ତୁମକୁ ଯଦି ଶୋଷ ହେଉଛି ତେବେ ପାଣି ଏକାଥରେ ପିଇ ଦେଉନ,ଏମିତି ଟିକେ ଟିକେ ପିଉଛ କାହିଁକି ? ଅଜା ସେତେବେଳେ ନାତିକୁ କିଛି କହିଲେ ନାହିଁ। ଥରେ ସେ ଦେଖିଲେ ନାତି ଦୁଆତରେ ବାରମ୍ବାର କଲମ ବୁଡ଼ାଇ କ'ଣ ସବୁ ଲେଖୁଛି। ସେତେବେଳେ ତା' ପାଖକୁ ଯାଇ କହିଲେ 'ହଇରେ କଲମଟାକୁ ଦୁଆତରେ ବାରମ୍ବାର ବୁଡ଼ାଇ ଲେଖୁଛୁ କାହିଁକି ? ଖାତା ଉପରେ ସବୁତକ କାଳି ଏକାଥରେ ଢ଼ାଳି ଦେଉନୁ ? ନାତି କହିଲା 'ଏକାଥରେ ସବୁତକ କାଳି ଢ଼ାଳି ଦେଲେ ଅକ୍ଷର ଦିଶିବ କେମିତି ? ଅଜା ହସି ହସି ଉତ୍ତର ଦେଲେ 'ସବୁଜାକ ପାଣି ଏକାଥରେ ପିଇ ଦେଲେ ଅକ୍ଷର ବ୍ରହ୍ମ ଦିଶିବେ କେମିତି ?' ପ୍ରତ୍ୟେକ କର୍ମର ଗୋଟିଏ ଗୋଟିଏ ବିଧି ଓ ଗୋଟିଏ ଗୋଟିଏ ନିଷେଦ୍ଧ ଅଛି। ଏହାକୁ ଭୁଲି ଆମେ ନିଜର ବିଧି ଓ ନିଷେଦ୍ଧକୁ ବ୍ୟବହାର କରିବା ଠିକ୍ ନୁହେଁ। ଯେଉଁମାନେ ଆମ ସଂସ୍କୃତିକୁ ଭୁଲି ଯିବା ପାଇଁ କହନ୍ତି, ସେମାନେ ଏହାର କାରଣ ନିର୍ଦ୍ଦେଶ କରି ପାରନ୍ତି ନାହିଁ। ଭଗବାନଙ୍କୁ ନିନ୍ଦା କରି ଭଗବାନ ନାହାନ୍ତି ବୋଲି କହିବା ବା ତୀର୍ଥ ଓ ତୀର୍ଥ ଯାତ୍ରାକୁ ଅନାବଶ୍ୟକ ବୋଲି କହିବା ଆଜିର ସଭ୍ୟତାର ଚିହ୍ନ ହୋଇ ପଡ଼ିଛି। ଆଧ୍ୟାତ୍ମିକ ଜୀବନରୁ ଯେଉଁ ଶାନ୍ତି ଓ ଆନନ୍ଦ ମିଳେ ତାହା କେଉଁଠୁ ମିଳେନାହିଁ। ଆମ୍ଭମାନଙ୍କର କୋଟି କୋଟି ଟଙ୍କା ଥାଇପାରେ, ସମାଜରେ ପ୍ରତିଷ୍ଠା ଓ ପ୍ରଭାବ ଥାଇପାରେ ମାତ୍ର ସେ ସବୁ ଆମକୁ ସୁଖ ଶାନ୍ତି ଦେଇ ପାରି ନଥାଏ। ସଂସାରରେ ଅନେକ ଧନବାନ, ବଳବାନ ଓ ପ୍ରତିଷ୍ଠାବାନ ଲୋକେ ଅଛନ୍ତି। ସେମାନେ କ'ଣ ସୁଖରେ ଅଛନ୍ତି ? ନା, ଶାନ୍ତି ପ୍ରତ୍ୟେକ ଲୋକର ଆବଶ୍ୟକ। ରାମାୟଣର ଆଦର୍ଶ ଅନୁସରଣ କଲେ ଆମେ ଶାନ୍ତି ପାଇପାରିବା। ରାମାୟଣକୁ କେବଳ କାହାଣୀ ଭାବରେ ଦେଖିବା ରାମାୟଣର ବାହ୍ୟ ଦୃଷ୍ଟି। ରାମାୟଣର ପ୍ରକୃତ ତାତ୍ପର୍ଯ୍ୟ ବୁଝିବା ଆବଶ୍ୟକ। କେବଳ ରାମାୟଣ କାହିଁକି, ବେଦ, ପୁରାଣ, ଇତିହାସ ସବୁକିଛି ମଣିଷକୁ ଉତ୍ତମ ଆଦର୍ଶ ଦେଖାନ୍ତି। ଭଗବାନ ଶ୍ରୀ ସତ୍ୟସାଇ ବାବା ଅତି ଭଲ ପାଉଥିବା ଛାତ୍ରଛାତ୍ରୀମାନଙ୍କୁ ଏ ସବୁ ଅଧ୍ୟୟନ କରିବା ପାଇଁ ସମୟ ପ୍ରଦାନ କରିବା ନିମିତ୍ତ ମାର୍ଗ ଦର୍ଶନ କରିଛନ୍ତି। ଆଜିକାଲି ଏଣୁ ତେଣୁ ବାଜେ ବହି, ଉତ୍ତେଜିତ ଚିତ୍ର କାହାଣୀ ଆଦି ପଢ଼ିବାକୁ ମଣିଷର ସମୟ ଅଛି, ଅଥଚ ସତ୍‌ସଙ୍ଗରେ ଯୋଗ ଦେବାକୁ, ଭଜନରେ ସମୟ ନାହିଁ। ଏହା ଆଳସ୍ୟ ଓ ବେଖାତିର ଭାବ।

ଆଜିକାଲି ମଣିଷ ଜୀବନ ଏପରି ହୋଇଛି ଯେ ସେ ସବୁବେଳେ ଦଉଡୁଛି। ଅଫିସ୍‌କୁ, ବସକୁ, କ୍ଲବକୁ, ସାରା ଜୀବନ କେବଳ ଦୌଡ଼ି ଦୌଡ଼ି କଟି ଯାଉଛି। ସମସ୍ତ ପ୍ରାଣୀ ମାନଙ୍କ ଭିତରେ ନର ଜନ୍ମ ଶ୍ରେଷ୍ଠ। ସେଥିପାଇଁ କୁହାଯାଏ ଜନ୍ତୁନାଂ ନର ଜନ୍ମ ଦୁର୍ଲଭଂ। ମାନବ ଜୀବନ ଅପୂର୍ବ। ଈଶ୍ୱରଙ୍କର ଏକ ଦାନ। ଏହାକୁ ନଷ୍ଟ କରିବା ଉଚିତ କି ? ଭଗବାନ ଶ୍ରୀସତ୍ୟସାଇ ବାବା ଆମ୍ଭ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରି ଆମ୍ଭେମାନେ ଈଶ୍ୱରଙ୍କର ଏହି ଦାନ, ପବିତ୍ର ଜୀବନକୁ ଯଥାର୍ଥ ଭାବେ ବ୍ୟବହାର କରି ଅନ୍ୟମାନଙ୍କ ପାଇଁ ଆଦର୍ଶ କରି ଗଢ଼ି ତୋଳିବା ବୋଲି ମାର୍ଗ ଦର୍ଶନ କରିଛନ୍ତି। ଆମ୍ଭମାନଙ୍କ ପରିବାର ସାରା ଆଦର୍ଶ ହେବା ଉଚିତ। ରାମଙ୍କ ପରିବାରରେ ପ୍ରତ୍ୟେକ ଜଣେ ଜଣେ ଆଦର୍ଶ ଥିଲେ। ରାମଙ୍କ ଭାଇମାନେ ପରସ୍ପର ମଧ୍ୟରେ କିପରି ଆଚରଣ ଦେଖାଉଥିଲେ। ଲକ୍ଷ୍ମଣ ରାମଙ୍କର ଛାଇ ପରି ରହୁଥିଲେ। ସେ ରାମଙ୍କ ଜୀବନ ପରି ସର୍ବଦା ତାଙ୍କ ପାଖେ ପାଖେ ରହୁଥିଲେ। ରାମଙ୍କ ବିନା ଲକ୍ଷ୍ମଣ ଓ ଲକ୍ଷ୍ମଣ ବିନା ରାମ ମୁହୂର୍ତ୍ତେ ମାତ୍ର ରହିପାରୁନଥିଲେ। ଚିତ୍ରକୂଟରେ ଥିବା ବେଳେ ରାମ ଥରେ କ୍ଲାନ୍ତ ହୋଇ ପଡ଼ିଥିଲେ। ସେ ଲକ୍ଷ୍ମଣଙ୍କୁ ଡାକି ତାଙ୍କ ଇଚ୍ଛାନୁସାରେ ଗୋଟିଏ କୁଡ଼ିଆ ତିଆରି କରିବାକୁ କହିଲେ। ମାତ୍ର ଏହା ଲକ୍ଷ୍ମଣଙ୍କୁ ଛାତିରେ ଶୁଳ ବିନ୍ଧ ହେବା ପରି ଲାଗିଲା। ସେ ରାମଙ୍କର ପାଦ ତଳେ ପଡ଼ି କହିଲେ ପ୍ରଭୁ ମୁଁ କି ଅପରାଧ କଲି ଯେ ମୋତେ ଏହା ଶୁଣିବାକୁ ପଡ଼ିଲା। ରାମ କରୁଣ କଣ୍ଠରେ କହିଲେ 'ମୁଁ କ'ଣ କହିଲି କି ? ତୋ ଇଚ୍ଛାନୁସାରେ କୁଡ଼ିଆଟିଏ ତିଆରି କରିବାକୁ ତ କହିଲି।' ଏହା ଶୁଣି ଲକ୍ଷ୍ମଣ କାନରେ ହାତ ଦେଇ କହିଲେ ନା' ନା' ଆଉ ସେ ଭଳି କହନ୍ତୁ ନାହିଁ। ମୁଁ ଆଉ ଏ କଥା ଶୁଣି ପାରିବି ନାହିଁ। ମୋର କ'ଣ କିଛି ସ୍ୱତନ୍ତ୍ର ଇଚ୍ଛା ବା ଅଭିଳାଷ ବା ବିଚାର ଅଛି ? ମୁଁ ତ ସେ ସବୁ ଆପଣଙ୍କ ଠାରେ ସମର୍ପି ଦେଇଛି। ମୁଁ ଆପଣଙ୍କର ଦାସ, ଆପଣ ଯାହା କହିବେ ତାହା କରିବି। ଦେଖ ବଡ଼ ଭାଇକୁ ସାନ ଭାଇ କିପରି ଭକ୍ତି ଦେଖାଉ ଥିଲା। ଭାଇ ଭାଇ ମଧ୍ୟରେ ଏପରି ସ୍ନେହ ଓ ଭକ୍ତି ଥିବାରୁ ସେମାନେ ପରବସ୍ଥାରେ ଥିଲେ ମାତ୍ର ଆଜିକାଲି ଭାଇ ଭାଇ ବିରୋଧରେ ସୁପ୍ରିମକୋର୍ଟ ଯିବାକୁ କୁଣ୍ଠା କରୁନାହିଁ। ଭାଇ ଭାଇ ମଧ୍ୟରେ ଏପରି ଆଚରଣ ସଙ୍ଗତ କି ?

*ଶିଖରପୁର ଉପରସାହି, କଟକ*
*ଦୂରଭାଷ : ୮୨୮୦୯୬୩୨୮୩*

# ଶ୍ରୀଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ କରିଡ଼ର



**ବିପିନ ବିହାରୀ ରାଉତ**

ଶ୍ରୀକ୍ଷେତ୍ରବାସୀଙ୍କ ପାଇଁ ୨୪ ନଭେମ୍ବର ବୁଧବାର ସର୍ବଦା ସ୍ମରଣୀୟ ରହିବ। ଏକ ନୂତନ ପୁରୀ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେବାକୁ ଯାଉଛି। ଏହାପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଖୁବ ଶୀଘ୍ର ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପରେ ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ ଐତିହ୍ୟ ନଗରୀ କରିବା ପାଇଁ ଲାଗିପଡ଼ିବେ ଆଜିର ବିଶ୍ୱକର୍ମାମାନେ। ଏହି ପର୍ବ ପାଇଁ ତିନି ଦିନିଆ ଯଜ୍ଞ ସୋମବାର ଠାରୁ ଆରମ୍ଭ ହୋଇଛି। ଶ୍ରୀ ମନ୍ଦିର ଚାରିପଟେ ୭୫ ମିଟର ଚୌହଦିରେ ନିର୍ମାଣ ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏହି ପ୍ରକଳ୍ପର ଚାରି ଗୋଟି ବିଶେଷତ୍ୱ ରହିଛି। ପ୍ରଥମଟି ହେଉଛି ପରିକ୍ରମା ପ୍ରକଳ୍ପରେ ଯାତ୍ରୀ ସେବା ଓ ଐତିହ୍ୟ ପରିକ୍ରମା ବିକାଶ। ଏହାକୁ ନଅ ଗୋଟି ଜୋନରେ ବିଭକ୍ତ କରାଯାଇଛି। ଦ୍ୱିତୀୟଟି ହେଉଛି ୬ ହଜାର ତୀର୍ଥଯାତ୍ରୀଙ୍କ ପାଇଁ ଅଭ୍ୟର୍ଥନା ପ୍ରକୋଷ୍ଠ। ତୃତୀୟ ପ୍ରସଙ୍ଗ ହେଉଛି ପରିକ୍ରମା ପ୍ରକଳ୍ପ ପରିସରରେ ରହିଥିବା ୧୫ଟି ପୁରାତନ ମଠ ସମୂହର ପୁନଃନିର୍ମାଣ। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ସାମ୍ନା ଇଲାକା ସମ୍ପୂର୍ଣ୍ଣ ଖୋଲା ରହିବ। ପରିକ୍ରମା ପ୍ରକଳ୍ପ ଶ୍ରୀମନ୍ଦିରର ଅନ୍ୟ ତିନି ଦିଗରେ ରହିବ। ପ୍ରଥମଟିକୁ କୁହାଯାଉଛି ବଫର ଜୋନ। ପ୍ରଥମ ଦଫାରେ ରହିଛି ଶ୍ରୀମନ୍ଦିର ଐତିହ୍ୟ ପରିକ୍ରମା ବିଭାଗରେ ରହିଛି ନଅ ଗୋଟି ଜୋନର ବିକାଶ ପରିକଳ୍ପନା। ପ୍ରଥମ ପରିକଳ୍ପନାରେ ରହିଛି ମେଘନାଦ ପାଚେରୀକୁ ଲାଗି ସାତ ମିଟର ଓସାର ଇଲାକାରେ ଚିହ୍ନଟ ହେବ ବଫର ଜୋନ। ଏହାକୁ ଦୁଇ ଭାଗ କରାଯାଇଛି ମେଘନାଦ ପାଚେରି କଡ଼ରେ ଦୁଇ ମିଟର ଇଲାକାରେ ଷ୍ଟାଫ୍‌ଙ୍କ ତଦାରଖ ପାଇଁ ବଫେର ଜୋନ। ବାକି ପାଞ୍ଚ ମିଟର ଇଲକାରେ ଏକ ମିଟର ଉଚ୍ଚତାର ଆକର୍ଷଣୀୟ ଟେରେସ୍। ସେହିପରି ଭିତର ପ୍ରଦକ୍ଷିଣ ମାର୍ଗ : ଏହାକୁ ଲାଗି ଦଶ ମିଟର ଇଲାକାରେ ଭିତର ପ୍ରଦକ୍ଷିଣ ମାର୍ଗ। ଏହି ପରିକ୍ରମା ମାର୍ଗରେ ଠାକୁରମାନେ ଯାନଯାତ୍ରାରେ ଶ୍ରୀମନ୍ଦିର ବାହାରେ ପରିକ୍ରମା କରିବେ। ତା ସହ ଅନ୍ୟ ସମୟରେ ଯାତ୍ରୀମାନେ ଏହି ପରିକ୍ରମା ମାର୍ଗ ଦେଇ ଶ୍ରୀମନ୍ଦିର ପ୍ରଦକ୍ଷିଣ କରିବେ। ଅନ୍ୟଟି ହେଉଛି ଲ୍ୟାଣ୍ଡସ୍କେପ୍ ଜୋନ। ଏହାକୁ ଲାଗି ରହିବ ୧୪ ମିଟର ଓସାରର ଲ୍ୟାଣ୍ଡସ୍କେପ ଜୋନ। ଏହି ଜୋନରେ ଉଦ୍ୟାନ ରହିବ। ମହାପ୍ରଭୁଙ୍କ ସେବାପୂଜାରେ ବିନିଯୋଗ ହେଉଥିବା ବନସ୍ପତି, ପୁଷ୍ପ, ପତ୍ର ଆଦି ଏହି ଲ୍ୟାଣ୍ଡସ୍କେପରେ ରହିବ। ସେହିପରି ବାହ୍ୟ ପ୍ରଦକ୍ଷିଣ ମାର୍ଗ ଭିତର ପରିକ୍ରମାକୁ ଲାଗି ନିର୍ମାଣ ହେବ ୮ ମିଟର ଚଉଡାର ବାହ୍ୟ ପ୍ରଦକ୍ଷିଣ ମାର୍ଗ। ଏହି ଜୋନରେ ବୃକ୍ଷରୋପଣ ହେବ। ତୀର୍ଥଯାତ୍ରୀଙ୍କୁ ଗଛ ଛାଇ ଯୋଗାଇବାକୁ ବନାନୀ ସୃଷ୍ଟି ଭଳି ବନୀକରଣ ହେବ। ଏହାସହ ଲୋକସେବା ଜୋନ। ବାହ୍ୟ ପ୍ରଦକ୍ଷିଣ ଜୋନକୁ ଲାଗି ରହିବ ୧୦ ମିଟର ଚଉଡାର ଲୋକସେବା ଜୋନ। ଏହି ଜୋନରେ ବୃକ୍ଷଲତା ସମେତ ବିଶ୍ରାମ କକ୍ଷ, ପାନୀୟ ଜଳ ସେବା, ଜଳ ଫୁଆରା, ସୂଚନା ଓ ଦାନ କେନ୍ଦ୍ର, ପଥଚାରୀଙ୍କ ପାଇଁ ପଥପ୍ରାନ୍ତ ବିଶ୍ରାମ ବ୍ୟବସ୍ଥା ରହିବ। ସେହିପରି ରକ୍ଷଣାବେକ୍ଷଣ ମାର୍ଗ ।ପରିକ୍ରମା ପ୍ରକଳ୍ପ ମାର୍ଗର ରକ୍ଷଣାବେକ୍ଷଣ ପାଇଁ ଯାନବାହାନ ଚଳାଚଳ ନିମନ୍ତେ ପାଞ୍ଚ ମିଟର ଜୋନ ଲୋକ ସେବା ଜୋନ୍‌କୁ ଲାଗି ରହିବ। ଏହି ରାସ୍ତା ଦେଇ ଯାନବାହାନ ତଥା ଯନ୍ତ୍ରାଂଶ ଆଦି ପରିକ୍ରମା ଭିତରକୁ ଯାତାୟତ କରିବ। ଅନ୍ୟଟି ହେଉଛି ଆପଦକାଳୀନ ସେବା। ଏହି ଜୋନକୁ ଲାଗି ରହିବ ଜରୁରୀକାଳୀନ ତଥା ଆପଦକାଳୀନ ସେବା ପରିଚାଳନା ନିମନ୍ତେ ସାଢ଼େ ଚାରି ମିଟର ଚଉଡାର ଜୋନ। ଜରୁରୀକାଳୀନ ସ୍ଥିତିରେ ଏହି ଜୋନ ସେବାକରୀ ତଥା ନିରାକରଣ ଦଳ ପ୍ରବେଶ କରିବେ। ସେହିପରି ସର୍ବସାଧାରଣ ଯାତାୟାତ ପଥ। ପରିକ୍ରମା ପ୍ରକଳ୍ପର ଅଷ୍ଟମ ଜୋନରେ ସାଢ଼େ ସାତ ମିଟର ଚଉଡାର ସର୍ବସାଧାରଣ ଯାନବାହାନ ଯାତାୟାତ ରାସ୍ତା। ସେହିପରି ପାର୍କିଂ ସ୍ପେସ। ଶେଷ ତଥା ନବମ ଜୋନରେ ସାତ ମିଟର ଚଉଡାର ଚଲାପଥ, ପରିକ୍ରମା ସୀମାକୁ ଲାଗି ରହିଥିବା ବସତି ଲୋକଙ୍କ ଯାତାୟାତ ସୁବିଧା ବ୍ୟତୀତ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କ ଯାନବାହାନ ପାର୍କିଂ ପ୍ଲେସ ସେବା ନିର୍ମାଣ କରାଯିବ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୭୫ ମିଟର ସୁରକ୍ଷା କରିଡ଼ର ନିର୍ମାଣ ପାଇଁ ୨୦୧୭ରେ ସୁପାରିସ କରିଥିଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ। ଶ୍ରୀମନ୍ଦିର ପ୍ରଶାସନିକ ବ୍ୟବସ୍ଥାରେ ସଂସ୍କାର ପାଇଁ ତାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର ଏକ ବିଚାର ବିଭାଗୀୟ କମିସନ ଗଠନ କରିଥିଲେ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଚତୁଃପାର୍ଶ୍ୱ ଅଞ୍ଚଳକୁ ସମ୍ପୂର୍ଣ୍ଣ ଅବରୋଧମୁକ୍ତ କରାଯିବା ସହ ଶ୍ରୀଜୀଉ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବାକୁ ସେ ପରାମର୍ଶ ଦେଇଥିଲେ। ଏତଦ୍ ବ୍ୟତୀତ ଶ୍ରୀମନ୍ଦିର ରୋଷଶାଳା ଏବଂ ଆନନ୍ଦ ବଜାର ସ୍ଥିତିରେ ସୁଧାର ଆଣିବାକୁ ସୁପାରିସ କରିଥିଲେ। ବିଚାରପତି ଶ୍ରୀ ଦାସ। ତାହାକୁ ଭିତ୍ତିକରି ଶ୍ରୀମନ୍ଦିର ପ୍ରଶାସନ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୭୫ ମିଟର ଅଞ୍ଚଳକୁ ନେଇ ପରିକ୍ରମା ମାର୍ଗ ତଥା ଐତିହ୍ୟ କରିଡ଼ର ନିର୍ମାଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଐତିହ୍ୟ କରିଡ଼ର ପ୍ରକଳ୍ପକୁ ଅଭୂତପୂର୍ବ ଜନସମର୍ଥନ ମିଳିଛି। ଏହା ସପକ୍ଷରେ ଓଡ଼ିଶା ବିଧାନସଭାରେ ଗୃହୀତ ହୋଇଛି ସର୍ବସମ୍ମତ ପ୍ରସ୍ତାବ। ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ମହିମାର ପ୍ରଚାର ଏବଂ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପରିକ୍ରମା ମାର୍ଗ ନିର୍ମାଣ ଆବଶ୍ୟକ ଥିବା ସମସ୍ତ ରାଜନୈତିକ ଦଳ ମତ ଦେଇଛନ୍ତି। ଗତ ଫେବୃଆରୀ ମାସ ୨୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଏହି ପ୍ରସ୍ତାବ ଆଗତ କରିଥିଲେ। ଜୟ ଜଗନ୍ନାଥ ଏବଂ କରତାଳି ସହ ସର୍ବସମ୍ମତ କ୍ରମେ ଗୃହରେ ତାହା ପାରିତ ହୋଇଥିଲା। ଶ୍ରୀମନ୍ଦିର ପରିକ୍ରମା ମାର୍ଗ ତଥା ଐତିହ୍ୟ କରିଡ଼ର ସପକ୍ଷରେ ସବୁ ରାଜନୈତିକ ଦଳ ବିଧାୟକ ମତ ଦେଇଥିଲେ। ସେହିଦିନ ଠାରୁ ତ୍ୱରାନ୍ୱିତ ହୋଇଥିଲା ପ୍ରଶାସନିକ ପ୍ରସ୍ତୁତି ପ୍ରକ୍ରିୟା, ଯାହା ଏବେ ରୂପାନ୍ତରିତ ହେବାକୁ ଯାଉଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ମାର୍ଗ ନିର୍ମାଣ ଦାୟିତ୍ୱ ଟାଟା ପ୍ରକଳ୍ପକୁ ଦିଆଯାଇଛି। ଏଥିପାଇଁ ୩୩୧ କୋଟି ୩୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଅଠରମାସ ମଧ୍ୟରେ କାର୍ଯ୍ୟ ଶେଷ କରାଯିବା ପ୍ରସ୍ତାବ ରହିଛି। ଜମି କ୍ରୟ କ୍ଷତିପୂରଣ ବାବଦରେ ୧୧୫ ପରିବାର ସମେତ ୨୪ ଲଜିଂ ଏବଂ ୫୧୨ ଦୋକାନୀଙ୍କୁ ଏ ପର୍ଯ୍ୟନ୍ତ ୨୩୪ କୋଟି ୧୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୧୫ ମଠ ମହନ୍ତଙ୍କୁ ୩୬ କୋଟି ୨୬ ଲକ୍ଷ ଟଙ୍କା ଦିଆଯାଇଛି। ରାସ୍ତାରେ ବସି ଗୁଜୁରାଣ ମେଣ୍ଟାଉଥିବା ୫୨୬ ଉଠା ଦୋକାନୀଙ୍କୁ ୯କୋଟି ଟଙ୍କା ଦିଆଯାଇଛି। ଏହାଛଡ଼ା ଉଚ୍ଛେଦ ହୋଇଥିବା ଘର ଓ ଲଜିଂ ମାଲିକ, ଦୋକାନୀଙ୍କୁ ଥଇଥାନ ପର୍ଯ୍ୟନ୍ତ ମାସିକ ୫ ହଜାର ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଘରଭଡ଼ା ଦିଆଯାଉଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୮୫୦ କୋଟି ଟଙ୍କା ଖର୍ଚ୍ଚ ହେବା ସମ୍ଭାବନା ରହିଛି। କାଳିଆ ଠାକୁର ଶ୍ରୀଜଗନ୍ନାଥଙ୍କ ପାଇଁ ସାତ ପୁରୁଷର ଭିଟାମାଟି ଛାଡ଼ିଛନ୍ତି ଶତାଧିକ ସେବାୟତ ଏବଂ ସ୍ଥାନୀୟ ଅଧିବାସୀ। ଶ୍ରୀମନ୍ଦିର ମେଘନାଦ ପ୍ରାଚେରୀ ଠାରୁ ୭୫ ମିଟର ମଧ୍ୟରେ ବାସ କରୁଥିବା ୧୩୧ ପରିବାର ବିସ୍ଥାପିତ ହୋଇଛନ୍ତି। ୨୪ ଗୋଟି ଲଜିଂ ଏବଂ ଆଶ୍ରମ ଉଚ୍ଛେଦ କରାଯାଇଛି। ୧୬ଟି ପ୍ରାଚୀନ ମଠର ଘର ଭାଙ୍ଗି ମାଟିରେ ମିଶାଯାଇଛି। ନିଶ୍ଚିହ୍ନ ହୋଇଯାଇଛି ବ୍ରିଟିଶ ଅମଳର ରଘୁନନ୍ଦନ ପାଠାଗାର। ଦୋକାନଟିଏ କରି ପରିବାର ପୋଷୁଥିପବା ଶତାଧିକ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ମହାପ୍ରଭୁଙ୍କ ପାଇଁ ସେମାନଙ୍କ ଏଭଳି ତ୍ୟାଗ ଚିର ସ୍ମରଣୀୟ ହୋଇ ରହିବ। ଐତିହ୍ୟ କରିକ୍ଷର ପାଇଁ ଦୋଳମଣ୍ଡପ ସାହି, ବାଲିସାହି, କାଳିକାଦେବୀ ସାହି, ଚୂଡ଼ଙ୍ଗସାହି, ବାସେଳୀ ସାହି, ମାର୍କଣ୍ଡେଶ୍ୱର ସାହି, ମଣିକର୍ଣ୍ଣିକା ସାହି ରାଜସ୍ୱ ମୌଜାର ୧୫ ଏକର ୬୫ ଡେସିମିଲ ଜମି ଅଧିଗ୍ରହଣ କରାଯାଇଛି। ସେଥିରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ୮ ଏକର ୪୭୨ ଡେସିମିଲ ଜମି ରହିଛି। ୪ ଏକର ୪୬୬ ଡେସିମିଲ ଘରୋଇ ମାଲିକାନାରେ ଥିବାବେଳେ ୨ ଏକର ୫୬୬ ଡେସିମିଲ ସରକାରୀ ଜମି ଏବଂ ୧୫୧ ଡେସିମିଲ ମଠ ଜମି ରହିଥିବା ଜଣାପଡ଼ିଛି। ସମଗ୍ର ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଆହୁରି ବ୍ୟାପକ ହେଉ ଏହା ହିଁ କାମନା।

*ଶ୍ରୀବିହାର କଲୋନୀ, କଟକ*
*ଦୂରଭାଷ : ୯୪୩୭୬୬୬୪୫୩*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

କୁଆଡେ ଆଉ ଯିବୁ- ଆପଣଙ୍କ ପାଖକୁ ଟିକେ ଆସିଥିଲୁ।

ମୋ ପାଖକୁ! କ'ଣ କିଛି କାମ ଥିଲା?

କ'ଣ କିଛି କାମ ନଥାଇ ଆପଣଙ୍କ ପାଖକୁ ଆସିବା ମନା?

ନାଇଁ-ନାଇଁ, ଆପଣମାନେ ସେମିତି କାହିଁକି ଭାବୁଛନ୍ତି, ଆସନ୍ତୁ, ଆସନ୍ତୁ, ବସନ୍ତୁ, କିଛି ଗପ ସପ ଅନ୍ତତଃ କରିହେବ।

ବୁଝିଲେ ସୁଦର୍ଶନ ବାବୁ, ଆମେ ତିନିଜଣ ପ୍ରକୃତରେ ଆସିଛୁ ଆପଣଙ୍କୁ ବଧାଇ ଜଣାଇବା ପାଇଁ।

ବଧାଇ! କ'ଣ ପାଇଁ କହିଲେ?

ଆପଣ ଯେଉଁ କାମଟି କଲେ କ'ଣ ଛୋଟିଆ କାମଟିଏ? ଆପଣ ସିନା ଗାଆଁରେ ରହୁନଥିଲ ବୋଲି ଏମାନଙ୍କ କାଣ୍ଡ କାରଖାନା ସମ୍ପର୍କରେ ଜାଣିନଥିଲେ, ହେଲେ ଆମେମାନେ ତ ଗାଆଁରେ ରହୁଥିଲୁ। ସବୁ ଦେଖୁଥିଲୁ, ଜାଣୁଥିଲୁ, ହେଲେ ସେମାନଙ୍କୁ ପାଟି ଖୋଲିବ କିଏ? ପାଟି ଖୋଲିଲେ ମଲ। ସେଥିପାଇଁ ସେମାନେ ଯାହା କରୁଛନ୍ତି କରନ୍ତୁ, ନିଜର ସମୟ ଭଲରେ କଟିଗଲେ ଗଲା ବୋଲି ଆମେ ଭାବୁଥିଲୁ।

ଦେଖନ୍ତୁ ଆପଣ ତିନିହେଁ ତ ମୋ ଠାରୁ ବୟସରେ ବଡ, ମୁଁ ବା ଆପଣଙ୍କୁ କ'ଣ ବୁଝାଇବି। ଆପଣମାନେ ଯେଉଁଟାଶକୁ ଗୋଟେ ବଡ କାମ ଭାବି ମୋତେ ବଧାଇ ଜଣାଇବାକୁ ଆସିଛନ୍ତି, ତାହା ଆଦୌ ଏକ ବଡ କାମ ନୁହେଁ। ମୋ ମତରେ ଅନ୍ୟାୟକୁ ସହିବା ଯାହା ଅନ୍ୟାୟ କରିବା ତାହା। ମାଛିକୁ ମ' ବୋଲି କହୁନଥିବା ସାଧାରଣ ଲୋକଟିକ ଆପଣ କ'ଣ ଜାତୀୟତାବାଦୀ କହି ପାରିବେ? ଜଣେ ସାଧାରଣ ଲୋକଟିଏ ହେବା ବଡ କଥା ନୁହେଁ, ସଚେତନ ଲୋକଟିଏ ହେବା ହିଁ ବଡ କଥା। କେବଳ ସଚେତନ ହେଲେ ବି ଚଳିବନି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପାରୁଥିବା କଥା। ମୁଁ ମାନୁଛି ଏଥିରେ କିଛି ବିପଦ ଆସିପାରେ; ମାତ୍ର ବିପଦକୁ ଡରି, ଡରରେ ମରି ମରି ବଞ୍ଚିବାର ବା କି ଶ୍ରେୟ ଅଛି କହିଲେ?

ହଁ-ଆପଣ ଯାହା କହୁଛନ୍ତି ସତକଥା। ହେଲେ ଆମେ ତ ବୁଢ଼ା ବୁଢ଼ା ଲୋକ, ଆମ କଥା ଛାଡ଼ନ୍ତୁ। ଏ ଗାଆଁର ଟୋକାଗୁଡାକ ବି ଆଜିଯାଏ ନୀରବ ରହୁଥିଲେ ଦେଖନ୍ତୁ ତ।

ସମସ୍ତେ ନୀରବ ରହୁନଥିଲେ। ମୁଷ୍ଟିମେୟ ଯୁବକ ନୀରବ ରହୁଥିଲେ, ଇଏ ତା'ର ଅନ୍ୟାୟୋପାର୍ଜିତ ଧନରେ ସେମାନଙ୍କୁ ଖୁଆଇ ପିଆଇ ବଶମ୍ବଦ କରି ନୀରବ ରଖାଇ ଥିଲା। ଯଦି ସମସ୍ତେ ନୀରବ ରହୁଥିଲେ ବୋଲି ଭାବୁଛନ୍ତି ତେବେ କିଛି ଯୁବକଙ୍କ ଭିତରେ କାହିଁକି ତା' ବିରୁଦ୍ଧରେ ଅସନ୍ତୋଷ କୁହୁଳୁ ଥିଲା? ଅନ୍ୟାୟ ଦ୍ୱାରା ଜଣେ କିଛିଦିନ ପାଇଁ କିଛି ଲୋକଙ୍କୁ ଭୟଭୀତ କରି ରଖିପାରେ। ଅଳ୍ପ ଲୋକଙ୍କୁ ସବୁଦିନ ପାଇଁ ଭୟଭୀତ କରି ରଖିପାରେ; ମାତ୍ର ସବୁ ଲୋକଙ୍କୁ ସବୁଦିନ ପାଇଁ ନୁହେଁ।

ସେଦିନ ରାତିରେ ସେ ଯାହା କହିଲା ମୁଁ ସେଥିପାଇଁ ବିଶେଷ ଦୁଃଖିତ ନୁହେଁ କାରଣ ସେଇଟା ତା'ର ଅସହାୟତାର ପରିପ୍ରକାଶ ଥିଲା। ସେ ଯାହା କଲେ ବି ମୋ ନିଜ ଗାଆଁର ଲୋକ। ସାଇ ପଡିଶା କରି ରହିଛନ୍ତି। ପ୍ରତିଦିନ ମୁହଁ ଚୁଆଁ ଚୁଇଁ ହେବ। ମୁଁ ତାହା ବିରୁଦ୍ଧରେ ଯେଉଁ ପଦକ୍ଷେପ ନେଇଛି ଜାଣେ ତା'ର ପରିଣତି ସେ କ'ଣ ଭୋଗିବ। ମାତ୍ର ସେ ଦଣ୍ଡ ପାଇଲେ ଯେ ମୁଁ ଖୁସି ହେବି ସେକଥା ନୁହଁ, ତଥାପି ବେଳ ଅଛି, ସେ ଯଦି ସୁଧୁରି ଯାଇ ଭଲ ବାଟକୁ ଚାଲିଆସେ ତାହେଲେ ଭଲ ହେବ। ନୀହାର ବାବୁଙ୍କ ଭିତରେ ଦକ୍ଷତା ଅଛି, ଯୋଗ୍ୟତା ବି ଅଛି ଏ ଗାଆଁ ପାଇଁ କିଛି ଭଲ କାମ କରିବାରେ। ସେ ଯଦି ତାଙ୍କର ଦକ୍ଷତାକୁ ନକରାତ୍ମକ ଦିଗରେ ନ ଲଗାଇ ସକାରାତ୍ମକ ଦିଗରେ ଲଗାନ୍ତେ ତେବେ ବହୁତ କିଛି କରି ପାରନ୍ତେ।

ହେଲେ ଏକଥା ତାଙ୍କୁ ବୁଝାଇବ କିଏ?

ମୁଁ ଭାବୁଛି ଏହା ପରେ ସେ ବୁଝିବେ।

ଆମେ କାହିଁକି ଭାବୁନୁ ସେ ବୁଝିବେ ବୋଲି।

ଦେଖାଯାଉ, ଯଦି ବୁଝିଲେ ଭାବିବାକୁ ପଡିବ ତାଙ୍କର ମଙ୍ଗଳ ସହିତ ଗାଆଁର ମଙ୍ଗଳ, ଯଦି ନ ବୁଝିଲେ ତେବେ କ୍ଷତିଟା କେବଳ ତାଙ୍କର ହିଁ ହେବ- କହିଲେ ସୁଦର୍ଶନ ବାବୁ।

ଏପରି କଥାବାର୍ତ୍ତା ଚାଲିଥିବା ସମୟରେ ଦଶରଥ ଦେଖିଲେ ଦଳେ ଲୋକ ଠେଙ୍ଗାବାଡି ଧରି ଦୌଡାଦୌଡି ହୋଇ ଯାଉଛନ୍ତି। ସେମାନଙ୍କୁ ଦେଖି ପକାଇ ମନେ ମନେ ଶଙ୍କିତ ହୋଇ କହିଲେ-ଗୋଲେଖ ଭାଇ, ଏମାନେ ଏମିତି କୁଆଡେ ଧାଇଁଛନ୍ତି?

ସମସ୍ତେ ବିସ୍ମୟ ହୋଇ ଚାହିଁଲେ ସେପଟେ।

ସୁଦର୍ଶନବାବୁ କହିଲେ-ଆରେ ସତତ, ଏମାନେ ଏପରି ଠେଙ୍ଗାବାଡି ଧରି କୁଆଡେ ଧାଉଁଛନ୍ତି! ଏ ପ୍ରଶ୍ନଟି ପଚାରି ସାରି ଆଉ କାହାରି ଉତ୍ତରକୁ ଅପେକ୍ଷା ନ କରି କହିଲେ- ଚାଲନ୍ତୁ, ଚାଲନ୍ତୁ ବୁଝିବା କ'ଣ ହୋଇଛି। ସେ ଉଠିଲେ ଓ ଚାଲିଲେ ଓ ତାଙ୍କ ପଛେ ପଛେ ଚାଲିଲେ ଗୋଲେଖ ବାବୁ, ଦଶରଥ ବାବୁ ଓ ବିଚିତ୍ର ବାବୁ।

(କ୍ରମଶଃ)

# ନିର୍ବାଚିତ କବିତା



## ଅନ୍ତିମ ସ୍ଥଳ



**ମିନାକ୍ଷୀ ଦ୍ୱିବେଦୀ**

ବଂଶୀ ତା ଖିଆଲି ମନର ସଂଜୁଆ ସ୍ୱରରେ
ଫୁଟାଇଛି ଅନେକ ପଦ୍ମଫୁଲ,
ଅସ୍ତଗାମୀ ବସନ୍ତ ଅଜଣାତେ ପଶି ଆସିଛି ପୁଣି ତା ହୃଦୟ ଭିତରକୁ,
ପୂର୍ବ ଦିଗର ନାଲି ନାଲି କୁଙ୍କୁମ ବିନ୍ଦୁ ପ୍ରକଟିତ ହୋଇଛି
ନାଲି ଓଢ଼ଣା ତଳୁ,
ଲାଜ ଲାଜ ମୁକ୍ତା ଭରା ହସ ହସୁଛି ସେଇ ଦୁଷ୍ଟ କୁମୁଦିନୀ।
ନିଆଁ ଲାଗିଛି ତା ମନରେ, ତା ସାରା ଦେହରେ, ଭିତରେ ବାହାରେ..
ଏ କଣ ବୟସର ପ୍ରେମ ଓ ବାସନା ନୁହଁ ତ?
କିନ୍ତୁ ଆଜି ଆଷାଢି ବର୍ଷାରେ ହଜି ଯାଇଛି ତା ଇନ୍ଦ୍ରଧନୁ ରଙ୍ଗ,
ନିର୍ଜିବ ଢେଉ ସ୍ୱପ୍ନରେ
ଲିଭି ଯାଇଛି ଅନେକ ଅସ୍ତିତ୍ୱ,
ଶୁଖିଲା ଥର ଥର ଓଠରେ ରିକ୍ତ ମନରେ ଭରି ଯାଇଛି ଅଜଣା ପୁଲକ,
ଆତ୍ମା ଖୋଜୁଛି ଆତ୍ମାକୁ....
ବୟସର ସାୟାଂହ୍ନ ରେ ଧିମେଇ ଯାଇଛି ସେ ବଂଶିସ୍ୱର
ଅବାଞ୍ଛିତ କରି ଦେଇଛି ପରିଚିତ ସ୍ୱର
ପ୍ରଶ୍ନ ଉପରେ ପ୍ରଶ୍ନ ର ଭାର,
କିଏ ତୁମେ.... ?
କାହାର ତୁମେ... ?
କ୍ଷୋଭ ଓ ଯନ୍ତ୍ରଣା ଅନ୍ଧାରକୁ ଚୁନା ଚୁନା କରି ଦେଇଛି,
ବିସ୍ଫୋରିତ ଆଖିରୁ ଝରି ପଡ଼ିଛି ଅନଳ ଓ ବର୍ଷାର ଝର...
ଯୋଉ ରଙ୍ଗ ତୁଳୀରେ ସଜେଇ ଥିଲା ତାର ପୁଷ୍ପବନ,
ଉଚ୍ଚାଟିତ କୋହରେ ଅଥୟ ଆବେଗରେ ପାଉଁଶ ହୋଇ ଉଡି ଯାଇଛି ସମୁଦ୍ରକୁ।
ପ୍ରକମ୍ପିତ ଶବ୍ଦ ଅସୁମାରୀ ସ୍ମୃତି ବେଦନାରେ ଜୁଡୁ ବୁଡୁ ହୋଇ ଖୋଜି ବୁଲୁଛି
ଅନ୍ତିମ ସ୍ଥଳ ବଞ୍ଚି ରହିବାର କରୁଣ ନିଃଶ୍ୱାସ,
ଅମାବାସ୍ୟା ରାତ୍ରରେ ପୂର୍ଣ୍ଣିମା ଜହ୍ନର ଅପହଞ୍ଚ ବିଶ୍ୱାସ।

ନିୟୁ ଦିଲ୍ଲୀ



## ବଙ୍କୁଲୀ ବାଡି

**ରମେଶ ଚନ୍ଦ୍ର ନାୟକ**

ଅଜା ବୁଢ଼ା ହାତେ ବଙ୍କୁଲୀ ବାଡି
ଚାଲୁ ଥିଲେ ସିଏ ଅଣ୍ଟାକୁ ଭିଡ଼ି।
ଯାଉ ଯାଉ ବାଟେ ପଡ଼ିଲେ ଝୁଣ୍ଟି
ହାତରୁ ବାଡିଟା ପଡ଼ିଲା ଛିଟି।
ବସି ଗଲେ ଅଜା ନଅଥ କରି
ଡାକିଲେ ନାତିର ନାମକୁ ଧରି।
ନାତି ହାତ ଧରି ଉଠିଲେ ଅଜା
ଚାଲିବାକୁ ବାଡି ହୋଇଲା ଖୋଜା।
ଦୁଇଗୋଡ ଭିଡ଼ି ହେଉନ ଠିଆ
ବଙ୍କୁଲୀ ବାଡିକୁ ଭରଷା କିଆଁ।
ହସି ଦେଇ କୁହେ ନାତିକୁ ଅଜା
ବୁଢ଼ା ହେବୁ ଯେବେ ଜାଣିବୁ ମଜା।
ଉଠେ ବସେ ଚାଲେ ତାହାରି ପାଇଁ
ବାଟ ବଳ ଆଦି ଦେଖାଏ ସେହି।
ହାତରୁ କେବେ ମୁଁ କରେନି ଛାଡ
ବଙ୍କୁଲୀ ବାଡି ମୋ ତୃତୀୟ ଗୋଡ଼।

ରମେଶ ଚନ୍ଦ୍ର ନାୟକ
କେଶରପୁର , ବକ୍ସି ବଜାର , କଟକ
ଦୂରଭାଷ : ୭୯୭୮୧୫୧୭୧୦

## ନିଃଶ୍ୱାସ

**ପୁଷ୍ପାଞ୍ଜଳି ମିଶ୍ର**



ଏମିତି ଯଦି ଘଟିବାର ଥିଲା
ସେମିତି କାହିଁକି କଲ
କିଛି ପାଇବାକୁ ଆଶା ନ ରଖି
ବାଣ୍ଟି ଦେଲି ମୋ ନିଶ୍ୱାସକୁ
ହସ ଲୁହ ଲୁଚ କାଳି ଖେଳରେ
ତଥାପି କେତେ ସୁନ୍ଦର
ଚିରନ୍ତନ ସତ୍ୟ ଆଉ ଶାଶ୍ୱତ
ସୁଲୁ ସୁଲୁ ପବନରେ
ଧୋ ଧୋ ଖରାରେ
ଘୁଟୁ ଘୁଟୁ ଅନ୍ଧାରରେ
ଏମିତି ତ ବହୁବାର ଘଟିଛି
ସେଥିପାଇଁ ତ
କିଛି ଆଶା ନ ରଖି
ଦୁଃଖ ଆଉ ଲୁହର ଶିକୁଳିରେ
ବାନ୍ଧି ଦେଇଚି ମୋ
ପାରିବା ପଣକୁ
ଦୁଇଟି ମନର ମିଳନ
ମୌଳିକ ଅଧିକାର
ସୃଷ୍ଟି କରେ ଉଶୃଙ୍ଖଳ ଆଉ
ଉଦ୍ଦୀପନା
ଭଗ୍ନ ବୀଣାର କରୁଣ ମୂରଛନା
ପବିତ୍ର ଆତ୍ମାର ମିଳନ
ସମୟର ବିବର୍ତ୍ତନରେ
ଚାଲିଲେ ଜୀବନଟା
ସରସ ଆଉ ସୁନ୍ଦର
ମୁଁ ବୁଡି ଯାଉଛି ସ୍ୱପ୍ନରେ
ବିଭୋର ହୋଇ ଯାଉଛି
ନିରବତା ଶବ୍ଦ ଭିତରେ
ଆଉ ନିଃଶ୍ୱାସ ପ୍ରଶ୍ୱାସରେ
କାହାର ଝାପସା ମୁହଁ
ହସି ହସି କହୁଛି
ସମ୍ଭବ ସବୁ ଏଠି ସମ୍ଭବ
ଖାଲି ଯାହା ସମୟକୁ ଅପେକ୍ଷା

ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ. ଯାଜପୁର
ଦୂରଭାଷ : ୯୫୫୬୬୪୩୯୨୧

# ଚିରା ପୋଷାକ

**ଦୁଷ୍ମନ୍ତ ବେହେରା**



(ପୂର୍ବପ୍ରକାଶ ଉତ୍ତାରୁ)

ଓଃ ଏତ ସହର ସାଙ୍ଗସାଥି ଶିକ୍ଷିତ ସରକାରୀ ବାବୁ ବଡ ବଡ ଲୋକ ଆଭିଜାତ୍ୟରେ ପଡି ଗାଁ ଓ ସେଫାଳି କଥା ମନେ ପଡିଲା ନାହିଁ।

ସହରର ସୁନ୍ଦରୀ ଝିଅ ହେମାଙ୍କ ସହିତ ବାହାଘର ଠିକ୍ ହେଲା। ଦୁହେଁ ବାର ତିଥିରେ ବାହା ହେଲେ। କିନ୍ତୁ ବୁନୁର ଗାଁ ସେଫାଳିର କଥା ମନେ ପଡିଲା ନାହିଁ। ଦିନ ପରେ ଦିନ ମାସ ପରେ ମାସ ଏବଂ ବର୍ଷ ପରେ ବର୍ଷ ବିତି ଚାଲିଲା।

ଦିନେ ସେଫାଳିଙ୍କର ବୁନୁର କଥା ମନେ ପଡିଲା। ଆଉ ବୁନୁ ଚିଠି ଖଣ୍ଡେ ବି ଦେଉ ନାହିଁ କି କିଛି ଖବର ଦାବର ନାହିଁ। ଆଉ ମୁଁ ବୁଢ଼ି ହୋଇ ଗଲିଣି। ଯାଉଛି ସହରକୁ ଥରେ ବୁନୁକୁ ଦେଖି ଆସିବି ତା ପସନ୍ଦର ଖିରି ନେଇ ଯିବି ସାଙ୍ଗରେ।

ସକାଳୁ ବାହାରି ପଡିଲେ ସହର ଅଭିମୁଖେ ସେଫାଳି। ହାତରେ ବାଡି କାଖରେ ଗଣ୍ଠିଲି ଧରି ସହରର ବସ୍ ଷ୍ଟାଣ୍ଡରେ ଓହ୍ଲାଇ ଲୋକଙ୍କୁ ପଚାରି ବୁନୁଙ୍କ କ୍ୱାର୍ଟର ଠିକଣା ପଚାରି କ୍ୱାର୍ଟରରେ ପହଞ୍ଚି ଗଲେ। ଘର ଆଗରେ କଲିଙ୍ଗ୍ ବେଲ ବଜାଇ ପୁଣି ଡାକିଲେ କିଏ ଅଛ। ଶବ୍ଦ ଶୁଣି ଘର ଭିତରୁ ହେମା ବାହାରି ଆସି ଦେଖିଲେ ଜଣେ ବୁଢ଼ି ଲୋକ ଛିଡା ହୋଇଛି। ଲାଗୁଥିଲା ଏମିତି ଜଣେ ଭିକାରୁଣୀ ବୋଲି। କ'ଣ ହେଲା ଆଜ୍ଞା ମା'। ବାବୁ ଘରେ ନାହାନ୍ତି। ହେମାଙ୍କୁ ଗନ୍ଧ ହେଲା ନାକରେ ହାତଦେଇ କିଛି ଦୂରକୁ ଘୁଞ୍ଚି ଯାଇ କହିଲେ ତୁମେ ଯାଅ ବାବୁ ଆସିଲେ ଆସିବ।

ସେଫାଳି:କ'ଣ ବୁନୁ ନାହିଁ।

ହେମା:ତୁମେ ଆଗ ଗଲ ଏଠୁ କହିଲି ପରା ବାବୁ ଆସିଲେ ତୁମେ ଆସିବ।

ସେଫାଳି: ହଉ ମା' ମୁଁ ଯାଉଛି ହେଲେ ବାବୁଙ୍କ ପାଇଁ ମୁଁ ଖିରି ଆଣିଥିଲି। ବାବୁଙ୍କୁ ଆସିଲେ ଦେଇଦବ।

ହେମା: ନାଁ ତୁମେ ନେଇ ବାବୁ ଏ ଖିରିକୁ ପସନ୍ଦ କରନ୍ତି ନାହିଁ।

ସେଫାଳି : ହଉ ମା' ମୁଁ ତାହାଲେ ଯାଉଛି, କେତେ ଆଶା ନେଇ ଆସିଥିଲି ଟିକେ ଦେଖା କରିବା ପାଇଁ .. ହଉ ମା' ମୁଁ ଯାଉଛି।

ସଂଧ୍ୟା ସମୟ ଆସି ପହଞ୍ଚିଲେ ବୁନୁ। ଥକ୍କା ମାରି ବସି ପଡିଲେ ଚୌକିରେ, ଡାକ ଛାଡି ପାଣି ଗ୍ଲାସ୍ ଆଣିଲ ହେମା। ପାଣି ଗ୍ଲାସ୍ ଆଣି ଦେଲେ ହେମା। ବୁନୁ ହାତରୁ ପାଣି ଗ୍ଲାସ୍ ନେଇ ପାଟିରେ ଲଗାଇ ପିଉଥିବା ସମୟରେ ହେମା କହିଲେ ଜଣେ ବୁଢ଼ୀ ଲୋକ ଆସିଥିଲା ଓ ତୁମକୁ ଦେଖା କରିବା ପାଇଁ କହୁଥିଲେ, ତା ଦେହ ଗନ୍ଧଉଥିଲା। ହାତରେ ବାଡି କାଖରେ ଗଣ୍ଠିଲି ଏବଂ ଖିରି ଧରି ଆସିଥିଲା ତୁମ ପାଇଁ। ପୁଣି ଭିକାରୁଣୀ ହୋଇ କେତେ ସାହସ ତା'ର। ଚୌକ ଉପରୁ ବୁନୁ ସଙ୍ଗେ ସଙ୍ଗେ ଛିଡା ହୋଇ ପଡିଲେ। ହେମାଙ୍କ ଗାଲକୁ ଚଟକଣା ଟିଏ ମାରିଲେ କହିଲେ ସେ ଖିରି କାହିଁ। ବୁନୁ ତଳେ ବସି ପଡି ଭୋ ଭୋ ହୋଇ କାନ୍ଦି ଉଠିଲେ। ଉଠିପଡି ଆଲମିରା ପାଖକୁ ଦୌଡ଼ିଲେ। ଆଲମାରି ଖୋଲି ଚିରା ପୋଷାକକୁ କାଢି ଛାତିରେ ଜାବୁଡି ଧରି ଭୋ ଭୋ ହୋଇ କାନ୍ଦି ଉଠିଲେ। ଏଇ ସେଇ ପୋଷାକ ମୁଁ ସହରକୁ ପାଠ ପଢିବାକୁ ଆସିଥିଲି। ସେଫାଳି ନାନୀ ମୋତେ ଦେଇଥିଲା।

ସେଇ ସଙ୍ଗେ ସଙ୍ଗେ ବାହାରି ପଡିଲେ ଅଫିସ ଗାଡି ଧରି ଗାଁକୁ ବୁନୁ। ତାଙ୍କ ପଛେ ପଛେ ଅଫିସର ଚାରି ପାଞ୍ଚ ଖଣ୍ଡ ଗାଡି ବାହାରି ପଡିଲେ ବୁନୁଙ୍କ ଗାଁକୁ। ଗାଁ ଦାଣ୍ଡ ରାସ୍ତାରେ ଗୋଟିଏ ପରେ ଗୋଟିଏ ଗାଡି ଯାଉଥାଏ। ଗାଁ ଲୋକେ ଦେଖି ଚମକି ପଡିଲେ କ'ଣ ହୋଇଛି ଆଜି ଏତେ ସରକାରୀ ଗାଡି। ସେଫାଳି ରହୁଥିବା ଘର ସାମ୍ନାରେ ଲାଗିଲା। ଗାଁ ଲୋକ ପଛେ ପଛେ ଆସି ଗାଡି ପାଖରେ ପହଞ୍ଚିଲେ ଗାଡି ଡୋର୍ ଖୋଲି ବୁନୁ ବାହାରକୁ ବାହାରି ଆସିଲେ। ବୁନୁକୁ ଦେଖି ଗାଁ ଲୋକ ଦେଖି କହିଲେ ଆରେ ଏ ତ ବୁନୁ। ଏତେ ଦିନ ପରେ ସେଫାଳି ଗାଁ କଥା ତୋର ମନେ ପଡିଲା।

ଯିଏ ତୋ ପାଇଁ ସାରା ଜୀବନ ସିଲେଇ କରି କରି ନିଜେ ଖଣ୍ଡେ ଭଲ ଲୁଗା କି ଭଲ ଖାଦ୍ୟ ଗଣ୍ଡେ ଖାଇ ପାରିଲା ନାହିଁ ତୁ ତାକୁ ଭୁଲିଗଲୁ କେମିତି। ଆରେ ତମ ଘର ଦେଖି ସାତ ବର୍ଷ ହେଲା ଘର ଛପର ହୋଇନାହିଁ। କାନ୍ଥରେ ବର୍ଷା ପାଣି ପଡି ଶିଉଳି ଧାର ପଡିଗଲାଣି। କଥା ଶୁଣୁ ଶୁଣୁ ଆଖିରୁ ଲୁହ ଢଳ ଢଳ ବୋହି ଆସିଲା। ଧିରେ ଧିରେ ଗୋଟିଏ ପାଦ ପରେ ଗୋଟିଏ ପାଦ ଘରେ ଆଡକୁ ଗଲେ। ଘର ପାଖରେ ପହଞ୍ଚିଲେ। ଚାଳକୁ ଦେଖି ମାଟି କାନ୍ଥକୁ ଅନାଇ ଚାଳ ଛପର ଉପରକୁ ଆଖି ପଡିଲା। ସୂର୍ଯ୍ୟଙ୍କ କିରଣ ଫୁଲ ପରି ଫୁଟିଥାନ୍ତି। ଏହି ସମୟରେ ସେଫାଳି ଘର ଭିତରୁ ବାହାରକୁ ଆସୁଥାନ୍ତି। ବୁନୁ ସେଫାଳିଙ୍କ ଗୋଡ ତଳେ ପଡି ମୋତେ କ୍ଷମା କରିଦେ ନାନୀ ମୋର ଭୁଲ୍ ହୋଇଯାଇଛି। ମୋ ପାଖରେ ଯାହାବି ଧନ ସଂପତ୍ତି ଅଛି ସେ ତୁମକୁ ଦେଇ ଦେଲେବି ତୁମ ପାଖରେ କମ୍ ହେବ ସେଫାଳି ନାନୀ। ମୁଁ ତୁମ ପାଦ ଧୂଳିକୁ ସରି ହେବି ନାହିଁ।

ବୁନୁ ଡାକିଲେ ହେମା ଏ ମୋ ନାନୀ ସେଫାଳି ଯେ ଦିନ ରାତି ଅକ୍ଳାନ୍ତ ପରିଶ୍ରମ କରି ମା' ବାପାର ସ୍ନେହ ମମତା ଦେଇଥିଲା ସେ ହେଉଛି ସେଫାଳି ନାନୀ ହେମା ତୁମ ଯେଉଁ ମାଟିର ଘରଟି ଦେଖୁଛ ବର୍ଷା ହୋଇ ପାଣି ଗଳୁଥିଲେ ବି ଆମେ ଭାଇ ଭଉଣୀ ଗୋଟିଏ କୋଣରେ ଆଉଜି ରହୁ। ମୋତେ କୋଳରେ ଧରି ରାତି ଅନିଦ୍ରା ହୁଏ ସେଫାଳି ନାନୀ। ଯାକୁ କହୁଥିଲ ଭିକାରୁଣୀ ବୋଲି। ଯା ପାଇଁ ଜୀବନ ଦେଲେ ବି ମୂଲ୍ୟ ସୁଜି ହେବ ନାହିଁ।

ସେଫାଳି ବୁନୁ ତୁ ଫେରିଆସିଛୁ! ମୁଁ ତୋତେ ଦେଖିବି ବୋଲି ମୋ ମନଟା ଛଟ ପଟ ହେଉଥିଲା। ଆଃ ମୋ ପାଖକୁ ଟିକେ ଆଃ!

ବୁନୁ ପାଖକୁ ଯାଇ କୋଳରେ ଧରୁ ଧରୁ ସେଫାଳିଙ୍କ ଦେହରୁ ଜୀବନ ଚାଲିଗଲା।

ଜୋର୍‌ରେ ଡାକ ଛାଡିଲେ ସେଫାଳି ନାନୀ... ସେଫାଳି ନାନୀ... ସେଫାଳି ନାନୀ...

ଦେଖିଲେ ତ ଆଜ୍ଞା ପରିଶ୍ରମର ମୂଲ୍ୟ ଅଛି। ଅଜି ନ ହେଲେ କାଲି ନିଜର ଭୁଲ୍ ବୁଝିବ। କାହିଁକି ନା ଭୁଲ୍ ନିଜର ବୁଝିବାରେ ମଣିଷ ବହୁତ ଡେରି କରିଦିଏ

ରାସୋଳ-ମୁଣ୍ଡିଆପଷି , ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪



# କବିତାର କଥା

(ଭାଗ-୪୭)



**ଉମାକାନ୍ତ ରାଉତ**



## ମାଟି ମଣିଷର କବି - ବସନ୍ତ ମୁଦୁଲି

ସ୍ୱାଧୀନତା ଆସିବା ପୂର୍ବରୁ ମଧ୍ୟ ଆମ ଭାଷାରେ ବିପ୍ଳବକୁ ବାଉଁଶରାଣୀ କରି କବିତା ଲେଖାଯାଉଥିଲା। ଏବେ ସେସବୁର କିଞ୍ଚିତ ବ୍ୟବଚ୍ଛେଦ କଲାବେଳକୁ ଲାଗୁଛି, ଏମାନେ ସତେ ଅବା ଖାଲି ସ୍ଲୋଗାନଟାଏ ହିଁ ଦେଉଥିଲେ। ତେଣୁ ଜୀବନରେ ଆଉ ଆଉ ଆଡେ ଚାଲିଗଲେ ସିନା, ବିପ୍ଳବରେ ରହିପାରିଲେ ନାହିଁ। ବସନ୍ତ ମୁଦୁଲିଙ୍କର କବିତାର ସ୍ଲୋଗାନ ନାହିଁ। ଭୀମଭୋଇଙ୍କର କବିତାରେ ଯେମିତି ସ୍ଲୋଗାନ ନାହିଁ, ସେମିତି ସିଏ ବ୍ୟବହାର କରିଥିବା କାବ୍ୟଶୈଳୀ ଏବଂ ଚିତ୍ରବ୍ୟଞ୍ଜନା ଗୁଡିକରୁ ହିଁ ତାହାର ପ୍ରମାଣ ମିଳିଯାଇପାରୁଛି। ଅଙ୍ଗେ ନିଭାଇ, ଜୀବନ ସହିତ ମିତ ବସି ଯେଉଁ ସାହିତ୍ୟ ଲେଖାଯାଏ ତାହା ସର୍ବଥା ଏକ ଅନ୍ୟ ଆବେଦନର ଆହ୍ୱାନ ଦେଇଯାଇଥାଏ। ଏକଥା ମୁଁ ନୁହେଁ; କହିଛନ୍ତି ବରେଣ୍ୟ ସ୍ରଷ୍ଟା ଯୁଗଦ୍ରଷ୍ଟା ଚିତ୍ତରଞ୍ଜନ ଦାସ।

ଯେଉଁ ଗଛର ଚେର ମାଟି ଭିତରକୁ ଯେତେ ଯାଇଥାଏ, ତାହାର ବାହାର ପରିପ୍ରକାଶ ମଧ୍ୟ ତଦନୁସାରେ ହୋଇଥାଏ। ଏହି ଚିରନ୍ତନ ସତ୍ୟ ଅନୁସାରେ କବି ବସନ୍ତ ମୁଦୁଲିଙ୍କୁ ନିରୀକ୍ଷଣ କଲେ ସ୍ପଷ୍ଟ ବୁଝାପଡେ ସିଏ କେବଳ ଏକ ଦ୍ରୁମ ନୁହଁନ୍ତି, ମହାଦ୍ରୁମ। ପଛକୁ ଅନାଇଲେ ତାଙ୍କୁ ଯେତିକି ଆବିଷ୍କାର କରିହୁଏ, ଆଗକୁ ଚାହିଁଲେ ସିଏ ଆହୁରି ଆଗକୁ ଆଗକୁ ଆହୁରି ବେଶି ବେଶି ପ୍ରତିଭାତ ଓ ପ୍ରକଟ ହୋଇ ଉଠନ୍ତି... ଆଖି ପାଉନଥିବା ସମୁଦ୍ର ଭଳି। ବାଟ ଚାଲୁଥିଲା ବେଳେ, ଝୁଣ୍ଟି ପଡୁଥିଲା ବେଳେ, ଅଣ୍ଟା ନଇଁ ପଡୁଥିଲା ବେଳେ ଯେଉଁ କବି ଆପଣାଛାଏଁ ଆସି ପଥ ଦେଖାଇଦିଏ, ଉଠାଇ ଦିଏ, ଅଣ୍ଟାକୁ ସଳଖ କରିଦିଏ ତା'ଠାରୁ ଅଧିକ ଅନ୍ତରଙ୍ଗ କିଏ ହୋଇପାରେ? କବି ବସନ୍ତ ମୁଦୁଲି ସେହିଭଳି ଜଣେ ଅନ୍ତରଙ୍ଗ କବି... ଅତ୍ୟନ୍ତ ନିଷ୍ଠା ଓ ସତ୍ୟର କବି, ଛଳକପଟ ଶଠତାଶୂନ୍ୟ ମାଟିର ନିଛକ କବି.... ଅନୌପଚାରିକ ମାନସିକତାର ନିରୂତା କବି। ନାରିକେଳ ଫଳ ଭଳି ଶକ୍ତ ଆବରଣ ଭିତରେ ହୃଦୟ ଓ ଆବେଗର ଅମୃତ ସାଇତି ରଖୁଥିବା ମାନବୀୟ ଚେତନାର କବି ହେଉଛନ୍ତି କବି ବସନ୍ତ ମୁଦୁଲି।

ନିଜକୁ ଆଧୁନିକତାର ଧ୍ୱଜାଧାରୀ ବୀରପୁଙ୍ଗବ ବୋଲାଉଥିବା କବି ଡିଣ୍ଡିମମାନେ ଯେତେବେଳେ ଆଉ କାହାର କଥା ବଖାଣିବାକୁ ତତ୍ପର ହୋଇ ନିଜ ମାଆର ଭାଷାକୁ ବ୍ୟବହାର କରି ଆମ କାବ୍ୟ ସାହିତ୍ୟକୁ ଏକ ଧାରକରା ସାହେବି ଆବରଣର ଗୋଲାମିରେ ରୋଷଣି ଛିଟିକା ଭଳି ରଙ୍ଗମୟ କରିବାକୁ ମସଗୁଲ ହେଉଥିଲେ, ଏକ ଦେଶୀ ଔପନିବେଶିକତାର ମାନସିକତାରେ ଆମର ନିରୂତା ସାହିତ୍ୟ ସାମ୍ରାଜ୍ୟକୁ ବିକଳାଙ୍ଗ କରିବାକୁ ଲାଗିଥିଲେ, ବସନ୍ତ ମୁଦୁଲିଙ୍କ ଭଳି ନିରୂତା ମାଟିର କବିପଣରେ ବଞ୍ଚୁଥିବା କବି ଆଶାର ଦିହୁଡି ଜାଳି "ଶବ୍ଦରୁ ଅଶବ୍ଦ, ଅଶବ୍ଦରୁ ଶବ୍ଦ" ଭଳି ମାଟି ଗୀତରେ ଆହ୍ୱାନ ଦେଲେ-

ଦର୍ଜା ଖୋଲାରଖ ପ୍ରିୟଜନେ
ହୁଏତ ଗର୍ଭ ଯନ୍ତ୍ରଣାର ସୂର୍ଯ୍ୟ ସ୍ନାନରେ
ନାଚି ଉଠିବ ତାଜୁବ୍ ଶିଶୁର ହସ
ଆତ୍ମସ୍ଥ ଉପଲବ୍ଧିର ମଧୁର ବର୍ଷାରେ
ମଶାଣି ପାଲଟିଯିବ ଏନ୍ତୁଡିଶାଳ।

(କ୍ରମଶ)

କଥା ହୁଅନ୍ତୁ : ୯୪୩୭୨୬୭୧୨୫

# ଏଣିକି ଅନ୍‌ଲାଇନ୍‌ରେ ଅଭିଯୋଗ ଦାଖଲ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ୱେବ୍ ପୋର୍ଟାଲ ଲୋକାର୍ପିତ କରିଛନ୍ତି। ଗୋଟିଏ ହେଉଛି ଇଲେକ୍ଟ୍ରୋନିକ୍‌ସ ଓ ଆଇ.ଟି ବିଭାଗର ଜନଶୁଣାଣୀ ପୋର୍ଟାଲ ଏବଂ ଦ୍ୱିତୀୟଟି ହେଉଛି ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରତିଷ୍ଠିତ ଓଡିଆ ଭର୍ଚୁଆଲ ଏକାଡେମୀର ନୂତନ ୱେବ୍ ପୋର୍ଟାଲ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଆମର ସମସ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛନ୍ତି ଜନସାଧାରଣ। ୫-ଟି କାର୍ଯ୍ୟକ୍ରମ ଜରିଆରେ ବୈଷୟିକ ଜ୍ଞାନର ସହାୟତାରେ ଲୋକଙ୍କୁ ଘର ପାଖରେ ସେବା ଯୋଗାଇ ଦେବାପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। କୌଣସି ସରକାରୀ କାର୍ଯ୍ୟାଳୟକୁ ନ ଯାଇ ସରକାରଙ୍କ ଠାରୁ ସେବା ପାଇବାର ସ୍ୱାଧୀନତା ଲୋକଙ୍କୁ ଦିଆଯାଇପାରିଛି। ଏହି ନୂତନ ପୋର୍ଟାଲ ଦ୍ୱାରା ଲୋକମାନେ ବିଭିନ୍ନ ଡିଜିଟାଲ ପ୍ଲାଟ୍‌ଫର୍ମରେ ଅଭିଯୋଗ ଦାଖଲ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଟେକ୍‌ନୋଲୋଜି ହେଉଛି ଆମର ମୁଖ୍ୟ ଆଧାର। ସରକାରଙ୍କ ବିଭିନ୍ନ ବିଭାଗ ନୂଆ ବୈଷୟିକ ଜ୍ଞାନ ଓ ଡିଜିଟାଲ ସେବା ଦ୍ୱାରା ଲୋକଙ୍କୁ ବିନା କୌଣସି ଅସୁବିଧାରେ ସେବା ଯୋଗାଇ ଦେବା ପାଇଁ କାମ କରୁଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ମେସିନ ଲର୍ଣ୍ଣିଂ ଆଦି ଅତ୍ୟାଧୁନିକ ବୈଷୟିକ ଜ୍ଞାନ ଏହି ଆପ୍ଲିକେସନରେ ଉପଯୋଗ କରିଥିବାରୁ ମୁଖ୍ୟମନ୍ତ୍ରୀ ଏଥିପାଇଁ ଇଲେକ୍ଟ୍ରୋନିକ୍‌ସ ଓ ଆଇ.ଟି ବିଭାଗକୁ ପ୍ରଶଂସା କରିଥିଲେ। ଏହାଦ୍ୱାରା ଜନସାଧାରଣ ସହଜରେ ଅଭିଯୋଗ ଦାଖଲ କରିବା ସହିତ ସରକାରଙ୍କ ବିଭାଗ ଗୁଡିକ ଅଭିଯୋଗର ତୁରନ୍ତ ପ୍ରତିକାର ପାଇଁ ପଦକ୍ଷେପ ନେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଇଲେକ୍ଟ୍ରୋନିକ୍‌ସ ଓ ଆଇ.ଟି ବିଭାଗର ଏହି ନୂତନ ଜନଶୁଣାଣୀ ପୋର୍ଟାଲ ଜରିଆରେ ଜନସାଧାରଣ ଯେକୌଣସି ସମୟରେ ଯେକୌଣସି ସ୍ଥାନରୁ




ଅନ୍‌ଲାଇନ ଜରିଆରେ ଅଭିଯୋଗ ଦାଖଲ କରିପାରିବେ। ଏହା ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ ସହଜ, ସରଳ ଓ ସମୟୋପଯୋଗୀ କରିଛି। ଏଥିରେ ୱେବ୍‌ସାଇଟ୍, ମୋବାଇଲ ଆପ୍, ୱେବ ଚାଟବଟ, ହ୍ୱାଟ୍‌ସଆପ, ଚିଠି ଏବଂ ଟୁଇଟର ଓ ଫେସ୍‌ବୁକ୍ ଆଦି ବିଭିନ୍ନ ସୋସିଆଲ ମେଡିଆ ହାଣ୍ଡଲ୍ ଜରିଆରେ ଅଭିଯୋଗ ଦାଖଲ ହୋଇପାରିବ। ଏହି ଏକୀକୃତ ପୋର୍ଟାଲରେ ଅଭିଯୋଗକାରୀ ତାଙ୍କ ଅଭିଯୋଗର ସ୍ଥିତି ବିଷୟରେ ମଧ୍ୟ ଜାଣିପାରିବେ। ଏହାବ୍ୟତୀତ ସେମାନଙ୍କୁ ଏସ୍‌ଏମ୍‌ଏସ୍ ଓ ହ୍ୱାଟସଆପ ଜରିଆରେ ମଧ୍ୟ ସେମାନଙ୍କୁ ଅଭିଯୋଗର ଅଗ୍ରଗତି ସଂପର୍କରେ ଜଣାଇ ଦିଆଯିବ। ସେହିପରି ଓଡିଆ ଭର୍ଚୁଆଲ ଏକାଡେମୀର ନୂତନ ୱେବ୍ ? ପୋର୍ଟାଲକୁ ଲୋକାର୍ପିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏଥିରେ ଅନେକ ବିରଳ ପୁସ୍ତକ, ପାଣ୍ଡୁଲିପି, ଗେଜେଟ୍, ଡିକ୍‌ସିନାରୀ ଓ ପିଲାଙ୍କ ପାଇଁ ଲାଙ୍ଗୁଏଜ୍ ପ୍ରାଇମର ଆଦି ଓଡିଆ ସାହିତ୍ୟକୁ ଆହୁରି ଲୋକପ୍ରିୟ କରିବା ସହିତ ଦେଶ ବିଦେଶରେ ରହୁଥିବା ଓଡିଆ ମାନଙ୍କୁ ଓଡିଶା ସହ ଯୋଡି ରଖିବାରେ ସଫଳ ହେବ। ସୂଚନାଯୋଗ୍ୟ ଯେ ଏହି ଓଡିଆ ଭର୍ଚୁଆଲ ଏକାଡେମୀ ୨୦୧୮ ମସିହା ଅକ୍ଟୋବର ୨୬ ତାରିଖରେ କାର୍ଯ୍ୟ ଆରମ୍ଭ କରିଥିଲା । ଏହି ତିନି ବର୍ଷ ମଧ୍ୟରେ ଏହା ସଫଳତାର ସହ କାର୍ଯ୍ୟ କରିବା ସହିତ ଏହାକୁ ଆହୁରି ଦକ୍ଷ ଓ ଲୋକାଭିମୁଖୀ କରିବା ପାଇଁ ଏହି ଅତ୍ୟାଧୁନିକ ୱେବ୍‌ପୋର୍ଟାଲ ପ୍ରସ୍ତୁତ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୨୭୦୦ ବିରଳ ପୁସ୍ତକକୁ ୟୁନିକୋଡ ଫର୍ମାଟରେ ଡିଜିଟାଇଜ କରାଯାଇ ୱେବ୍ ପୋର୍ଟାଲରେ ରଖାଯାଇଛି। ଏହାସହିତ ଦଶ ହଜାର ପୁସ୍ତକର ପିଡିଏଫ ପ୍ରତିଲିପିକୁ ସଂରକ୍ଷିତ କରିବାର ପ୍ରକ୍ରିୟା ଜାରି ରହିଛି। ଏଥିରେ ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବିଶିଷ୍ଟ କବି, କଥାକାର, ଭାଷାବିତ୍ ଓ ଗବେଷକ ମାନଙ୍କର ସର୍ବଶ୍ରେଷ୍ଠ କୃତୀକୁ ସ୍ଥାନୀତ କରାଯାଇଛି। ଓଡିଶା ଜନଜାତି ଶବ୍ଦକୋଷ ଓ ଭାଷା ଶିକ୍ଷା ମଧ୍ୟ ସ୍ଥାନିତ ହୋଇଛି। ଏହାସହିତ ପ୍ରଶାସନିକ ଶବ୍ଦକୋଷ, ପିଲାଙ୍କ ଶିକ୍ଷା ପାଇଁ ଆନିମେସନ ପଦ୍ଧତିରେ ଅଭିନବ ବର୍ଣ୍ଣବୋଧ, ଅଭିଭକ୍ତ ୧୩ଟି ଜିଲ୍ଲାର ରାଜପତ୍ର ମଧ୍ୟ ସ୍ଥାନୀତ ହୋଇଛି। ଅପ୍ରକାଶିତ, ବିଲୁପ୍ତପ୍ରାୟ ଦୁର୍ଲଭ ପୁସ୍ତକ ଓ ପାଞ୍ଜିଗୁଡିକୁ ୱେବ୍ ସାଇଟ୍‌ରେ ସ୍ଥାନିତ କରି ଏହି ପୋର୍ଟାଲକୁ ଆହୁରି ସମୃଦ୍ଧ କରିବାପାଇଁ ପ୍ରୟାସ ଜାରି ରହିଛି। ଏହି ଅବସରରେ ଇଲେକ୍ଟ୍ରୋନିକ୍‌ସ ଓ ଆଇ.ଟି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଲେ ଯେ ଜନଶୁଣାଣୀ ପୋର୍ଟାଲ ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମର ଏକ ପ୍ରମୁଖ ଉପଲବ୍ଧତା। ଏହା ଲୋକଙ୍କୁ ସୁବିଧାରେ ସେବା ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟକୁ ପୂରଣ କରିବ। ଭର୍ଚୁଆଲ ଏକାଡେମୀର ଏହି ନୂତନ ୱେବ୍‌ସାଇଟ ଓଡିଆ ଭାଷାକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇପାରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଲେକ୍ଟ୍ରୋନିକ୍‌ସ ଓ ଆଇ.ଟି ବିଭାଗର ସଚିବ ମନୋଜ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ବିଭାଗର ଯୁଗ୍ମ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ସଚିବ ଓ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ରନ୍ଧନ ଗ୍ୟାସ ବୃଦ୍ଧିକୁ ନେଇ ଫସର ଫାଟିଲା ବିଜେଡି ବିକ୍ଷୋଭ



**ଜଗତସିଂହପୁର :** ସମଗ୍ର ରାଜ୍ୟରେ ମମିତା ମେହେର ହତ୍ୟା ଘଟଣାକୁ ନେଇ ବିରୋଧୀ ଦଳଙ୍କ ହୋ ହାଲା ଓ ଧାରଣାକୁ ଦେଖି ଶାସକ ଦଳ ପକ୍ଷରୁ ଯେଉଁ ବିକ୍ଷୋଭ ସଭାର ଆୟୋଜନ କରାଯାଇଥିଲା ତାହା ଫସର ଫାଟିଲା ପରି ଲାଗୁଥିଲା। ଜଗତସିଂହପୁର ଜିଲ୍ଲାରେ ୪ଗୋଟି ବିଧାୟକ ଓ ଜଣେ ସାଂସଦ ବିଜେଡିର ଥିବା ବେଳେ ବିକ୍ଷୋଭ ବେଳେ ଜଗତସିଂହପୁର ପୌରପାଳିକା ସମ୍ମୁଖରେ ବିକ୍ଷୋଭ କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ନେଇ ବର୍ଷିଥିଲେ। କିନ୍ତୁ ବିଜେଡି ଦଳର ଅନ୍ୟ କୌଣସି ବିଧାୟକ ବା ସାଂସଦଙ୍କୁ ବ୍ଲକ ସ୍ତରୀୟ ବିକ୍ଷୋଭ ସ୍ଥାନ ମାନଙ୍କରେ ଦେଖିବାକୁ ମିଳିନଥିଲା। ଏପରିକି ଏହି ବିକ୍ଷୋଭ ରନ୍ଧନ ଗ୍ୟାସ ବୃଦ୍ଧି ସମ୍ବନ୍ଧୀୟ ହୋଇଥିବାରୁ ବହୁ ସ୍ଥାନ ମାନଙ୍କରେ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ଦଳର ଭାବ ମୂର୍ତ୍ତିକୁ ବଢାଉଥିବା ବେଳେ ବିଜେଡି ଯୁବବାହିନୀ ବା ନେତା କର୍ମୀମାନଙ୍କୁ ଦେଖିବାକୁ ମିଳିନଥିଲା। ରନ୍ଧନ ଗ୍ୟାସର ଦରବୃଦ୍ଧିକୁ ନେଇ ଏହି ବିକ୍ଷୋଭ ହୋଇଥିବାରୁ ମହିଳାମାନଙ୍କୁ ଚାରି ଚକିଆ ଯାନରେ ବୁହା ହୋଇଥିଲା। ଜଗତସିଂହପୁର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଏହି ବିକ୍ଷୋଭ ହେଉଥିବା ବେଳେ ସେଠାରେ ପରିବା କିଣିବା ପାଇଁ ଠିଆ ହୋଇଥିବା ମହିଳାମାନେ ଏପରି ବିକ୍ଷୋଭ ଘଟଣାକୁ ଘୋର ନିନ୍ଦା କରିବା ସହିତ ମମିତା ମେହେର ଘଟଣା ଉପରେ ଏହି ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ କାହିଁକି ଧାରଣା ଦେଉନଥିଲେ ବୋଲି କୁହାକୁହି ହେଉଥିଲେ। ଏପରିକି ମମିତା ମେହେର ମୃତ୍ୟୁ ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା ବେଳେ ବିଜେଡି ମହିଳାଙ୍କ ରନ୍ଧନ ଗ୍ୟାସ ବୃଦ୍ଧି ଉପରେ ବିକ୍ଷୋଭ କାର୍ଯ୍ୟକ୍ରମକୁ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଉଥିଲା ଫଳରେ ଏହି ବିକ୍ଷୋଭ ସମଗ୍ର ଜିଲ୍ଲାରେ ଏକପ୍ରକାର ପ୍ରଭାବ ଶୂନ୍ୟ ହୋଇଥିବା ପରି ମନେ ହେଉଥିଲା। ଏହି ବିକ୍ଷୋଭ ପଂଚାୟତ ନିର୍ବାଚନ ଦେଖି ହେଉଥିବାର ବୁଦ୍ଧିଜୀବି ମାନେ କହୁଥିବା ବେଳେ ସମସ୍ତ ସ୍ଥାନରେ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଦୋକାନ ବଜାର ସବୁ ଖୋଲା ଯାଇଥିବା ବେଳେ ସମସ୍ତ ପ୍ରକାର ଭାରିଯାନ ସବୁ ଯାତାୟତ କରୁଥିଲା। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ଦାବିପତ୍ର ସରକାରୀ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା।

## ତ୍ରିସ୍ତରୀୟ ନିର୍ବାଚନରେ ସଂଖ୍ୟାଲଘୁ ସଂପ୍ରଦାୟର ପାର୍ଥୀ ଦେବାକୁ ଚର୍ଚ୍ଚା

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ଜୋନ୍ ୧ ରେ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧି ଦେବାକୁ ଦାବୀ ହେଉଛି। ଆସନ୍ତା ବର୍ଷ ହେବାକୁ ଥିବା ତ୍ରିସ୍ତରୀୟ ନିର୍ବାଚନ ରେ ଓଡ଼ିଶା ସରକାରଙ୍କ ଦ୍ୱାରା ନୋଟିସ ଜାରୀ କରାଯାଇଛି। ଏଥର ପଞ୍ଚାୟତ ପୁଣି ଜିଲ୍ଲା ପରିଷଦ ସ୍ତରରେ ବିଭିନ୍ନ ସଂରକ୍ଷଣ ବ୍ୟବସ୍ଥା ରହିଛି। ପ୍ରକାଶ ଥାଉକି ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଖ୍ରୀଷ୍ଟିୟାନ ସଂଖ୍ୟାଲଘୁ ଭୋଟର ସଂଖ୍ୟାପ୍ରାୟ ୪୬ ପ୍ରତିଶତ ଥିବା ବେଳେ, ନନ୍ଦାହାଣ୍ଡି ବ୍ଲକ ଜୋନ-ନଂ ୧ରେ ପଛୁଆ ବର୍ଗ, ସଂଖ୍ୟାଲଘୁର ଭୋଟର ସଂଖ୍ୟା ୪୩ ପ୍ରତିଶତ ଥିବା ବେଳେ, ସେହି ଜୋନ ନଂ-୧ର ପଛୁଆଁ ବର୍ଗ କିମ୍ବା ସଂଖ୍ୟାଲଘୁ ର ଉପଯୁକ୍ତ ବରିଷ୍ଠ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ଜିଲ୍ଲା ପରିଷଦ ପାର୍ଥୀ ଭାବେ ବିଜେଡ଼ି ଦଳ ତରଫରୁ ଟିକଟ ପ୍ରଦାନ କଲେ, ପଛୁଆ ବର୍ଗ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକମାନେ ନିଶ୍ଚିତ ଭାବେ ଉପକୃତ ହେବା ସଙ୍ଗେ ସଙ୍ଗେ ସରକାରଙ୍କ ଯୋଜନା ସୁଫଳ ପାଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଣୁ ଜନସାଧାରଣଙ୍କ ଅନୁରୋଧ ପୁଣି ଇଚ୍ଛାବ୍ୟକ୍ତ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଦାଇତ୍ୱରେ ଥିବା ବିଜେଡ଼ି ଦଳୀୟ କର୍ମକର୍ତ୍ତା ମାନେ ବିଶେଷ ଧ୍ୟାନ ଦେଇ ଗୁରୁତର ସହିତ ଉଚିତ ପଦକ୍ଷେପ ନେବେ ବୋଲି ଉପରୋକ୍ତ ସମ୍ପ୍ରଦାୟର ଜନସାଧାରଣ ଦାବୀ ଉପସ୍ଥାପନ କରିଛନ୍ତି। ଯଦି ଏହାର ବ୍ୟତିକ୍ରମ ହୁଏ ତେବେ ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ଏହାରକୁ ପ୍ରଭାବ ପଡ଼ିବ ବୋଲି ଜନସାଧାରଣରେ ଚର୍ଚ୍ଚା ଚାଲିଛି।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଜଗତସିଂହପୁର: ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ମହାନ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମମାଟି ଖେରସ ଗ୍ରାମରେ ଜିଲ୍ଲାପାଳ ପାରୁଲ ପଟୱାରୀ ପହଂଚି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ବି ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ସୂଚନା ଓ ଲୋକ



ସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ, ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ଓ ପୌର କର୍ମଚାରୀ ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।।

## ସନ୍ଥ କବି ଭୀମ ଭୋଇଙ୍କ ଜନ୍ମ ସ୍ଥାନ ମଧୁପୁରକୁ ତୀର୍ଥ ସ୍ଥାନ ମାନ୍ୟତା ଦାବି




**ରେଢାଖୋଲ :**୧ ସନ୍ଥ କବି ଭୀମ ଭୋଇ ସନ୍ଥ ସାହିତ୍ୟର ପ୍ରଚାରକ ଓ ମୌଳିକ ବିଚାରବାଦୀ କବି ଥିଲେ। ତାଙ୍କ ଜନ୍ମ ସ୍ଥାନ ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଅନ୍ତର୍ଗତ ମଧୁପୁର ଗ୍ରାମକୁ ତୀର୍ଥ ସସ୍ଥାନର ମାନ୍ୟତା ଦାବି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରେଢାଖୋଲ ଏନଏସି ସ୍ଥିତ ଭୀମ ଭୋଇ କଲ୍ୟାଣ ମଣ୍ଡପ ଠାରେ ଭୋଇ ଜନ୍ମ ପୀଠ ଓ ସ୍ମୃତି ରକ୍ଷା କମିଟି ଆନୁକୂଲ୍ୟରେ ଆୟୋଜିତ ଏକ ଆଲୋଚନା ଚକ୍ର ଶୀର୍ଷକ' ସନ୍ଥ କବି ଭୀମ ଭୋଇଙ୍କ ସନ୍ଥ ସାହିତ୍ୟ ଦର୍ଶନ ଓ ଜୀବନ,, କାର୍ଯ୍ୟକ୍ରମରେ କବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରକାଶ କରିଛନ୍ତି। ଅନାନ୍ୟ ଅତିଥି ଭାବରେ ବାବା ଶେଷ ଦେବ ଦାସ ଯୋଗ ଦେଇ ଭୀମ ଭୋଇଙ୍କ ବାଣୀ କିଭଳି ରାଜ୍ୟ ସ୍ତରରୁ ଜାତୀୟ ସ୍ତର ଦେଇ ଆନ୍ତର୍ଜାତିୟ ସ୍ତରରେ କିପରି ପହଞ୍ଚି ପାରିବ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭୀମ ଭୋଇ କଲେଜର ଓଡ଼ିଆ ବିଭାଗର ଅଧାପକ ମାନ ଭଞ୍ଜନ କଅଁର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସନ୍ଥ ଭୀମ ଭୋଇଙ୍କର ସୃଷ୍ଟିର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କ ସାହିତ୍ୟ ଓ ଦର୍ଶନ ସମ୍ପର୍କରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରି ଥିଲେ। ଏଥି ଅନାନ୍ୟ ନିମନ୍ତ୍ରଣ ଅତିଥି ମାନଙ୍କ ମଧ୍ୟରେ ରେଢାଖୋଲ ବିଡ଼ିଓ ପରୀକ୍ଷିତ ସାହୁ, ତହସିଲଦାର ବ୍ରେସିୟସ ଡୁଙ୍ଗଡୁଙ୍ଗ, ସମାଜସେବୀ ଗୋବିନ୍ଦ ଅଗ୍ରୱାଲ, ପ୍ରଦୀପ ପ୍ରଧାନ, ପ୍ରତାପ ପ୍ରଧାନ, ମଧୁବନ ସାହିତ୍ୟ ସଂସଦ ନାକଟିଦେଉଳର ସଭାପତି ଅବଧୂତ ବିଶ୍ୱାଳ, ବିଶିଷ୍ଟ ସାହିତ୍ୟ ପ୍ରେମୀ ରଘୁନାଥ ପ୍ରଧାନ ପ୍ରମୁଖ ମଞ୍ଚସିନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବର୍ଷୀୟନ ଗବେଷକ ହୃଷିକେଶ ପ୍ରଧାନ, ଗଣପତି ବେହେରା, ହାଡ଼ିବନ୍ଧୁ ସୁନା, ନରହରି ପ୍ରଧାନ, ନରୋତ୍ତମ ପ୍ରଧାନ, ଶାନ୍ତି ମାତା, ଅକ୍ଷୟ ମହାକୁଡ଼, ଓ ରମେଶ ପ୍ରସାଦ ସ୍ୱାଇଁ ପ୍ରମୁଖ ଭୀମ ଭୋଇ ସାହିତ୍ୟ ପ୍ରେମୀ ଉପସ୍ଥିତ ରହି ନିଜ ନିଜର ମତ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବୁଝାପଡୁନି ...

ପ୍ରକଳ୍ପର ଶିଳାନ୍ୟାସ କରିବାକୁ ଯାଇଥିଲେ, ଯାହା କି ଏକ ବିଶ୍ୱ ପବିତ୍ର କାର୍ଯ୍ୟକ୍ରମ ଥିଲା। ପୁରୀର ବିଧାୟକ ବିଜେପି ଦଳର ହୋଇଥିଲା ବେଳେ ସେଠାରେ ଧର୍ମ ରକ୍ଷା ଭଳି ଏକ ପବିତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡାମାଡ଼ କରାଯାଇ ଏକ ଅପବିତ୍ର ପରିବେଶ ସୃଷ୍ଟି କରାଯିବାରେ କେଉଁ ସ୍ୱାର୍ଥ ହାସଲ ହେଲା ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ବିଭିନ୍ନ ଅଞ୍ଚଳରେ ଶାସକ ବିଜେଡି ଦଳର ନେତା ଓ ମନ୍ତ୍ରୀଙ୍କୁ ବିରୋଧ କରାଯାଇ ଅଣ୍ଡାମାଡ଼ ହେଉଛି। କେଉଁଠି କଂଗ୍ରେସ କର୍ମୀ ଏହା କରୁଥିଲାବେଳେ ଅନ୍ୟ କେଉଁଠି ବିଜେପି ବିଜେଡିକୁ ଟାର୍ଗେଟ କରି ଏଭଳି କରୁଛି। ମାତ୍ର ଗତ ଗୁରୁବାର ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଆଚାର୍ଯ୍ୟ ବିହାର ଅଞ୍ଚଳରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିଲା ବେଳେ ତାଙ୍କୁ ବିଜେଡି ଓ କଂଗ୍ରେସ ପକ୍ଷରୁ ଅଣ୍ଡାମାଡ ସହ ବିରୋଧ କରାଗଲା ତାହା ନିନ୍ଦନୀୟ। କୌଣସି ବି ପରିସ୍ଥିତିରେ ଶାସକ ଦଳର ନେତା, ମନ୍ତ୍ରୀ ହୁଅନ୍ତୁ ବା ବିରୋଧୀ ଦଳର ନେତା ହୁଅନ୍ତୁ ଅଣ୍ଡାମାଡ ଆଦୌ ଗ୍ରହଣୀୟ ନୁହେଁ। ତେବେ ଆଗକୁ ପୌର ନିର୍ବାଚନ ଆସୁଥିବାରୁ ଉଭୟ ଶାସକ ଓ ବିରୋଧୀ ତତ୍ପର ହୋଇଉଠିଛନ୍ତି। ତେଣୁ ଏଭଳି ସମୟରେ ବିଜେଡି-ବିଜେପି ମୁହାଁମୁହିଁ ଅବସ୍ଥାରେ ପହଞ୍ଚି ସାରିଛନ୍ତି। ହେଲେ ରାଜଧାନୀରେ ଜଣେ ମହିଳା ସାଂସଦଙ୍କୁ ତିନି ଘଣ୍ଟା କାଳ ରାସ୍ତାରେ ଅଟକ ରଖିବା, ଉଭୟ ପକ୍ଷ ମଧ୍ୟରେ ଢେଲାମାଡ଼ ହେବା ଘଟଣା ସମ୍ପୂର୍ଣ୍ଣ ନୂଆ। ପରିସ୍ଥିତି ଏଭଳି ହୋଇଥିଲା ଯେ, ପୋଲିସକୁ ଲାଠି ଚାର୍ଜ କରିବାକୁ ପଡିଥିଲା। ପରସ୍ପରକୁ ଅଣ୍ଡା, ଟେକା ମାଡ଼ ଘଟଣାରେ ପାଞ୍ଚ ଜଣ ଆହତ ହେବା ସହ ପୋଲିସ ଏଥିରୁ ବର୍ତ୍ତି ନଥିଲା। ଘଟଣାର କିଛି ସମୟ ପରେ ଉଭୟ ପକ୍ଷରୁ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ହେଲେ ଏବେ ଗୋଟିଏ ପ୍ରଶ୍ନ ମନକୁ ଆସୁଛି ଯେ, କାହାକୁ ଅଣ୍ଡାମାଡ଼ କରିଦେଲେ ନିଜର ଦାବି ପୂରଣ ହୋଇଯାଉଛି କି ? ତେବେ ଅଣ୍ଡାମାଡ଼ ପଛରେ କେଉଁ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ବଦଳରେ ବିଭିନ୍ନ ଦଳର କର୍ମୀ କାହିଁକି ଅଣ୍ଡାମାଡ଼ ଫର୍ମୁଲାକୁ ସହଜରେ ଗ୍ରହଣ କରିନେଇଛନ୍ତି ତାହା କୌତୂହଳ ସୃଷ୍ଟି କରିଛି। ଅଣ୍ଡାମାଡ କୌଣସି ମହତ ଉଦ୍ଦେଶ୍ୟ ସାଧନ କରିବା ଭଳି ମନେ ହେଉନଥିଲା ବେଳେ ନିକଟରେ ଖଣ୍ଡପଡା ବିଧାୟକ ଅଣ୍ଡାମାଡ଼ ଘଟଣାକୁ ବିରୋଧ କରି କହିଥିଲେ କି, ଅଣ୍ଡା ନେତାଙ୍କ ଗାଡିକୁ ନଫିଙ୍ଗି ପିଲାମାନଙ୍କୁ ଆମଲେଟ ତିଆରି କରିଦେଲେ ଏହା କାର୍ଯ୍ୟରେ ଲାଗନ୍ତା। ତେବେ ବାସ୍ତବରେ ରାଜ୍ୟର କେଉଁ ରାଜନୈତିକ ଦଳର ନେତା ଏ ଅଣ୍ଡାଫିଙ୍ଗା ଫଣ୍ଡାର ଜନକ ତାହା ସମସ୍ତେ ବିଚାର କରିବା ଦରକାର। ନଚେତ ଏହା ଏକ ରୁଗ୍‌ଣ ଓ କୁତ୍ସିତ ମାନସିକତାର ପ୍ରତିଫଳନ ବୋଲି କୁହାଯିବ। ସୁସ୍ଥ ରାଜନୈତିକ ପରମ୍ପରା ବିକାଶର ଧାରାକୁ ଆଗେଇ ନିଏ। ହେଲେ ବର୍ତ୍ତମାନ ଅଣ୍ଡାଫିଙ୍ଗା ରାଜନୀତିରୁ କାହାକୁ କିଛି ଫାଇଦା ମିଳିବ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଏସ୍‌ସିବିରେ ...

ଅତ୍ୟାଧୁନିକ ଚିକିତ୍ସା ଉପକରଣ ସହିତ ପରିବହନ ବ୍ୟବସ୍ଥା, ଆଧୁନିକ ରେଷ୍ଟୁରାଣ୍ଟ, ବାଣିଜ୍ୟ କେନ୍ଦ୍ର ଓ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ ସୁବିଧା ଉପଲବ୍ଧ ହେବ। ଏଥିରେ ୧୨୮୦ଟି ସରକାରୀ ବାସଗୃହ ନିର୍ମିତ ହେବା ସହିତ ଛାତ୍ରାବାସରେ ଅଧିକ ୨୨୦୦ ଜଣ ଛାତ୍ରଛାତ୍ରୀ ରହିବାର ବ୍ୟବସ୍ଥା କରାଯିବ। ଏହି ହସ୍ପିଟାଲର ଉନ୍ନତି ସହିତ କ୍ରୀଡା ଓ ମନୋରଞ୍ଜନ ପାଇଁ ମଧ୍ୟ ସୃଷ୍ଟି କରାଯିବ ଉତ୍ତମ ପରିବେଶ। ରାଜ୍ୟ ସରକାରଙ୍କ ଫାଇଭ୍-ଟି କାର୍ଯ୍ୟକ୍ରମ ଅଧୀନରେ ଚିକିତ୍ସା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହ ଜନସାଧାରଣଙ୍କୁ ଉଚିତ୍ ସ୍ୱାସ୍ଥ୍ୟସେବା ଦେବା, ଓଡ଼ିଶା ଲୋକ ଓଡ଼ିଶାରେ ଚିକିତ୍ସା ସୁବିଧା ପାଇବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ୧୯୪୪ ମସିହାରେ ସ୍ଥାପିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ଦୀର୍ଘ ଦିନ ଧରି ଓଡ଼ିଶା ସମେତ ପୂର୍ବ ଭାରତର ବିଭିନ୍ନ ରାଜ୍ୟର ଲୋକମାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବାରେ ସୁନାମ କରିଛି । ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି କଟକବାସୀ।

### 'ଗରିବଙ୍କୁ ସଶକ୍ତ ...

୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏକ ବଡ ହୋଲସେଲ ମାଛ ବଜାର କରାଯିବ। ଏହାଦ୍ୱାରା ବାଲେଶ୍ୱର ସହିତ କେନ୍ଦ୍ରାପଡା ଓ ଜଗତସିଂହପୁରର ମତ୍ସ୍ୟଜୀବୀମାନେ ଉପକାର ପାଇବେ। ଏହାପରେ ମାଛ ବିକିବା ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀ ମାନଙ୍କୁ ଆଉ ଦିଘା ମାଛ ମାର୍କେଟ ଉପରେ ନିର୍ଭର ହେବାକୁ ପଡିବ ନାହିଁ। ପ୍ରଥମେ ମୁଖ୍ୟମନ୍ତ୍ରୀ ବ୍ୟାସକବି ଫକୀରମୋହନ ଓ କବିବର ରାଧାନାଥ ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଓଡିଶାର ଭାଷା ଓ ସାହିତ୍ୟର ଗୌରବ ବୃଦ୍ଧି କ୍ଷେତ୍ରରେ ଏହି ଦୁଇ ମହାରଥୀଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସେହିପରି ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱରର ସ୍ୱତନ୍ତ୍ର ଅବଦାନ ବିଷୟରେ ସ୍ମରଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବାଲେଶ୍ୱର ଜିଲ୍ଲା କୃଷି, ଶିଳ୍ପ, ପର୍ଯ୍ୟଟନ ସବୁ କ୍ଷେତ୍ରରେ ଆଗୁଆ । ଆମର ୮୦ କିଲୋମିଟର ବେଳାଭୂମି କେବଳ ବାଲେଶ୍ୱରରେ ଅଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଧାନ, ପାନ, ମୀନ ପାଇଁ ବାଲେଶ୍ୱର ଜଣାଶୁଣା। ବାଲେଶ୍ୱରରେ ୬୦୦ ମିଶନ ଶକ୍ତିର ମା ମାନେ ମାଛ ଚାଷରେ ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଥିଲେ। ଏହାସହିତ ବିଭିନ୍ନ ସରକାରୀ ଯୋଜନାରେ ମଧ୍ୟ ସେମାନେ ସହଭାଗୀ ହୋଇଛନ୍ତି ଏବଂ ସେମାନଙ୍କୁ ଅଧିକ କାମ ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଭଦ୍ରକ ଜିଲ୍ଲା ପାଇଁ ଭର୍ଚୁଆଲ ମାଧ୍ୟମରେ ସ୍ମାର୍ଟ କାର୍ଡ ଯୋଜନା ଆରମ୍ଭ କରି ପ୍ରଥମେ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ସ୍ମରଣ କରିଥିଲେ ଏବଂ ଇରମ ମାଟିକୁ ପ୍ରଣାମ ଜଣାଇଥିଲେ। ଭଦ୍ରକ ପାଇଁ ୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ସେଠାରେ ଜିଲ୍ଲା ମୁଖ୍ୟାଳୟ ପାଇଁ ଏକ ୩୦୦ ଶଯ୍ୟାବିଶିଷ୍ଟ ହସ୍ପିଟାଲ ବିଲ୍ଡିଂର ଭିତ୍ତି ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭଦ୍ରକ ଜିଲ୍ଲାରେ ୯୫୦ କୋଟି ଟଙ୍କାରେ ଦୁଇଟି ମେଗା ପାଇପ ପାଣି ପ୍ରକଳ୍ପ କାମ ଜାରି ରହିଛି। ଏହାଦ୍ୱାରା ୭ ଲକ୍ଷରୁ ଅଧିକ ଲୋକ ଉପକାର ପାଇବେ। ଭଦ୍ରକରେ ମିଶନ ଶକ୍ତିର ମା ମାନେ ଭଲ କାମ କରୁଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସରକାରଙ୍କ ବିଭିନ୍ନ ଯୋଜନାରେ ସହଭାଗୀ ହୋଇଛନ୍ତି। ଚଳିତ ବର୍ଷ ସେମାନେ ୨୪୫ କୋଟି ଟଙ୍କା ଋଣ ସୁବିଧା ପାଇପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମିଶନ ଶକ୍ତି କାର୍ଯ୍ୟକ୍ରମ କେବଳ ମା ମାନଙ୍କର ନୁହେଁ, ସାରା ସମାଜରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଲେ ଯେ ସ୍ମାର୍ଟ ହେଲ୍ଥ କାର୍ଡ ଦ୍ୱାରା ଆମର ଗରିବ ଲୋକମାନଙ୍କ ଚିନ୍ତା ଦୂର ହୋଇଛି। ଏଥିରେ ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ ଏବଂ ରାଜ୍ୟର ୭୭ ପ୍ରତିଶତ ଲୋକ ଚିକିତ୍ସାର ବୋଝରୁ ମୁକ୍ତି ପାଇବେ ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ ସେବା ପାଇଁ ଅନେକ ସମସ୍ୟାରୁ, ବିଶେଷକରି ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ। ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଲେ ଚିକିତ୍ସା ପାଇଁ କିପରି ଜମିବାଡି ବିକିବାକୁ ବାଧ୍ୟ ହୁଅନ୍ତି, ପିଲାଙ୍କ ପାଠପଢା ବନ୍ଦ କରନ୍ତି, ସେ ସବୁ ସମସ୍ୟା ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ତାଙ୍କୁ ବହୁତ ଦୁଃଖ ଦେଇଥାଏ। ବର୍ତ୍ତମାନ ଲୋକମାନେ ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ ବଡ ହସ୍ପିଟାଲରେ ଭଲ ଚିକିତ୍ସା ପାଇପାରିବେ। ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ଚାଷୀ ହେଉ ବା ମୂଲିଆ ବା ରିକ୍ସା ବାଲା – ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ । ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ। ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ କରୋନା ସମୟରେ ସବୁ ରୋଗୀଙ୍କ ପାଇଁ ଟେଷ୍ଟିଂ ଠାରୁ ଆରମ୍ଭ କରି ଟ୍ରିଟ୍‌ମେଣ୍ଟ ପର୍ଯ୍ୟନ୍ତ ସବୁ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି।

### ଆନ୍ଧ୍ରକୁ ...

ସରକାରଙ୍କ ଦ୍ୱାରା ସୁପ୍ରିମକୋର୍ଟରେ ଅତିରିକ୍ତ ଦସ୍ତାବିଜ ଦାଖଲ କରାଯାଇଥିଲା । ଓଡ଼ିଶା ସରକାର ତାଙ୍କ ଅତିରିକ୍ତ ଦସ୍ତାବିଜରେ ସୁପ୍ରିମକୋର୍ଟଙ୍କୁ ଦୁଇ ରାଜ୍ୟ ମଧ୍ୟରେ ମୁଖ୍ୟମନ୍ତ୍ରୀସ୍ତରୀୟ ବୈଠକ ବସିଥିଲା ଓ ବିବାଦର ସମାଧାନ ପାଇଁ ଏକ କମିଟି ଗଠନ କରାଯାଇଛି। ସେହିପରି ଆନ୍ଧ୍ରପ୍ରଦେଶ ସରକାର ମଧ୍ୟ ଦୁଇ ରାଜ୍ୟ ଏହି ମାମଲାର ରାଜନୀତିକସ୍ତରରେ ସମାଧାନ ପାଇଁ ପ୍ରୟାସ କରୁଥିବା ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ନଭେମ୍ବର ୯ତାରିଖରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କୋଟିଆ ସମେତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉଭୟ ମୁଖ୍ୟମନ୍ତ୍ରୀ ମଧ୍ୟ ଏକ ମିଳିତ ବିବୃତ୍ତି ଜାରି କରି ଦୁଇ ରାଜ୍ୟର ମୁଖ୍ୟସଚିବସ୍ତରରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ସହମତି ଜଣାଇଥିଲେ। ସୁପ୍ରିମକୋର୍ଟରେ ଆଜି ମାମଲାର ଶୁଣାଣି ଥିବାବେଳେ ଓଡ଼ିଶା ସରକାର ନଭେମ୍ବର ୨୪ତାରିଖରେ ଏକ ଆଠଜଣିଆ କମିଟି ଗଠନ କରି ଆନ୍ଧ୍ରପ୍ରଦେଶ ସହ ରହିଥିବା ବିବାଦର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି।

### ବିଇଓଙ୍କ ...

ଘରକୁ ଡାକି ଲାଞ୍ଚ ନେଉଛନ୍ତି। ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ପ୍ରଦାନର ନିୟମ ଥିଲେ ମଧ୍ୟ ସେ ଜାଣିଶୁଣି ତଥ୍ୟ ଦେଉନାହାନ୍ତି ଓ କହୁଛନ୍ତି ଏଥିପାଇଁ ରୁଲ୍ ରେଗୁଲେସନ କ'ଣ ଅଛି ଜାଣିନାହାନ୍ତି। ବିଶେଷ ସୂତ୍ରରୁ ଯାହା ଜଣାପଡିଛି ବିଇଓ ମହାଶୟ ଏବେ ଭିଜିଲାନ୍ସ ସ୍କାନରରେ। ବିଇଓ ଅଫିସ ସାମ୍ନା ରାସ୍ତା ପାଣି କାଦୁଅରେ ଭର୍ତ୍ତି ହୋଇଥିଲା ବେଳେ ଏଥିପାଇଁ ସରକାର ମଞ୍ଜୁର କରିଥିବା ଟଙ୍କା କେଉଁ କାମରେ ଲାଗିଲା ତାହାର ହିସାବ ନାହିଁ। ଅଫିସରେ ଖର୍ଚ୍ଚ ହେଉଥିବା ବିଭିନ୍ନ ଅର୍ଥର ମିଛ ବିଲ୍ କରାଯାଇ ଟଙ୍କା ହଡପ କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ସାଧାରଣରେ ଚର୍ଚ୍ଚା ହେଉଛି ଯେ, ଏଭଳି ଦୁର୍ନୀତିଗ୍ରସ୍ତ ଅଫିସର କାର୍ଯ୍ୟରେ ରହିଲେ ସରକାର ବଦନାମ ହେବା ଥୟ। କିନ୍ତୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ୍ତ ବିଇଓଙ୍କ ବିରୋଧରେ କାହିଁକି ସରକାରୀ କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଦାରିଦ୍ର୍ୟ ...

କେନ୍ଦୁଝର ଜିଲ୍ଲାର ୪୧.୭୮ ପ୍ରତିଶତ ଲୋକ ଗରିବ।ନୀତି ଆୟୋଗର ନୂଆ ମାନଦଣ୍ଡ ଅନୁସାରେ ଏବେ ଦେଶର ପ୍ରତି ୪ ଜଣରେ ଜଣେ ଅର୍ଥାତ ୨୫.୦୧ ପ୍ରତିଶତ ଗରିବ ଅଛନ୍ତି। ବିହାର ଦେଶର ସବୁଠୁ ଗରିବ ରାଜ୍ୟ ହୋଇଥିବା ବେଳେ ଏଠାରେ ୫୧.୯୧ ପ୍ରତିଶତ ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। କେରଳରେ ଗରିବଙ୍କ ସଂଖ୍ୟା ସବୁଠୁ କମ୍। ଏଠାରେ ଗରିବଙ୍କ ସଂଖ୍ୟା ରାଜ୍ୟ ଜନସଂଖ୍ୟାର ମାତ୍ର ୦.୭୧ ପ୍ରତିଶତ। ନୀତି ଆୟୋଗର ବହୁମୁଖୀ ଦାରିଦ୍ର୍ୟ ରିପୋର୍ଟକୁ ନେଇ ଆରମ୍ଭ ହୋଇଛି ରାଜ୍ୟ ରାଜନୀତି। ରାଜ୍ୟର ଏ ଦୁଃସ୍ଥିତି ପାଇଁ ଶାସକ ବିଜେଡିକୁ ଟାର୍ଗେଟ କରିଛନ୍ତି ବିରୋଧୀ ବିଜେପି ଓ କଂଗ୍ରେସ। ୨୨ ବର୍ଷର ଶାସନ ସତ୍ତ୍ୱେ ନବୀନ ସରକାରର ଦୂରଦୃଷ୍ଟି ଅଭାବ ଏବଂ ଦୀର୍ଘ ମିଆଦୀ ଯୋଜନାର ବିଫଳତା ଯୋଗୁ ରାଜ୍ୟର ଏ ସ୍ଥିତି ବୋଲି କହିଛି ବିଜେପି। ସେପଟେ କଂଗ୍ରେସ କହିଛି, ବିଜେଡି ସରକାରର ସବୁ ଯୋଜନା ଦଳୀୟ ଭିତ୍ତିରେ ହେଉଛି। ତୃଣମୂଳସ୍ତରର ଲୋକଙ୍କ ପାଖରେ ପହଞ୍ଚିପାରୁନି। ନୀତି ଆୟୋଗ ରିପୋର୍ଟ ତା'ର ଉଦାହରଣ ବୋଲି ଦଳ କହିଛି। ତେବେ ଦାରିଦ୍ର୍ୟ ଦୂରୀକରଣ ଲାଗି ସରକାର ଉଦ୍ୟମ ଜାରି ରଖିଥିବା ବିଜେଡି ସଫେଇ ଦେଇଛି।

### ପଞ୍ଚାୟତ ନିର୍ବାଚନ ...

କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥାପନା କରିଥିଲେ । କାର୍ଯ୍ୟକାରିଣୀ ବୈଠକ ସଂପର୍କରେ ସୁଚନା ଦେଇ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି ଯେ, "ବିଜେଡି ଶାସନରେ ମହିଳା ଶିଶୁ ବିପଦରେ" ଏ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି। ମମିତା ମେହେର ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ମାହାଙ୍ଗା ଡବଲ ମର୍ଡର ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ପରୀ ହତ୍ୟାକାଣ୍ଡରେ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ, ଏସିଏଫ ସୌମ୍ୟରଂଜନ ମୃତ୍ୟୁ ପ୍ରସଙ୍ଗରେ ଜଙ୍ଗଲ ପରିବେଶ ମନ୍ତ୍ରୀ ବିକ୍ରମ ଆରୁଖଙ୍କ ସଂପୃକ୍ତି ଅଭିଯୋଗରେ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ନୀରବ । ସବୁ ଦଙ୍ଗାରେ ସମ୍ପୃକ୍ତି ଥିବା ସସ୍ମିତ ପାତ୍ରଙ୍କୁ ଦଳ ଆପଣେଇ ନେଇଛି। ଯେ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ନ କରିଛନ୍ତି ଓ ସିବିଆଇକୁ ତଦନ୍ତ ହସ୍ତାନ୍ତର ନ କରିଛନ୍ତି, ସେ ପର୍ଯ୍ୟନ୍ତ ବିଜେପି ଆନ୍ଦୋଳନ କରିବା ନେଇ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତି ନିଆଯାଇଛି। ରାଜ୍ୟରେ କେବଳ ମହିଳା ନୁହଁନ୍ତି ଶିଶୁମାନେ ମଧ୍ୟ ବିପଦରେ। ଗତ ୫ ବର୍ଷରେ ୨୭ ହଜାର ଶିଶୁ ନିଖୋଜ ହୋଇଛନ୍ତି । ଏନସିଆରବି ରିପୋର୍ଟ ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ହିଂସା ଓ ନିର୍ଯ୍ୟାତନା ସର୍ବ ଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଦଣ୍ଡବିଧାନ ହାର ଅତ୍ୟନ୍ତ ନଗଣ୍ୟ । ଅପରାଧୀଙ୍କ ଚରା ଭୂଇଁ ପାଲଟିଛି ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସୁରକ୍ଷା ଦେଉଛନ୍ତି। ପୋଲିସ ଉପରୁ ଲୋକଙ୍କର ବିଶ୍ୱାସ ଉଠିଗଲାଣି। ତଥାପି ମୁଖ୍ୟମନ୍ତ୍ରୀ ନିରବ । ମୁଖ୍ୟମନ୍ତ୍ରୀଙ୍କ ନୀରବତାକୁ ନେଇ କାର୍ଯ୍ୟକାରିଣୀ କ୍ଷୋଭ ପ୍ରକାଶ କରିଛି। ସରକାରୀ ଅର୍ଥରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିଭିନ୍ନ ଜିଲ୍ଲା ଗସ୍ତ କରୁଥିବା ମୁଖ୍ୟମନ୍ତ୍ରୀ କେବେ ବିଧାନସଭା ଆସିବେ ତାହା ଘୋଷଣା କରିବାକୁ କାର୍ଯ୍ୟକାରିଣୀ ଦାବୀ କରିଛି । ଚାଷୀଙ୍କୁ ଏମ୍‌ଏସପିର ମୂଲ୍ୟ ମିଳୁନାହିଁ। ଆଗକୁ ଧାନମଣ୍ଡି କାର୍ଯ୍ୟକ୍ରମକୁ ନେଇ ଲୋକଙ୍କ ପାଖକୁ ଯିବ । ସେହିପରି ରାଜ୍ୟରେ ଚାଲିଥିବା ବ୍ୟାପକ ପିସି କାରବାର ଓ ଦୁର୍ନୀତି ଭ୍ରଷ୍ଟାଚାରରେ ବୁଡି ରହିଥିବା ରାଜ୍ୟ ସରକାରଙ୍କୁ ଦୃଢ ନିନ୍ଦା କରିବା ସହ ଏହା ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ କାର୍ଯ୍ୟକାରିଣୀରେ ନିଷ୍ପତି ଗ୍ରହଣ କରାଯାଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଓଡିଶା ପ୍ରତି ଥିବା ସହାୟତା ସ୍ୱରୂପ ପ୍ରଧାନମନ୍ତ୍ରୀ ଅନ୍ନଦାତା ଯୋଜନାରେ ଲୋକଙ୍କୁ ଅନ୍ନ ଯୋଗାଇଦେବା ନେଇ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଓଡିଶା ପ୍ରତି ଅବଦାନ ଓ ଗରିବ କଲ୍ୟାଣ ଯୋଜନାରେ ଓଡିଶାକୁ ସହାୟତା ନେଇ ଧନ୍ୟବାଦ ଅର୍ପଣ କରାଯାଇଥିଲା ବୋଲି ଶ୍ରୀ ମହାପାତ୍ର ସୁଚନା ଦେଇ କହିଛନ୍ତି ।

# ବିଶ୍ୱତ୍ରାଣ ସତ୍ୟସାଇ



ଇଂ.ସଚ୍ଚିଦାନନ୍ଦ ନନ୍ଦ






ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ।

ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ। ଏହି ଆଧାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା



ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

*ଅଲିଶା ବଜାର, କଟକ*
*ଦୂରଭାଷ : ୯୪୩୭୫୧୧୨୩୦*

# ସର୍ବଶାନ୍ତିର ଉତ୍ସ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅନେକ ଲମ୍ବା ଚୌଡ଼ା ପୃଥିବୀରେ ବିଭିନ୍ନ ପ୍ରକାର ଗଛଲତା, ପାହାଡ଼, ପର୍ବତ, ନଦନଦୀ, ପଶୁପକ୍ଷୀ, ଦ୍ୱିପଦ, ଚତୁଷ୍ପଦ, ସରୀସୃପ ରହିଛନ୍ତି। ପ୍ରକୃତିର ସମ୍ବିଧାନରେ ଏକ ସ୍ଥିର ନିୟମ ଅଛି। ମାଟିର ଦ୍ୱିପଦ ଶ୍ରେଷ୍ଠ ମନୁଷ୍ୟ ପ୍ରକୃତିର ସମ୍ବିଧାନରେ ବାରମ୍ବାର ସଂସ୍କାର ଲଗାଇ ରଖୁଛି। ସୃଷ୍ଟିର ଆଦ୍ୟରୁ ସମୟ କଳ୍ପ ମନ୍ୱନ୍ତର ଯୁଗଚକ୍ର ମଧ୍ୟରେ ସୂର୍ଯ୍ୟଙ୍କୁ ପୃଥିବୀର ଆହ୍ନିକ ବାର୍ଷିକ ପରିକ୍ରମରେ ଆଗକୁ ଆଗ ବଢୁଥିବା ଜନସଂଖ୍ୟାର ପ୍ରଚଳକ ମୁଖିଆମାନେ ଯେଉଁ ହାରରେ ପ୍ରକୃତିର ସ୍ଥିର ନିୟମମାନ ନଷ୍ଟ ଆଗକୁ ପଛକୁ ନଅନାଇ କରୁଛନ୍ତି ଏହା ହିଁ ଏକ ସମସ୍ୟା ଏହା ହିଁ ଶାସ୍ତ୍ରରେ ଅସୁର ପ୍ରଚେଷ୍ଟା ଆଖ୍ୟାରେ ଆସୁଛି।

ବେଦ ହେଉଛି ପ୍ରକୃତିର ସ୍ଥିର ନିୟମର ସମ୍ବିଧାନ ଏହା ଚୋରୀ ହୋଇଛି, ଅର୍ଥାତ୍ ଅପଳାପ କରାଯାଇଛି। ଏହାକୁ ମତ୍ସ୍ୟ କଚ୍ଛପ, ବରାହ ଭଗବାନ ଅବତାର ବେଳେ ଉଦ୍ଧାର କରିଥିଲେ ଯାହା ପୁଣି ସ୍ଥାୟୀ ନିୟମ ପ୍ରକୃତି ପାଇଁ ସ୍ଥିର କରିବା ଧାରା। ନୃସିଂହ ଅବତାରରେ ସ୍ୱ ସ୍ୱାର୍ଥକୁ ପୂର୍ଣ୍ଣରକ୍ଷା ପାଇଁ ବିହିତ କାନୁନର ଧାରା ଯେ ରାଜାକୁ ଚୋଡଇ ଦେଉଥିବା ଶକ୍ତିର ପୂର୍ଣ୍ଣ ସମ୍ମତ ରୂପଧାରୀ ବ୍ୟକ୍ତିକୁ ପ୍ରବଳ ପରାକ୍ରମୀ ହିରଣ୍ୟକସିପୁ ରାଜାର ନିଜର ଭବିଷ୍ୟତ ରାଜ୍ୟ ସିଂହାସନ ଅଧିକାରୀ ଔରସଜାତ ପୁତ୍ର ପ୍ରହ୍ଲାଦକୁ ମହାଶତ୍ରୁ ଭାବି ବହୁ ଉତ୍ପାତ କରି ନଷ୍ଟ ଚିନ୍ତା କରିଥିଲେ। ହେଲେ ପ୍ରହ୍ଲାଦ ନୃସିଂହ ଭଗବାନଙ୍କ ଦ୍ୱାରା ସ୍ୱପିତା ଓ ସ୍ୱଦେଶର ରାଜା ଦାଉରୁ ରକ୍ଷା ହୋଇଥିଲେ। ଏକ ଉପସର୍ଗ ଯାହା ବ୍ୟାକରଣର ୨୨ ଉପସର୍ଗ ମାଳାରେ ଅଛି, ଏହା କୌଣସି ପୂର୍ଣ୍ଣ ଅର୍ଥକ ଶବ୍ଦକୁ ଅତିରଞ୍ଜିତ ଆହୁରି କରେ। ଆହ୍ଲାଦିନୀ ଶକ୍ତି ଯାହା ସମସ୍ତଙ୍କୁ ଭଲ ପାଏ, ଭଲରେ ରଖେ ଓ ତାକୁ ସମସ୍ତେ ଭଲ ପାଇ ବସନ୍ତି। ଏହି 'ପ୍ର'ରେ ଆହ୍ଲାଦ ସଂଶ୍ଳିଷ୍ଟ ହୋଇ ପ୍ରହ୍ଲାଦ ହୋଇଛି। ଭିତ୍ତି ଭାଙ୍ଗିଲେ ଶକ୍ତି ନିଶ୍ଚେ ଭିନ୍ନ ରୂପ ନିଏ। ହିରଣ୍ୟ କସିପୁଙ୍କର ସର୍ବଦା ଭିତ୍ତି ଭାଙ୍ଗିବା ଗୁଣ କାମିନୀ କାଞ୍ଚନ ପାଇଁ ଥିଲା, ଏପରି ଖମ୍ବ ଭାଙ୍ଗିବା ଭିତ୍ତି ଭାଙ୍ଗି ସେ ଅନ୍ତ ହୋଇଥିଲେ। ସତ୍ୟଶ୍ରୟୀ ଉଚିତ ଶିକ୍ଷାରେ ରହି ପରେ ଦୀର୍ଘଦିନ ପ୍ରଶାସକ ଓ ଉନ୍ନିତ ପ୍ରଶାସକ ହୋଇଥିଲେ। ରାଜା ବଳୀ ଜଣେ ପ୍ରଖ୍ୟାତ ପ୍ରଶାସନ ତାଙ୍କର ରାଜ୍ୟରେ ରାଜାଙ୍କର ୪ ନିତି ମଧ୍ୟରୁ 'ଦାନ' ନୀତିକୁ ପ୍ରାଧାନ୍ୟ ସର୍ବଦା ଦେଇ ଚାଲିଲେ ଫଳରେ ଲୋକେ ସରଳରେ ଧନପ୍ରାପ୍ତି ଆଶାରେ ରାଜଧାନୀକୁ ଦୌଡ଼ିଲେ, ବା ରାଜ କାର୍ଯ୍ୟାଳୟକୁ ଦୌଡ଼ିଲେ, ଫଳରେ ରାଜଧାନୀ ଉପକଣ୍ଠରେ ହାଟ ବଜାର ବିପଣୀ ଗଢ଼ି ଉଠିଲା ତେଣେ ଗ୍ରାମାଞ୍ଚଳରେ ଲୋକେ ଶ୍ରମ ବିମୁଖ ହେଲେ କୃଷି କାରିଗରୀ ଜ୍ଞାନ ଅବହେଳିତ ହେଲା, କିଣି ଖିଆ ବଢ଼ିବାରେ ଲାଗିଲେ, ଖଟିଖିଆ ବି ଅଳସୁଆ ହେଲେ। ସେମାନେ ଅଧିକ ମଜୁରୀ ଆଶାରେ ସହର ଧାଉଡି କଲେ, ଶେଷରେ ଭଗବାନ ବାମନ ଆସିଲେ, ସେ ଆଜିକାଲିର ନାନୋ ଥିଓରୀରେ ଲୋକଙ୍କୁ ଚଳିବା ପାଇଁ ସଂକ୍ଷିପ୍ତ ଦରକାରୀ ନିୟମ ଲଗାଇବା ପାଇଁ ନିଜେ ତିନିପାଦ ଭୂମି ରାଜାକୁ ମାଗିଲେ। ରାଜାଙ୍କର କ୍ଷେତ ଖମାର ଜମି ଜାଗାର ଏକ ଜମିଦାରୀ ଦାନ ଦେବା ଅଧିକାର ଅଛି ହେଲେ ଏହିମତି ଦାନ ପାଇ ପାଇଁ କାନୁନ କିଛି ନଥିଲା। ଶେଷରେ ରାଜା ଦାନ ଦେଲେ ସେ ବଳୀ ରାଜ ଖତମ୍ ହେଲା। ବଳୀ ଏତେ ଅର୍ଥ କେଉଁଠୁ ଆଣୁଥିଲେ ? ପାତାଳରୁ ଧନ, ସେ ଖଣି ଖାଦାନରୁ ହିଁ ସଂଗ୍ରହ କରୁଥିଲେ। ଶେଷରେ ରାଜ୍ୟ ପ୍ରଚଳିତ ଶାସନରୁ ହଟି କେବଳ ଖଣି ବୃତ୍ତିରେ ହିଁ ଶେଷ ଜୀବନ କଟାଇବା ବ୍ୟବସ୍ଥା ବାମନ କରିଦେଇଥିଲେ। ଛୋଟକୁ କେହି ଗଣେ ନାହିଁ ମାତ୍ର ନାନୋ ଥିଓରୀ ସାଂଘାତିକ ପରମାଣୁ ତଥ୍ୟ ସାଂଘାତିକ, ଲିଟିଲବୟ ପରମାଣୁବୋମା ଜାପାନର କି କ୍ଷତି କରିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ରେକର୍ଡ଼ରେ ତାହା ସମସ୍ତଙ୍କର ପଢ଼ିବା ପାଇଁ ଉଦ୍ଦିଷ୍ଟ ରହିଛି।

ବହୁ ବର୍ଷ ଚାଲି ଗଲେ ଲୋକେ ବହୁ ନିୟମ ଭୁଲି ଯାଆନ୍ତି ଏ ଯୁଗରେ ଭଗବାନ ବୁଦ୍ଧ ଅବତାର, ବୁଦ୍ଧ ଅର୍ଥ ଜ୍ଞାନୀ। ଜ୍ଞାନୀ ପୂର୍ବପର ସଂହତି ବୁଝି କାମ କରନ୍ତି। ସତ୍ୟ, ଶାନ୍ତି, ଦୟା ଓ କ୍ଷମା ଏହି ଐଶ୍ୱରୀକ ଗୁଣ ଦ୍ୱାରା ହିଁ ଶାନ୍ତି ସର୍ବତ୍ର ମିଳିପାରିବ। ଭାଗବତ ପୁରାଣରେ ଯେଉଁ ଅବତାରବାଦ ସ୍ଥିର ଅଛି ଯେଉଁ ଋଷିବାଦ ସ୍ଥିର ଅଛି ପରବର୍ତ୍ତୀ କାଳରେ ସମୟ ଅନୁସାରେ ତହିଁରେ ଅନ୍ୟ ଋଷି ଅବତାରର ଉଦାହରଣ ଯୋଡ଼ା ଯାଉନାହିଁ। ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ଲୋକଙ୍କ ସମୁହ ଦୁଃଖ ନିବାରଣ ପାଇଁ କାନୁନ ପ୍ରଣୟନ ଯେଉଁ ଧାରାରେ ହେଉଛି ତାହା ପ୍ରକୃତ ଋଷି କଳ୍ପିତ ମାର୍ଗ। ଆଉ ଏକ ରାଜତନ୍ତ୍ରର ଅବସାନ ନାଶକାରୀ ହେଉଛନ୍ତି ଅବତାରଙ୍କର କରାମତି। ଆମ ଓଡ଼ିଶାରେ ରାଜା ପ୍ରତାପରୁଦ୍ର ଦେବ ପ୍ରଶାସନ ବେଳେ ସର୍ବତ୍ର ଖଣ୍ଡାୟତମାନେ ବାସୁ କରୁଥିଲେ। ସେମାନେ ଦୁଇ ପ୍ରକାରରେ ଜୀବିକା ଚଳାଉଥିଲେ। ରାଜାନୁଗ୍ରହ ପାଇଁ ରାଜାଙ୍କ ଆଦେଶ ମାନି ଅନ୍ୟ ଦେଶ ଆକ୍ରମଣ ପାଇଁ ସ୍ୱଦେଶରେ ଭିନ୍ନ ରାଜାର ଆକ୍ରମଣ ବେଳେ ଯୁଦ୍ଧ ପାଇଁ ଯୁଦ୍ଧାସ୍ତ୍ର ସଜିତ ଓ ତାଲିମ ଆଖଡ଼ାରେ ଲିପ୍ତ ରହିବାବେଳେ ସ୍ୱ ଜମିଜମାରେ କୃଷି କାର୍ଯ୍ୟରେ ଲିପ୍ତ ଥିଲେ। ଜମିରେ ଚାଷ ବାସ ପାଇଁ କଳହ ଯେ ନଲାଗିବ ଏମିତି ନୁହଁ କଲେ ଏପରି ହୁଏ କ୍ରୋଧବଶ ହୋଇ ହାତ ହତିଆର ଯାଏ କଥାଯାଇ ଗ୍ରାମେ ଗ୍ରାମେ ରକ୍ତପାତ ସର୍ବଦା ଚାଲୁଥିଲା। ପ୍ରତାପରୁଦ୍ର ବଡ଼ ରାଜ୍ୟାଧୀକାରୀ ହୋଇ ନିଜର ପ୍ରତାପ ବଂଶାନୁକ୍ରମିକ ପ୍ରଚାର କରିନୁହଁ ବିଭିନ୍ନ ପ୍ରକାର ନୀତି ନିୟମ ସୈନ୍ୟବଳ ରାଜ ପାରିଷଦରେ ପ୍ରଶାସନ ଜାହିର ରଖିବା କଥା ସେତେବେଳେ ଯୋଗାଯୋଗ ବର୍ତ୍ତମାନ ପରି ନଥିଲା। କୌଣସି ଏକ ଘଟଣା ଦୁର୍ଘଟଣା ଲୋକ ଖବର ମାର୍ଫତ ରାଜାଙ୍କ କର୍ଣ୍ଣଗୋଚର ହେଉଥିଲା, ରାଜା ତାର ପ୍ରତିରୋଧ କରିବା ବେଳକୁ ଶତ୍ରୁ ବହୁ ବଳଶାଳୀ ହୋଇ କ୍ଷତି ସାଧନ କରାଉଥିଲେ। ଫଳରେ ଦକ୍ଷିଣରେ ପ୍ରତାପରୁଦ୍ରଦେବ ହାରି ଥିଲେ। ଏହି ସମୟରେ ଚୈତନ୍ୟ ଦେବ ଆସିଥିଲେ ପଞ୍ଚସଖାଙ୍କ ଉଦୟ ହୋଇଥିଲା। କଳି ନିସ୍ତାରଣର ୧ମ ସ୍ୱର ଧାରାଯେ ନାମ ସଂକୀର୍ତ୍ତନ ଧାରା





ଚୈତନ୍ୟ ପ୍ରଚାର କଲେ। ଗ୍ରାମେ ଜଗନ୍ନାଥ ଦାସଙ୍କ ଭାଗବତ ଅଧ୍ୟୟନ ଟୁଙ୍ଗି ଗଢ଼ି ଉଠିଲା, ଖଣ୍ଡାୟତ କରବାଳ ଛାଡ଼ି କରତାଳ ଧରିଲେ, ରକ୍ତପାତ ଲୁଣ୍ଠନର ଧାରାରୁ ଶାନ୍ତି ମିଳିଥିଲା। ଏମିତି ଦିନେ ଶଙ୍କରାଚାର୍ଯ୍ୟ ଆସିଥିଲେ ସେ ଶାସ୍ତ୍ର ବାଖ୍ୟାରେ ଅନେକ ଅଲୀକ ବାଦକୁ ବିଲୁପ୍ତ କରି ତାଙ୍କର ମତକୁ ଲୋକ ମଧ୍ୟରେ ପ୍ରତିଷ୍ଠା କରି ବୃଥା ଭେଦକୁ ନଷ୍ଟ କରିଥିଲେ। ଶିରିଡ଼ି ସାଇ ଆସିଲେ ଶିରିଡ଼ି ପ୍ରକୃତରେ ଶ୍ରୀଡିହି ବା ଶ୍ରୀଡିହ। ଆମର ସ୍ଥାନ ନାମରେ ଅଛି ଶିଡ଼ିହି, ବିରିଡ଼ିହି (ବିରିଡି) ଡିହ ସ୍ଥାନର ନାମରେ ବିଶେଷଣ ପ୍ରୟୋଗରେ ହେଉଛି। ଦିନେ ମୋଗଲ ବାଦଶାହା ଔରଙ୍ଗଜେବ ଦାକ୍ଷିଣତ୍ୟରେ ପାହାଡ଼ି, ମରହଟ୍ଟା ଶତ୍ରୁ ଦମନରେ ଆସି ସେ ସ୍ଥାନରେ ଶତ୍ରୁ ଦମନରେ ଲିପ୍ତ ଥିଲେ, ଲୋକଙ୍କୁ ଧର୍ମାନ୍ତରୀ କରାଉଥିଲେ। ଜିଜିୟା କର ବସାଉଥିଲେ, ଜୀଜିୟା ଜୀମାନେ ରାଜାଙ୍କୁ ବୁଝାଇ ତାଙ୍କୁ ବଞ୍ଚାଇବା ପାଇଁ ହୁଏତ ଟିକସ ଲାଗୁଥିଲା। କାହାରି ସ୍ୱଧର୍ମ ସ୍ୱାଧୀନତା ହିନ୍ଦୁ ଜନତାଙ୍କର ଗତାନୁଗତ ଚଳି ଆସୁଥିବା ଧାରା ସେ ଭାଙ୍ଗିବାକୁ ଚେଷ୍ଟା କରି ବହୁ ହିନ୍ଦୁ ପୀଠ ଭାଙ୍ଗି ଦେଇଥିଲେ। ପ୍ରାସନ ଦତ୍ତ ସ୍ଥିତିବାନ ପଟ୍ଟାକୁ ସେ ତାଙ୍କ କର୍ମଚାରୀଙ୍କ ଦ୍ୱାରା ଅମାନ୍ୟ କରାଇ ତାଙ୍କର ଅନୁଗତ୍ୟଙ୍କୁ ଅଧିକାର ଦିଆଯାଉଥିଲା। ସେ ସ୍ଥାନରେ କୃଷ୍ଣ କର୍ପାସ ମୃତ୍ତିକା, କପାଚାଷ, ପିଆଜ, ମକା, ଗହମର ପ୍ରକୃଷ୍ଟ ଚାଷ ଜମି ଏସବୁ ଚାଷ ଜମିରେ ଚାଷ ଆରମ୍ଭ ଫସଲ ଉଠିବା ବେଳେ ବହୁ ଦଳୀୟ ରକ୍ତପାତ କାଣ୍ଡ। କେମିତି ଶାନ୍ତି ପରିବେଶ ଆସିବ ? ଏ ଚିନ୍ତା ଲାଗୁଥିବା ବେଳେ ସାଇବାବାଙ୍କ ସେ ସ୍ଥାନକୁ ଆଗମନ ତାଙ୍କୁ ସ୍ୱାଗତ କଲେ ଖଣ୍ଡବା ମନ୍ଦିରର ମୁଖ୍ୟ ପୁରୋହିତ ମହଲସା ପତି ତାପରେ ତାଙ୍କର ଲୀଳା ଏକ ପରିତ୍ୟକ୍ତ ମସଜିଦରେ ସେ ହୋଇଗଲେ ଲୋକମନ କିଣା ଫକିର। ଭିକ୍ଷାଟନରେ ଚଳିଲେ ବି ସେ ଏକ ଈଶ୍ୱର ତଥ୍ୟରେ ସ୍ଥିର ରହି ଲୋକଙ୍କ ଧର୍ମମତକୁ ଅମାନ୍ୟ ନକରି ସାଲିସରେ ଲୀଳା ଲଗାଇ ରଖିଲେ ଯାହା ଏବେ ଚିରନ୍ତନ ବିଶ୍ୱାସର ମହାକେନ୍ଦ୍ର। ଯାହା ସର୍ବଧର୍ମ ସର୍ବଜାତି ସର୍ବ ସମ୍ପ୍ରଦାୟଙ୍କର ଭାଇଚାରର ଗନ୍ତାସ୍ଥାନ ଶ୍ରୀଡିହ, ଶ୍ରୀମାନେ ଲକ୍ଷ୍ମୀ ଯଦି ହୁଏ ଏ ଯାଗାରେ ଲକ୍ଷ୍ମୀ କେମିତି ଅଛନ୍ତି ଯେ କେହିଗଲେ ବୁଝିପାରିବେ।

*ଅରୁଣୋଦୟ ନଗର, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୯ ନଭେମ୍ବର - ୫ ଡିସେମ୍ବର, ୨୦୨୧





# 'ସୋସିଆଲ ମିଡିଆରେ ଜଜ୍‌ଙ୍କୁ କରାଯାଉଛି ଟାର୍ଗେଟ'



**ନୂଆଦିଲ୍ଲୀ :** ସମ୍ବିଧାନ ଦିବସ ଉପଲକ୍ଷେ ସୁପ୍ରିମକୋର୍ଟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନ ବିଚାରପତି ଜଷ୍ଟିସ ଏନଭି ରମନ୍ନା ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, "ଏଠାକୁ ଆସିବା ପୂର୍ବରୁ ସିନିୟର ଆଇନଜୀବୀ ବିକାଶ ସିଂହ ମୋତେ କୌଣସି ଭାଷଣ ଦେବାକୁ ପଡ଼ିବନି ବୋଲି କହିଥିଲେ। କିନ୍ତୁ ଏବେ ସେ ମୋତେ ଭାଷଣ ଦେବାକୁ କହୁଛନ୍ତି। ମୁଁ ବରିଷ୍ଠ ଓକିଲ ତୁଷାର ମେହେଟ୍ଟାଙ୍କ ପରି କୌଣସି ଭାଷଣ ଦେଇ ପାରିବି ନାହିଁ। ସେ କିଛି ବି କହିପାରିବେ, ଏଥିରେ କିଛି ଫରକ ପଡ଼ିବ ନାହିଁ। ଯଦି ମୁଁ ଗୋଟିଏ ଶବ୍ଦ ଅଧିକ କହିବି, ତା'ହେଲେ ମିଡିଆ ବନ୍ଧୁମାନେ ଏହାକୁ ବଡ଼ କରି ଖବର ପ୍ରକାଶ କରିବେ। ୭୨ ବର୍ଷ ପୂର୍ବେ ଆଜିର ଦିନରେ ଆମେମାନେ ଆମ ହାତରେ ସମ୍ବିଧାନକୁ ଧରିଥିଲୁ। ମୁଁ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଉଛି।" ଜଷ୍ଟିସ ରମନ୍ନା କହିଛନ୍ତି ଯେ ନ୍ୟାୟ ଦେବା କେବଳ ନ୍ୟାୟପାଳିକାର କାର୍ଯ୍ୟ ବୋଲି ସମସ୍ତେ ଭାବନ୍ତି। କିନ୍ତୁ ଏହା ଠିକ୍ ନୁହେଁ। ଏହା ୩ଟି ଯାକ ସଂସ୍ଥା ଉପରେ ନର୍ଭର କରେ। ବିଧାନସଭା ଓ କାର୍ଯ୍ୟପାଳିକାର ଅବହେଳା ନ୍ୟାୟପାଳିକାର ବୋଝକୁ କେବଳ ବଢ଼ାଇଥାଏ। ଗୋଟିଏ ସଂସ୍ଥାକୁ ଆଉ ଗୋଟିଏ ସଂସ୍ଥା ବିରୋଧରେ ଚିତ୍ରଣ କରିବା ଦ୍ୱାରା ଭୁଲ ବୁଝାମଣା ସୃଷ୍ଟି ହୋଇଥାଏ। ଏହା ଗଣତନ୍ତ୍ରର ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ନିକଟରେ ବିଚାରପତିଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ସିଜେଆଇ ଜଷ୍ଟିସ ରମନ୍ନା କହିଛନ୍ତି ଯେ "ବିଚାରପତିଙ୍କ ଉପରେ ଆକ୍ରମଣ କରାଯାଉଛି। ଏହା କେବଳ ଶାରୀରିକ ଭାବେ କରାଯାଉନି। ବରଂ ସୋସିଆଲ ମିଡିଆ ମାଧ୍ୟମରେ ବିଚାରପତିଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଉଛି। ଅଧିକାରୀମାନେ ଆଗକୁ ଆସି ଏହି ପ୍ରସଙ୍ଗରେ ବିଚାରପତିମାନଙ୍କୁ ସାହାଯ୍ୟ କରିବା ଉଚିତ୍।" ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଉପସ୍ଥିତ ଥିଲେ। ସିଜେଆଇ ଜଷ୍ଟିସ ରମନ୍ନା ସୁପ୍ରିମକୋର୍ଟର ଆଭ୍ୟନ୍ତରୀଣ ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ସର୍ବୋଚ୍ଚ ଅଦାଲତ ଗଠନ କରିଥିବା କମିଟି ଗୁଡ଼ିକ ଦେଇଥିବା ସୁପାରିଶକୁ ବିଚାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହା ବ୍ୟତୀତ ସୁପ୍ରିମକୋର୍ଟ ଓ ହାଇକୋର୍ଟରେ ଖାଲିଥିବା ପଦବୀ ପୂରଣ ପାଇଁ କଲେଜିୟମ ଭଲ କାମ କରୁଛି ଓ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହଯୋଗ ଆଶା କରୁଥିବା ମଧ୍ୟ ସେ କହିଛନ୍ତି।

# କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ପାଟକୁରା ଗସ୍ତ



**କେନ୍ଦ୍ରାପଡା :** କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ପାଟକୁରା ଗସ୍ତ କରିଥିଲେ। ଗସ୍ତ ସମୟରେ ଲୁଣା, ଚିତ୍ରୋତ୍ପଳା, ତ୍ରିକୋଣ ଭୂମିର ଜଳ ନିଷ୍କାସନ ସମସ୍ୟା ଅନୁଧ୍ୟାନ କରିବା ସହ ଗହଗାପାଟ ଓ ବାଘୁଣୀ ନଦୀର ଜଳ ନିଷ୍କାସନ ସ୍ଥାନ ନାରାୟଣପୁର ସ୍ଲୁଇସ୍ ପାଖକୁ ଯାଇଥିଲେ। ସ୍ଥାନୀୟ ଲୋକଙ୍କ ଦାବି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମନ୍ତ୍ରୀ ଶ୍ରୀ ଟୁଡୁଙ୍କ ଏହି ଗସ୍ତ ସ୍ଥାନୀୟ ଜନସାଧାରଣଙ୍କ ମନରେ ପ୍ରବଳ ଉତ୍ସାହ ଭରିଦେଇଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସିଡବ୍ଲ୍ୟୁସିର ବିଶେଷଜ୍ଞ କମିଟି ମଧ୍ୟ ମନ୍ତ୍ରୀଙ୍କ ସହ ଆସିଥିଲେ। କେନ୍ଦ୍ର ମନ୍ତ୍ରୀଙ୍କ ଗସ୍ତ ବେଳେ ପାଟକୁରାର ବରିଷ୍ଠ ବିଜେପି ନେତା ଇଂ. ମାନସ ରଞ୍ଜନ ମହାନ୍ତି, ନ୍ୟାସନାଲ ୱେଲଫେୟାର ଟ୍ରଷ୍ଟର ଆଡଭାଇଜର ଶିବ ସିଂହ, ସନ୍ତୋଷ ଜେନା, କେନ୍ଦ୍ରାପଡା ଜିଲ୍ଲା ସଭାପତି କିଶୋର ପଣ୍ଡା, ଉମାକାନ୍ତ ପଟ୍ଟନାୟକ, ରଞ୍ଜିତ ଆଚାର୍ଯ୍ୟ, ବିଷ୍ଣୁ ଦାସ, କେଦାର ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଇଂ. ମାନସ ରଞ୍ଜନ ମହାନ୍ତିଙ୍କର କିଛି ପ୍ରସ୍ତାବ ଯଥା- ତଳମୁଣ୍ଡରେ ନଦୀ ବନ୍ଧ ଚଉଡା କରିବା, ପୋତି ହୋଇଯାଉଥିବା ଚିତ୍ରୋତ୍ପଳାର ଉତ୍ପତି ସ୍ଥାନ ଖନନ, ନାରାୟଣପୁରରେ ସାଇଫନ ବ୍ରିଜ୍ - ବ୍ୟାରେଜ ନିର୍ମାଣ ଆଦି ବାବଦରେ ସେଠାରେ ଆଲୋଚନା କରାଯାଇଥିଲା। ଇଂ. ମହାନ୍ତିଙ୍କ ପ୍ରସ୍ତାବକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଟୁଡୁ ଗୁରୁତର ଭାବେ ନେବା ସହ ସମସ୍ୟାର ସମାଧାନ ନିମନ୍ତେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# 'ହେୟଜ୍ଞାନ କରନି, ଲକ୍ଷଣ ବଦଳାଉଛି କରୋନା'

**ଭୁବନେଶ୍ୱର :** ଲକ୍ଷଣ ବଦଳାଉଛି କରୋନା। କେବଳ ଅଧିକ ଜ୍ୱର କିମ୍ବା ବିନ୍ଧାଛିଟିକା ନୁହେଁ, ସାମାନ୍ୟ ଥଣ୍ଡା, ଜ୍ୱର ହେଲେ ମଧ୍ୟ ଲୋକେ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି । ତେଣୁ ଥଣ୍ଡା ଜ୍ୱର ହେବା ମାତ୍ରେ ତୁରନ୍ତ ଟେଷ୍ଟ କରାଇ ନେବାର ଆବଶ୍ୟକତା ରହିଛି। ଟେଷ୍ଟ କରାଇଲେ ନିଜେ ସୁରକ୍ଷିତ ହେବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ରଖାଯାଇପାରିବ। ଏପରି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସୂଚନାଯୋଗ୍ୟ, କରୋନା କୋପ କମିବା ପରେ ଏବେ ପ୍ରାୟତଃ ଅଧିକାଂଶ ସ୍କୁଲ, କଲେଜ ଖୋଲି ସାରିଲାଣି। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯାଉଛନ୍ତି। ଏପରି ସ୍ଥିତିରେ ଧିରେ ଧିରେ ପୁଣି ଥରେ ମୁଣ୍ଡ ଟେକିଲାଣି ମହାମାରୀ। ବୁର୍ଲା ଭିମସାର ମେଡିକାଲ କଲେଜର ୫୧ ଛାତ୍ରଛାତ୍ରୀ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସୁନ୍ଦରଗଡ଼ର ଏକ ବାଳିକା ବିଦ୍ୟାଳୟର ୫୦ରୁ ଅଧିକ ଛାତ୍ରୀ ମହାମାରୀ ଦ୍ୱାରା କବଳିତ ହୋଇଛନ୍ତି। ଏହାକୁ ନେଇ ନିଜ ପିଲାଙ୍କ ସୁରକ୍ଷା ନେଇ ଅଭିଭାବକମାନେ ଚିନ୍ତିତ ହୋଇ ପଡ଼ିଥିବା ବେଳେ ଏପରି ଚିନ୍ତାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ରାଜ୍ୟ ସରକାର, ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସଜାଗ ରହିଛନ୍ତି। ଏଥିସହ ସେ କହିଛନ୍ତି, ସୁନ୍ଦରଗଡ ଓ ବୁର୍ଲାରେ ହୋଇଥିବା ସଂକ୍ରମଣ ସେପରି କିଛି ସାଂଘାତିକ ସ୍ଥିତିକୁ ଯାଇନି। କେବଳ କିଛି ନିର୍ଦ୍ଦିଷ୍ଟ ପକେଟରେ ସଂକ୍ରମଣ ହେଉଛି। ଭିମସାର ଓ ସୁନ୍ଦରଗଡରେ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଚିହ୍ନଟଙ୍କଠାରେ ସିଭିଆରଟି କମ୍ ରହିଛି, ତେଣୁ ଆତଙ୍କିତ ହେବାର କୌଣସି ଆବଶ୍ୟକତା ନାହିଁ। ହଷ୍ଟେଲରେ ପିଲାମାନେ ଏକାଠି ହୋଇ ରହୁଛନ୍ତି। ତେଣୁ କିଛି ଛାତ୍ରଛାତ୍ରୀ ସଂକ୍ରମିତ ହୋଇଛନ୍ତି। ହଷ୍ଟେଲରେ ସ୍ୱତନ୍ତ୍ର ଭାବରେ ସର୍ଭିଲାନ୍ସ କରାଯାଇଛି। ବାହାର ପିଲା ଭିତରକୁ ପ୍ରବେଶ କରିବେ ନାହିଁ, କି ଭିତର ପିଲା ବାହାରକୁ ଆସିପାରିବେ ନାହିଁ। ୪ ରୁ ୫ ଦିନ ମଧ୍ୟରେ ସଂକ୍ରମଣ ଆୟତ୍ତକୁ ଆସିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ଏହାବାଦ ସେ କହିଛନ୍ତି, ଯଦି କୌଣସି ଛାତ୍ରଛାତ୍ରୀ ଥଣ୍ଡା, କାଶରେ ସଂକ୍ରମିତ ହୋଇଛନ୍ତି, ତେବେ ସ୍କୁଲ ନ ଯିବା ଭଲ। ଏଥିସହ ତୁରନ୍ତ ନିଜର ଟେଷ୍ଟ କରାଇ ନେବା ଭଲ। ଲକ୍ଷଣ କମ୍ ଥିଲେ ବି ତୁରନ୍ତ ଟେଷ୍ଟ କରାଇ ନିଅନ୍ତୁ। ଏହାକୁ ହେୟଜ୍ଞାନ କଲେ, ପରେ ହଇରାଣରେ ପଡ଼ିବେ। ଯାହାର କିଛି ବି ଲକ୍ଷଣ ଦେଖାଦେଉଛି, ଟେଷ୍ଟ କରାଇ ନିଅନ୍ତୁ। ଟେଷ୍ଟର ପର୍ଯ୍ୟାପ୍ତ ବ୍ୟବସ୍ଥା ଅଛି। ସ୍ୱାସ୍ଥ୍ୟ କର୍ମୀଙ୍କୁ ତୁରନ୍ତ ଖବର ଦିଅନ୍ତୁ। ସବୁ ଅଞ୍ଚଳରେ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ସେମାନେ ସ୍ଥିତି ଉପରେ ନଜର ରଖି ରିପୋର୍ଟ ଦେଉଛନ୍ତି।

# ଭଣ୍ଡ ତାନ୍ତ୍ରିକ ଛୁଆ ବାବାଙ୍କ ମିଥ୍ୟାରେ ପିଢା ବୁଲାଇ ବେପାର ମାଲେମାଲ

**ଜଗତସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ରଘୁନାଥପୁର ଥାନା ଅନ୍ତର୍ଗତ ଗୁଆଳିପୁର ଗ୍ରାମର ବାବୁ ନାହାକ ଓରଫ ମିଶ୍ର (ଛୁଆ ବାବା)ଙ୍କ ପରିବାର ଜଣେ ନାହାକ (ଗ୍ରହବିପ୍ର) ସମ୍ପ୍ରଦାୟର ହୋଇ ଲୋକମାନଙ୍କ ଜାତକ ପାଂଜି ଦେଖୁଥିଲେ। ଏହି ପରିବାର ଅତ୍ୟନ୍ତ ଅଭାବରେ ରହୁଥିବାରୁ କିଛିବର୍ଷ ତଳେ ସେ ନିଜ ଜାତିଗତ ସାଙ୍ଗିଆ ବଦଳାଇ ନାହାକରୁ ମିଶ୍ର ହୋଇ ମଠମନ୍ଦିର ମାନଙ୍କରେ ପୂଜା ଆରମ୍ଭ କରିଥିଲେ। ଯୁବକ ଜଣକ ନିଜକୁ ଛୁଆ ବାବା ଆଖ୍ୟା ଦେଇ ଏକ ପ୍ରକାର ତାମସା ନିଜ ଗାଁରେ ଚଳାଇଛନ୍ତି। ନିଜେ ତାଙ୍କ ଟୁଙ୍ଗୀରେ ଏକ ପିଢା ବୁଲାଇ ଲୋକମାନଙ୍କୁ ବିଭ୍ରାଟ କରି ନିଜର ମିଥ୍ୟା କଥା ସବୁ ସୋସିଆଲ ମିଡିଆ, ୟୁ ଟ୍ୟୁବ ଓ ହ୍ୱାର୍ଟସଆପ ଜରିଆରେ ଛାଡି ନିଜର କାୟା ବିସ୍ତାର କରି ଚାଲୁଥିବା ବେଳେ ଅଂଚଳବାସୀଙ୍କୁ ତାଜୁବ କରିଦେଲେଣି। ଏହି ନକଲି ତାନ୍ତ୍ରିକ ଛୁଆ ବାବା ଜଣକ ନିଜ ବଡବାପାଙ୍କ ପୁଅଙ୍କୁ ଘରବାରି ଜମି ସବୁ ହାତେଇ ନେବାପାଇଁ ଖଣ୍ଡା ଜରିଆରେ ହାଣି ମାରିଦେବାର ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ରଘୁନାଥପୁର ଥାନାକୁ ଖବର ଦେଇଥିଲେ। ଥାନା କର୍ତ୍ତୃପକ୍ଷ ସେଠାରେ ପହଂଚି ଛୁଆ ବାବାଙ୍କ ସହିତ ତାଙ୍କ ବାପା, ମାଆଙ୍କୁ ଗିରଫ କରି ଆଳିପିଙ୍ଗଳ ଜେଲକୁ ପଠାଇ ଦେଇଥିଲେ। ରଘୁନାଥପୁର ଥାନାର ପିଏସ କେସ ନଂ ୫୦/୦୫ ରେ ମାମଲା ରୁଜୁ କରି ୩୪୧, ୩୨୬, ୩୦୭, ୩୫୪, ୫୦୬, ୩୪ ଦଫା ଲଗାଇ ତଦନ୍ତ କରିଥିଲେ। ଏପରିକି ନିଜ ଭଉଣୀ ଭୁବନେଶ୍ୱର ସ୍ଥିତ ଏକ ଘରୋଇ କମ୍ପାନୀରେ ରହି ଅର୍ଥ ରୋଜଗାର କରୁଥିଲେ ଏବଂ ସମସ୍ତ ଟଙ୍କା ଘରେ ଆଣି ଦେଉଥିଲେ। କିଛି ବର୍ଷ ପରେ ସେ ଟଙ୍କା ମାଗିବାରୁ ତାଙ୍କୁ ଘରେ ରଖି ପିଟି ପିଟି ମାରିଦେଇଥିଲେ ଓ ରାତିରେ ଏକ ଅଖାରେ ପୁରାଇ ଶବଟିକୁ ହଂସୁଆ ନଦୀକୁ ଫୋପାଡି ଦେବାରେ ସକ୍ଷମ ହୋଇଥିଲେ। ଝିଅ ତାଙ୍କର କିପରି ମଲା ଓ ସେ କିପରି ହଂସୁଆରେ ୩ଦିନ ପରେ ଭାସିଲା ବୋଲି ଲୋକ ଜାଣିବା ପରେ ଖୋଳତାଡ ହୋଇଥିଲେ ବି ନାହାକ ପରିବାର ସେଥିରୁ ମୁକୁଳି ଯାଇଥିଲେ। ଏପରି ଘଟଣା ସବୁ ଘଟାଇବା ପରେ ଏହି ଭଣ୍ଡ ତାନ୍ତ୍ରିକ ଛୁଆ ବାବା ଜଣକ ରାଜକାମ ଛାଡି ବାହାରକୁ ପଳାଇଥିଲେ। ଏପରିକ ଭୁବନେଶ୍ୱର ସ୍ଥିତ ଖଣ୍ଡଗିରି, ବାଲେଶ୍ୱର ଓ ପାରାଦ୍ୱୀପ ଠାରେ ବେକରେ ପୁଳାଏ ମାଳି ପକାଇ ଲୋକମାନଙ୍କୁ ମିଥ୍ୟା ପ୍ରବଚନ ଦେଇ ପୋଥି ପିଢା ଚଲାଇ ଏକପ୍ରକାର ଭକ୍ତ ମାନଙ୍କୁ ଶୋଷଣ କରୁଛନ୍ତି। ଭକ୍ତମାନଙ୍କ ଅପେକ୍ଷା ରାତିରେ ଚାରିଚକିଆ ଯାନ ଲଗାଇ ବ୍ରାଉନସୁଗାର ଓ ଗଂଜେଇ ବେପାର ଏକପ୍ରକାର ରୋଜଗାର ପାଲଟି ଗଲାଣି। ଗ୍ରାମବାସୀଙ୍କ ଶ୍ମଶାନ ନିକଟରେ ଏକ ସରକାରୀ ଜାଗାକୁ ଜଗରଦଖଲ କରି ୨ଟି ଚାଳଛପର ଘର କରି ପତାକା ଟାଙ୍ଗି ଓ ପିଢା ଚଲାଇ ନିଜକୁ ଶ୍ରୀଗୁରୁ ପଞ୍ଚଶାଖା ମହାପୁରୁଷଙ୍କ ଆଶ୍ରମ କରି ରାତିରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ଗଞ୍ଜେଇ ଓ ମଦର ଆସର ଜମାଇ ଚାଲିଛନ୍ତି। ଏହି ଶ୍ମଶାନ ନିକଟରେ ବି ଏକ ଶବଦାହ ଗୃହ କରାଯାଇଛି କିନ୍ତୁ ଏ ସ୍ଥାନଟି ଗାଁ ଠୁ ଦୂର ଓ ଯାତାୟତ ପାଇଁ ରାସ୍ତାଘାଟର ସୁବିଧା ନଥିବାରୁ ଏହି ଭଣ୍ଡ ତାନ୍ତ୍ରିକ ବାବା ଜଣଙ୍କ ଶ୍ମଶାନ ନିକଟରେ ବ୍ରାଉନ ସୁଗାର ବେପାର କରୁଛନ୍ତି। ଏପରି ଏକ ଶ୍ମଶାନ ସ୍ଥାନରେ ଛୁଆ ବାବା ତାଙ୍କର ନାମକୁ ବଦଳାଇ ବାବଜୀ ଅବଧୂତ ଦାସ ମହାରାଜ ବୋଲାଇ ଏବେ ଅଡୁଆରେ ପଡି ଯିବାକୁ ବସିଲେଣି। ଏପରି ଏକ ଭଣ୍ଡ ତାନ୍ତ୍ରିକ ବାବା କିଛିବର୍ଷ ତଳେ ଗୁଆଳିପୁର ଗ୍ରାମର ଜଣକ ଘରେ ଭଡା ରହି ବେପାର କରିବାରୁ ଲୋକମାନେ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ ଓ ସେ ଗାଁ ଛାଡି ପଳାଇଥିଲେ। ସେହି ଭଣ୍ଡ ତାନ୍ତ୍ରିକି ବାବାଜଣଙ୍କ ନାମ ଥିଲା ସୁରେନ୍ଦ୍ର ବାରିକ(ସୁରବାବା) ଓ ଏପରି ସବୁ କାର୍ଯ୍ୟ କରିବାରୁ ଜେଲ ଯିବାକୁ ପଡିଥିଲା। ଭଣ୍ଡ ତାନ୍ତ୍ରିକ ଏହି ଛୁଆ ବାବା ଜଣକ ଏପରି ମିଥ୍ୟା ଖବର ଜାଣିବା ପରେ ଭକ୍ତ ମାନଙ୍କ ସଂଖ୍ୟା କମିବାକୁ ବସିଥିବା ବେଳେ ସ୍ଥାନୀୟ ପୋଲିସ ପକ୍ଷରୁ ନଜର ବି ରଖାଯାଇଛି। ଏପରି ଏକ ସରକାରୀ ସ୍ଥାନକୁ ଜବରଦଖଲ କରିବାକୁ ନେଇ ଆମ ପ୍ରତିନିଧୀ ରଘୁନାଥପୁର ତହସିଲଦାରଙ୍କୁ ପଚାରିବାରେ ସେ କହିଥିଲେ ଯେ, ଅଭିଯୋଗ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋଭିଡ କଟକଣାରେ ଲୋକମାନେ ସର୍ବସ୍ୱ ହରାଇଥିବା ବେଳେ ଏହି ଭଣ୍ଡ ତାନ୍ତ୍ରିକ ବାବ ଜଣଙ୍କ ଏପରି ମିଥ୍ୟା ଗୁଜବ ପିଢା ଚାଲୁଥିବା ଘଟଣାକୁ ନେଇ ଏକପ୍ରକାର ସନ୍ଦେହ ସୃଷ୍ଟି ହେଲାଣି। ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ଭଣ୍ଡ ବାବାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।




## ଶିଳ୍ପ ସଂସ୍ଥା ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ହୀରାକୁଦକୁ 'ଶୂନ୍ୟ ଫ୍ଲୋରାଇଡ' ଜଳ ଭଣ୍ଡାରରେ ପରିଣତ କର



**ଭୁବନେଶ୍ୱର :** ହୀରାକୁଦ ଜଳଭଣ୍ଡାର ନିକଟରେ ଥିବା ଆଲୁମିନିୟମ୍ ପ୍ଲାଣ୍ଟରୁ ନିର୍ଗତ ଫ୍ଲୋରାଇଡ୍ ଯେପରି ଜଳଭଣ୍ଡାର ମଧ୍ୟକୁ ନଯାଏ ସେଥିପ୍ରତି ସତର୍କ ଦୃଷ୍ଟିରଖିବାକୁ ହେବ। ଫ୍ଲୋରାଇଡ୍ ବିଘଟନ ପ୍ରକ୍ରିୟାରେ ଭୂତଳ ଜଳ ସଂକ୍ରମିତ ନ ହେବାକୁ ବି ଦୃଷ୍ଟି ଦେବାକୁ ପଡ଼ିବ। ଶିଳ୍ପ ସଂସ୍ଥା ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିଚାଳନା ପରିଷଦ ବୈଠକ ବସିଥିଲା ଓ ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ମହାପାତ୍ର ବିଭିନ୍ନ ଶିଳ୍ପାଞ୍ଚଳ ଓ ସହରରେ ପ୍ରଦୂଷଣ ମୁକ୍ତ ସ୍ୱଚ୍ଛ-ବାୟୁ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ସହରାଞ୍ଚଳ-ଜଙ୍ଗଲ ସ୍ୱଚ୍ଛ ବାୟୁ, ଭୂତଳ ଜଳସ୍ତର ଏବଂ ସୁସ୍ଥ ଜୀବନ ଧାରଣ ନିମନ୍ତେ ବହୁଭାବେ ସହାୟକ ହୋଇଥାଏ। ଏହାଛଡ଼ା ସହରାଞ୍ଚଳ ଜଙ୍ଗଲ ବିକାଶଧାରାକୁ ସତେଜ ରଖିବା ସହ ସବୁଜ-ବାତାବରଣ ସୃଷ୍ଟି କରିଥାଏ। ଉଦାହରଣ ସ୍ୱରୂପ ଭୁବନେଶ୍ୱରରେ ଥିବା ଭରତପୁର ଅଭୟାରଣ୍ୟ, ଏକାମ୍ର କାନନ, ଜୟଦେବ ବାଟିକା ଏବଂ ଚନ୍ଦକା ଜଙ୍ଗଲ ରେଞ୍ଜ ଭୁବନେଶ୍ୱର ସହର ପାଇଁ ବରଦାନ ସଦୃଶ କାର୍ଯ୍ୟ କରୁଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ବାୟୁର ଗୁଣାତ୍ମକମାନ ବିକାଶ କରିବା ଏବଂ ବିଭିନ୍ନ ଶିଳ୍ପାନୁଷ୍ଠାନରୁ ସୃଷ୍ଟି ହେଉଥିବା ପ୍ରଦୂଷଣର ଉପଯୁକ୍ତ ନିରାକରଣ କରିବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ସମୀକ୍ଷାରୁ ଜଣାପଡ଼ିଥିଲାଯେ ମୁଖ୍ୟ ଶାସନ ସଚିବଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ୧୪୫ ଟି ଅଧିକ ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପ ଚିହ୍ନଟ କରାଯାଇଥିଲା। ସେମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣର ପରିମାଣ ଓ ନିରାକରଣ ପରିଚାଳନା ନିମନ୍ତେ ଏହି ଶିଳ୍ପାନୁଷ୍ଠାନ ମାନେ ଉପଯୁକ୍ତ ସ୍ଥାନରେ ଉଚ୍ଚ କ୍ଷମତା ସଂପନ୍ନ ପ୍ରଦୂଷଣ ପର୍ଯ୍ୟବେକ୍ଷଣ କ୍ୟାମେରା ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ୨୪ ଟି ଶିଳ୍ପସଂସ୍ଥାରେ କ୍ୟାମେରା ସ୍ଥାପିତ ହୋଇସାରିଛି ଏବଂ ସେଗୁଡ଼ିକୁ ୱେବ୍ ପୋର୍ଟାଲ ମାଧ୍ୟମରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହ ସଂଯୋଜିତ କରାଯାଇଛି। ୬୧ ଟି ଶିଳ୍ପରେ କ୍ୟାମେରା ସ୍ଥାପନ କାର୍ଯ୍ୟ ଚାଲୁରହିଛି। ବାକିରହିଥିବା ସଂସ୍ଥାମାନେ ସମୟାନୁବନ୍ଧିତ ଭାବେ କ୍ୟାମେରା ସ୍ଥାପନ ଏବଂ କେନ୍ଦ୍ରିୟ ନିୟନ୍ତ୍ରଣ କକ୍ଷ ସହ ସଂଯୋଜନ ସାରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏକାମ୍ର କ୍ଷେତ୍ରରେ ସ୍ୱଚ୍ଛ-ବାୟୁ ଯୋଜନା ଏବଂ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଅଂଚଳମାନଙ୍କରେ ପରିବେଶ ପରିମାପକ ଜିଓ ଡାଟାବେସ୍ ପ୍ରସ୍ତୁତି ସମ୍ବନ୍ଧିତ ବିଷୟ ବୈଠକର ଆଲୋଚନାରେ ସ୍ଥାନ ପାଇଥିଲା। ଏକାମ୍ର କ୍ଷେତ୍ର ସ୍ୱଚ୍ଛ-ବାୟୁ କାର୍ଯ୍ୟଯୋଜନାରେ ସର୍ବନିମ୍ନ ନିର୍ଗମନ ଜୋନ୍ (ଲେସ୍ ଏମିସନ୍ ଜୋନ୍) ପଦ୍ଧତି ପ୍ରୟୋଗ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମ, ପ୍ରଦୂଷଣ ବୋର୍ଡ, ପୂର୍ତ୍ତ ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କୁ ସକ୍ରିୟଭାବେ ସାମିଲ୍ କରାଇ ଏହି ଯୋଜନାର କାର୍ଯ୍ୟାନ୍ୱୟନକୁ ଅଧିକ ସହଭାଗୀ-ଭିତ୍ତିକ ଓ ଲକ୍ଷଭେଦୀ କରାଇବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ବୋର୍ଡର ସଦସ୍ୟ ସଚିବ ଡଃ ମୁରୁଗେସାନ୍ ଜଣାଇଥିଲେ ଯେ ତାଳଚେର ସହର ପାଇଁ ପ୍ରାକୃତିକ ପରିବେଶ ମାପକ ଜିଓ-ଡାଟାବେସ୍ ପ୍ରସ୍ତୁତ କରିଛି। ଏହି ବ୍ୟବସ୍ଥାକୁ ଶିଘ୍ର ରାଉରକେଲା, କେନ୍ଦୁଝର, ବାଲେଶ୍ୱର, କଳିଙ୍ଗନଗର ଓ ଅନୁଗୁଳ ଶିଳ୍ପାଞ୍ଚଳମାନଙ୍କରେ ପ୍ରୟୋଗ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ତ୍ୱରିତ ନିଷ୍ପତ୍ତି ଏବଂ କାର୍ଯ୍ୟାନ୍ୱୟନ ନିମନ୍ତେ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟମାନଙ୍କୁ ଅଧିକ କ୍ଷମତା ବିକେନ୍ଦ୍ରୀକରଣ ପ୍ରସ୍ତାବ ମଧ୍ୟ ବୈଠକରେ ଅନୁମୋଦିତ ହୋଇଥିଲା। ପରିବେଶ ନିର୍ଦ୍ଦେଶକ ସୁକାନ୍ତ ନନ୍ଦ, ବ୍ୟଏଲର ଏବଂ ଫ୍ୟାକ୍ଟ୍ରିଜ ନିର୍ଦ୍ଦେଶକ ଡଃ ଏନ୍. ଥିରୁମାଲା ନାୟକ, ପ୍ରଦୂଷଣ ବୋର୍ଡ ସଦସ୍ୟ ସଚିବ ଡଃ କେ. ମୁରୁଗେସାନ୍, ବିଶେଷଜ୍ଞ ସଦସ୍ୟ ଡଃ ଅଜିତ୍ ପଟ୍ଟନାୟକ, ପ୍ରଫେସର ଅତନୁ ପତି, ଡଃ ଜି.କେ. ରାୟଙ୍କ ସହ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଔଷଧ ବଣ୍ଟନ ସମୟରେ ଅବଧି ଯାଞ୍ଚ ବାଧ୍ୟତାମୂଳକ

**ଭୁବନେଶ୍ୱର :** ଅବଧି ଶେଷ ହୋଇଯାଇଥିବା ଔଷଧର ବଣ୍ଟନ ଓ ବ୍ୟବହାର ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ପ୍ରତି ଔଷଧର ଅବଧି ତାରିଖକୁ ଭଲ ଭାବେ ଲେଖିବା ସହିତ ଷ୍ଟୋରକୁ ଔଷଧ ନିଆଗଲା ବେଳେ ଉଭୟ ଅନଲାଇନ୍ ଓ ଅଫଲାଇନ୍‌ରେ ଅବଧି ତାରିଖ ନେଇ ତଥ୍ୟ ରଖିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଦିନ ଔଷଧର ଅବଧି ଯାଞ୍ଚ ହେବା ସହିତ ଯେଉଁସବୁ ଔଷଧର ଅବଧି ଆସନ୍ତା ୩ମାସ ଭିତରେ ଶେଷ ହେବ ତାହାକୁ ଅଲଗା ରଖିବାକୁ କୁହାଯାଇଛି।







Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି